CMYK

- Vol.- 46, Issue No. 148
- Friday, 28 August 2026
- ଶୁକ୍ରବାର, ୨୮ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ନେପାଳ ଜଳପ୍ରଳୟ

# ମୃତ୍ୟୁ ସଂଖ୍ୟା ୩୦୦ ପାର୍

କାଠମାଣ୍ଡୁ, ୨୭।୮: ନେପାଳରେ ଅକସ୍ମାତ୍ ଆସିଥିବା ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ବ୍ୟାପକ ଧନଜୀବନ ହାନି ଘଟିଛି। ପୋଲିସ ଏବଂ ଉଦ୍ଧାରକାରୀ ଦଳର ସୂଚନା ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ଅତିକମରେ ୩୫୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧,୩୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ୨୮୮ ଜଣ ଭାରତୀୟ ନାଗରିକ ମଧ୍ୟ ସାମିଲ ଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଅନେକ ସ୍ଥାନରେ ପାହାଡ଼ ଭୁଶୁଡ଼ି ଏବଂ ମାଟି ଧସିଯିବା ଫଳରେ ରାସ୍ତାଘାଟ ଓ ଘରଦ୍ୱାର ସମ୍ପୂର୍ଣ୍ଣ ଧ୍ୱଂସପାଇଛି। ସ୍ଥାନୀୟ ପ୍ରଶାସନ, ସେନା ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ନିରନ୍ତର ରେସ୍କ୍ୟୁ ଅପରେସନ୍ ଜାରି ରଖିଛନ୍ତି। ନିଖୋଜ ଲୋକଙ୍କୁ ଉଦ୍ଧାର କରିବା ପାଇଁ ହେଲିକପ୍ଟର ଏବଂ ବିଶେଷ ବୋଟର ସାହାଯ୍ୟ ନିଆଯାଉଛି। ତେବେ ଲଗାତାର ବର୍ଷା ଓ ଖରାପ ପାଣିପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏହି ଦୁର୍ଘଟଣା ପରେ ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଭାରତୀୟ ଦୂତାବାସ ଏବଂ ସରକାରୀ ସୂତ୍ରରୁ ନିଖୋଜ ଭାରତୀୟ ନାଗରିକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି ଏବଂ ସେମାନଙ୍କ ପରିବାର ସହ ଯୋଗାଯୋଗ ପାଇଁ ହେଲ୍ପଲାଇନ୍ ନମ୍ବର କାର୍ଯ୍ୟକାରୀ କରାଯାଇଛି। ନିଖୋଜ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଭୟଙ୍କର ଆକସ୍ମିକ ବନ୍ୟାରେ ବିପର୍ଯ୍ୟସ୍ତ ନେପାଳକୁ ଭାରତ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ରିଲିଫ୍ ସାମଗ୍ରୀ ପଠାଇଛି। ଏକ ସାମରିକ ପରିବହନ ବିମାନ ଯୋଗେ ୩୭.୫ ଟନ୍ ମାନବୀୟ ସହାୟତା, ବିପର୍ଯ୍ୟୟ ପ୍ରଶମନ ସାମଗ୍ରୀ, ଔଷଧ ଓ ଖାଦ୍ୟ ପ୍ୟାକେଟ୍ ନେପାଳକୁ ପଠାଯାଇଛି। ଏହା ପୂର୍ବରୁ ବୁଧବାର ଭାରତ ପକ୍ଷରୁ ୧୦ ଟନ୍ ମାନବୀୟ ସହାୟତା ଓ ଅନ୍ୟ ସାମଗ୍ରୀ ପଠାଯାଇଥିଲା। ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ସୋସିଆଲ ମିଡିଆରେ ଏହି ସୂଚନା ଦେଇ କହିଛନ୍ତି, ନେପାଳ ପାଇଁ ୩୭.୫ ଟନ୍ ରିଲିଫ୍ ସାମଗ୍ରୀ, ଔଷଧ ଓ ଖାଦ୍ୟ ପ୍ୟାକେଟ୍ ନେଇ ଦ୍ୱିତୀୟ ବିମାନ ଉଡ଼ାଣ ଆରମ୍ଭ କରିଛି। ନେପାଳ କର୍ତ୍ତୃପକ୍ଷଙ୍କ ସହ ଭାରତ ନିରନ୍ତର ଓ ଘନିଷ୍ଠ ସମ୍ପର୍କରେ ରହିଛି ଏବଂ ଚାଲିଥିବା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଦୃଢ଼ ସମର୍ଥନ ଜାରି ରଖିବ।




## ୨୮୮ ଭାରତୀୟ ନିଖୋଜ


ନୂଆଦିଲ୍ଲୀ, ୨୭।୮: ନେପାଳରେ ଆସିଥିବା ଜଳ ପ୍ରଳୟରେ ୨୮୮ ଜଣ ଭାରତୀୟ ନିଖୋଜ ରହିଛନ୍ତି । ଏମାନଙ୍କୁ ଖୋଜିବା ପାଇଁ ରେସକ୍ୟୁ ଅପରେସନ ଜାରି ରହିଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସୂଚନା ଦେଇଛନ୍ତି । ଏଯାଏଁ ୨୧ ଭାରତୀୟଙ୍କୁ ରେସକ୍ୟୁ କରାଯାଇଛି । ଏହି ମହାପ୍ରଳୟରେ ଅନେକ ଜୀବନ ଚାଲିଯାଇଥିବା ବେଳେ ମୃତଦେହ ଓ ଅନେକ ଜୀବନକୁ ବଞ୍ଚାଇବା ପାଇଁ ପ୍ରୟାସ ଜାରି ରହିଛି । ଅନେକ ଭାରତୀୟ ମଧ୍ୟ ନିଖୋଜ ରହିଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ, ନେପାଳ ଦୁର୍ଘଟଣାରେ ୨୮୮ ଜଣ ଭାରତୀୟ ନାଗରିକ ନିଖୋଜ ରହିଛନ୍ତି । ଏମାନଙ୍କ ମଧ୍ୟରୁ ୭୩ ଜଣ ତ୍ରିଶୂଳୀ ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ । ଏହା ବ୍ୟତୀତ ତାମିଲନାଡୁର ୩୭ ଏବଂ ୩୯ ଜଣଙ୍କ ଦୁଇଟି ଗୋଷ୍ଠୀ କୈଳାସ ମାନସରୋବର ଯାତ୍ରାରେ ଯାଇଥିଲେ । ପଶ୍ଚିମବଙ୍ଗର ୩୨ ଜଣଙ୍କର ଏକ ତୃତୀୟ ଗୋଷ୍ଠୀ ମଧ୍ୟ କୈଳାସ ମାନସରୋବର ଯାତ୍ରାରେ ଅଛନ୍ତି । ବିଭିନ୍ନ ରାଜ୍ୟରୁ ଆହୁରି ୬୧ ଜଣ ନେପାଳରେ ନିଖୋଜ ଅଛନ୍ତି । ଏହା ବ୍ୟତୀତ, କେରଳର ୩୩ ଜଣଙ୍କର ଏକ ଗୋଷ୍ଠୀ ନେପାଳରେ ନିଖୋଜ ରହିଛନ୍ତି । ତାମିଲନାଡୁର ୨୧ ଜଣ ନିଖୋଜ ଲୋକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି ଏବଂ ଖୁବ୍ ଶୀଘ୍ର ସେମାନଙ୍କୁ କାଠମାଣ୍ଡୁରୁ ନୂଆଦିଲ୍ଲୀ ଫେରାଇ ଅଣାଯିବ ।

# ଗୋଳାବନ୍ଧ ବିସ୍ଥାପିତଙ୍କ ପାଇଁ ୭୫.୬୦ କୋଟିର ପ୍ୟାକେଜ୍

- ଛେଳିଗଡ଼ ଜଳସେଚନ ପ୍ରକଳ୍ପ ବିସ୍ଥାପିତ ୧୧୨ ପରିବାରକୁ ଘରବାରି ଓ ଚାଷଜମି ପଟ୍ଟା, ପାଇଲେ ୯୬ ପରିବାର
- ସାମୁଦ୍ରିକ ଅର୍ଥନୀତିର ହେବ ବିକାଶ, ଅର୍ଜିପଲ୍ଲୀ ବନ୍ଦର ନବୀକରଣ ସହ ଗଢ଼ାହେବ ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର
- ଆଗାମୀ ୨ ବର୍ଷରେ ରାଜ୍ୟରେ ୫ ଲକ୍ଷ ନିଯୁକ୍ତି, ନିଜକୁ ଦକ୍ଷ କରନ୍ତୁ ଯୁବଗୋଷ୍ଠୀ: ମୁଖ୍ୟମନ୍ତ୍ରୀ

ଗଞ୍ଜାମ, ୨୭।୮: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲାର ଗୋଳାବନ୍ଧଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ଗୋଳାବନ୍ଧ ଓ ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତ ଅଧିବାସୀଙ୍କ ପାଇଁ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ୍‌ର କାର୍ଯ୍ୟକାରିତା ଶୁଭାରମ୍ଭ କରିବା ସହ ହିତାଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଗୋଳାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫.୬୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥିସହ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କାର ଏକକାଳୀନ ସହାୟତା, ଗୃହ ନିର୍ମାଣ ଓ ଆଧୁନିକ ସାମୁଦାୟିକ ଭିତ୍ତିଭୂମିର ବିକାଶ ପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ସ୍ୱତନ୍ତ୍ର ପୁନର୍ବାସ ପ୍ୟାକେଜ୍ ଅଧୀନରେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ବା ଡିବିଟି ମାଧ୍ୟମରେ ଏକକାଳୀନ କ୍ଷତିପୂରଣ ପ୍ରଦାନ ସହ ଆବାସ ଯୋଜନାରେ ବାସଗୃହ ନିର୍ମାଣ ବ୍ୟବସ୍ଥା କରାଯାଇଛି। ଘର ନିର୍ମାଣ ସହାୟତା ବାବଦରେ ୪ କୋଟି ୨୫ ଲକ୍ଷ ୧୦ ହଜାର ଆବଣ୍ଟନ କରିଛନ୍ତି । ଏହା ସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ୧୧୨ ପରିବାରକୁ ଦିଗପହଣ୍ଡି ତହସିଲ ଅନ୍ତର୍ଗତ ସାନ୍ତରାପୁର ଠାରେ ପୁନର୍ବାସିତ କରାଯାଇ ଘରବାରି ଓ ଚାଷଜମିର ସ୍ଥାୟୀ ସତ୍ତ୍ୱାଧିକାର ପଟ୍ଟା ବଣ୍ଟନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୯୬ ପରିବାରକୁ ମୁଖ୍ୟମନ୍ତ୍ରୀ ଘରବାରି ଓ ଜମି ପଟ୍ଟା ବଣ୍ଟନ କରିଛନ୍ତି । ଏହା ସହିତ ନୂଆ କୀର୍ତ୍ତିପୁର ପୁନର୍ବାସ କଲୋନୀରେ ଉନ୍ନତ ପକ୍କା ରାସ୍ତା, ଆଲୋକୀକରଣ, ଅଙ୍ଗନବାଡ଼ି କେନ୍ଦ୍ର, ବାଣିଜ୍ୟିକ ପରିସର, ବାତ୍ୟା ଆଶ୍ରୟସ୍ଥଳୀ ଏବଂ ମତ୍ସ୍ୟଜୀବୀଙ୍କ ଡଙ୍ଗା ରଖିବା ପାଇଁ ବେଳାଭୂମିର ସମତୁଲକରଣ ଭଳି ନାଗରିକ ଭିତ୍ତିଭୂମି ପ୍ରତିଷ୍ଠା କରାଯାଉଛି।



ପବିତ୍ର ରକ୍ଷା ବନ୍ଧନ ଅବସରରେ 'ଦିନଲିପି' ପକ୍ଷରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

## ହିତାଧିକାରୀଙ୍କୁ ଆଜି ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୨୭।୮: ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାର ୫ମ କିସ୍ତି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରିବାକୁ ଯାଉଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୧,୦୩,୨୬,୧୬୨ (୧.୦୩ କୋଟିରୁ ଅଧିକ) ମହିଳା ଉପକୃତ ହେବେ। ସୂଚନା ଅନୁଯାୟୀ, ଏହି ୫ମ କିସ୍ତି ପାଇଁ ରାଜ୍ୟ ସରକାର ମୋଟ ୫,୧୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସିଧାସଳଖ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ସ୍ଥିର ହୋଇଛି । ଏହି ପର୍ଯ୍ୟାୟରେ ପ୍ରାୟ ୨.୨୧ ଲକ୍ଷ ନୂତନ ଭାବେ ଯୋଗ୍ୟ ବିବେଚିତ ହୋଇଥିବା ମହିଳା ପ୍ରଥମ ଥର ପାଇଁ ସୁଭଦ୍ରା ଯୋଜନାର ଆର୍ଥିକ ସହାୟତା ପାଇବେ। ପୂର୍ବରୁ ଆବେଦନ କରି ବିଭିନ୍ନ କାରଣରୁ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଏବଂ ନୂତନ ଭାବେ ଯାଞ୍ଚ ପରେ ଯୋଗ୍ୟ ହୋଇଥିବା ହିତାଧିକାରୀମାନଙ୍କ ପାଇଁ ସରକାର ବଡ଼ ସୁବିଧା କରିଛନ୍ତି।






CMYK



# ଗହ୍ମା ପୂର୍ଣ୍ଣିମା

ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ଗହ୍ମା ପୂର୍ଣ୍ଣିମା। ରାକ୍ଷୀ ପିନ୍ଧିବେ ମହାପ୍ରଭୁ । ଏଥିପାଇଁ ଚାଲିଛି ରାକ୍ଷୀ ତିଆରି । ବଡ ଠାକୁରଙ୍କ ପାଇଁ ବଡ଼ ରାକ୍ଷୀ ପ୍ରସ୍ତୁତିରେ ଲାଗପଡିଛନ୍ତି ସେବାୟତ । ନାଲି, ନେଳୀ, ହଳଦିଆ ଓ ବାଇଗଣୀ ରଙ୍ଗର ରାକ୍ଷୀ ପିନ୍ଧିବେ ଚତୁର୍ଦ୍ଧାମୂର୍ତ୍ତି । ଶୁକ୍ରବାର ପବିତ୍ର ଗହ୍ମା ପୁନେଁଇରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ରାକ୍ଷୀ ପିନ୍ଧାଇବେ ଭଉଣୀ ସୁଭଦ୍ରା। ଦୁଇ ଭାଇ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧି ନିଜ ସୁରକ୍ଷା ଲୋଡିବେ ମା' ସୁଭଦ୍ରା । ଭାଇ ଭଉଣୀଙ୍କ ଥିବା ଏହି ସମ୍ପର୍କ ଡୋରିର ନିଦର୍ଶନକୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରହିଚି ବହୁତ୍ ଉତ୍କଣ୍ଠା।


ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ଦୟାନିଧି ପଣ୍ଡା କୁହନ୍ତି, ଶ୍ରୀକ୍ଷେତ୍ରରେ ମହାପ୍ରଭୁ ମାନବୀୟ ଲୀଳା କରୁଛନ୍ତି। ଭାଇ ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କ ଓ ଭଉଣୀଙ୍କ ସୁରକ୍ଷା ନେଇ ଭାଇର କିଭଳି ସବୁବେଳେ କର୍ତ୍ତବ୍ୟ ରହିଛି ସେହି ବାର୍ତ୍ତା ମଧ ମହାପ୍ରଭୁ ସମଗ୍ର ବିଶ୍ୱକୁ ଏହି ରକ୍ଷା ବନ୍ଧନ ଉତ୍ସବ ମାଧ୍ୟମରେ ଦେଉଛନ୍ତି। ସ୍ୱତନ୍ତ୍ର ବାସୁଙ୍ଗା ପାଟରେ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ରାକ୍ଷୀ ପାଟରା ବିଷୋୟୀ ସେବକମାନେ ପ୍ରସ୍ତୁତ କରିଥାନ୍ତି । ଗହ୍ମାପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ନୀତି ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ବଳଭଦ୍ରଙ୍କଠାରେ ରାକ୍ଷୀ ଲାଗି ନୀତି ଅନୁଷ୍ଠିତ ହୋଇଥାଏ । ସେହିଦିନ ମଧ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ନୀତି ମଧ ଅନୁଷ୍ଠିତ ହୋଇଥାଏ।



### ବଡ଼ ରାକ୍ଷୀ ପିନ୍ଧିବେ ବଡ଼ଠାକୁର:

ବିଧି ଅନୁସାରେ ଚିତାଲାଗି ଅମାବାସ୍ୟାଠାରୁ ମହାପ୍ରଭୁଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥାଏ । ମହାପ୍ରଭୁଙ୍କ ରାକ୍ଷୀ ତିଆରି କରୁଥିବା ସ୍ୱତନ୍ତ୍ର ସେବକ ପାଟରା ବିଷୋୟୀ ସେବକ ନିଜ ବାସଗୃହରେ ରାକ୍ଷୀ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ବିଧି ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଓ ଶ୍ରୀ ବଳଭଦ୍ର ଦୁଇଟି ଲେଖାଏଁ ରାକ୍ଷୀ ପରିଧାନ କରିଥାନ୍ତି। ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆ ମାଳ ପରିଧାନ କରି ରାକ୍ଷୀ ପୂର୍ଣ୍ଣିମାରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜିଉ। ସେହିପରି ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ମଧ ପାଳନ ହେବ।







### କିଭଳି ପ୍ରସ୍ତୁତ ହୁଏ ମହାପ୍ରଭୁଙ୍କ ରାକ୍ଷୀ:

ରାକ୍ଷୀ ତିଆରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଟରା ବିଷୋୟୀ ସେବକଙ୍କୁ ଆବଶ୍ୟକ ପରିମାଣର ବାସୁଙ୍ଗା ପାଟ ଯୋଗାଇ ଦିଆଯାଏ। ଏହାକୁ ପ୍ରାକୃତିକ ରଙ୍ଗରେ ବୁଡ଼ାଇ ଖରାରେ ସୁଖାଯାଇଥାଏ। ହଳଦିଆ, ନାଲି, ନେଳି ଓ ବାଇଗଣୀ ରଙ୍ଗରେ ବାସୁଙ୍ଗା ପାଟକୁ ରଙ୍ଗୀନ କରାଯିବା ପରେ ତାକୁ ନିର୍ଦ୍ଦିଷ୍ଟ ମାପରେ କଟାଯାଇ ଗୋଲେଇ ଆକାରରେ ପ୍ରସ୍ତୁତ କରାଯାଇଥାଏ। କାଠ ପାନିଆରେ ଏହାକୁ ସାଇଜ କରାଯାଇ ୫ ଥାକିଆ ରାକ୍ଷୀ ପ୍ରସ୍ତୁତ କରାଯାଏ। ବାସୁଙ୍ଗା ପାଟରେ ଡୋରି ମଧ ପ୍ରସ୍ତୁତ କରାଯାଇଥାଏ। ଏଥି ସହିତ ୫୪ ଟି ଲେଖାଏଁ ଗୁଆରେ ୪ ଟି ଗୁଆମାଳ ପ୍ରସ୍ତୁତ କରାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ପ୍ରଭୂ ଶ୍ରୀ ବଳଭଦ୍ର ନେଳି ଓ ବାଇଗଣୀ ରଙ୍ଗର ଗୁଆମାଳ ପରିଧାନ କରିଥାନ୍ତି। ଏହା ବ୍ୟତୀତ ବାସୁଙ୍ଗା ପାଟରେ ୧୫ ଟି ଛୋଟ ରାକ୍ଷୀ ପ୍ରସ୍ତୁତ ହୋଇଥାଏ। ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବାଦେବୀ ମଧ ଏହି ଛୋଟ ରାକ୍ଷୀ ପରିଧାନ କରିଥାନ୍ତି। ପମହାପ୍ରଭୁଙ୍କ ପାଟରା ବିଷୋୟୀ ସେବକ ସନ୍ତୋଷ କୁମାର ପାତ୍ର କୁହନ୍ତି, ଆମେ ମହାପ୍ରଭୁ ଙ୍କ ରାକ୍ଷୀ ପ୍ରସ୍ତୁତି କାର୍ଯ୍ୟ ଚିତା ଲାଗି ଅମାବାସ୍ୟା ପର ଠାରୁ ଆରମ୍ଭ କରିଥାଉ। ଶ୍ରୀମନ୍ଦିର ପ୍ରଶାସନ ଆମକୁ ରାକ୍ଷୀ ପ୍ରସ୍ତୁତି ପାଇଁ ବାସୁଙ୍ଗା ପାଟ ଯୋଗାଇ ଦେଇଥାଏ। ମହାପ୍ରଭୁ ଙ୍କ ରାକ୍ଷୀ ସେ ନିଜେହିଁ ତିଆରି କରିଥାନ୍ତି। ଆମେ ନିମିତ୍ତ ମାତ୍ର। ମହାପ୍ରଭୁଙ୍କ ସେବା କରିବା ପାଇଁ ଆମକୁ ସୁଯୋଗ ମିଳିଥିବାରୁ ଆମେ ନିଜକୁ ଧନ୍ୟ ମନେକରୁଛୁ। ଏହି ସେବା ଆମର ପାରିବାରିକ ସେବା। ପୀଢ଼ି ପରେ ପୀଢ଼ି ଏହି ସେବା ଆମେ କରିଆସୁଛୁ।।



# ଦେବତାଙ୍କ ଆରାଧନା

ଶ୍ରୁତି, ଅନୁଶ୍ରୁତି, ପୁରାଣ ଆଦି ଗ୍ରନ୍ଥମାନଙ୍କର ପାରାୟଣରୁ ସ୍ପଷ୍ଟ ଯେ, ମୂଳତଃ ଦେବତ୍ରୟଙ୍କ କଳ୍ପନା ସର୍ବାଧିକ ମାନ୍ୟତା ଲାଭ କରିଛି। ଏହି ତ୍ରିଦେବ ବ୍ରହ୍ମା,ବିଷ୍ଣୁ ଓ ମହେଶ ନାମରେ ଖ୍ୟାତ ଅଟନ୍ତି। ସାଂସ୍କୃତିକ ଦୃଷ୍ଟିକୋଣରୁ ପ୍ରାୟ ପ୍ରତ୍ୟେକ ଦେଶର ମାନ୍ୟ ଦେବତାଙ୍କ ସ୍ୱରୂପ ପ୍ରତୀକାତ୍ମକ । ଏସବୁକୁ ଧ୍ୟାନ ଦେଲେ ଜଣାଯାଏ ଯେ, ଦେବତାଙ୍କ ସ୍ଥିତି ମନୁଷ୍ୟ ଏବଂ ପରମାତ୍ମାଙ୍କ ମଧ୍ୟବର୍ତ୍ତୀ ଅଟେ। ସଂଘର୍ଷମୟ ଜୀବନରେ ମନୁଷ୍ୟ ନିରାଶ ହୋଇ ଯାଉଥିବା ବେଳେ କୌଣସି ସାହାରାର ଆବଶ୍ୟକ କରିଥାଏ ଏବଂ ନିଜର କାର୍ଯ୍ୟସିଦ୍ଧି ପାଇଁ ଦେବତାଙ୍କ ଆରାଧନା କରିଥାଏ। ଭକ୍ତମାନେ ନିଜର କାର୍ଯ୍ୟସିଦ୍ଧି ଦେବତାଙ୍କୁ ଭିନ୍ନ ଭିନ୍ନ ରୂପରେ ଆରାଧନା କରିଥାନ୍ତି। ସବୁଠାରୁ ବିଚିତ୍ର କଥା ହେଉଛି ଦେବୀ ଦେବତାଙ୍କ ବାହନ ଗୋଟିଏ ଅନ୍ୟଠାରୁ ଅଲଗା ଅଟେ। ଏହା ମଧ୍ୟ କୌଣସି ଭାବନାର ପ୍ରତୀକ ସ୍ୱରୂପ ସୃଷ୍ଟି ହୋଇଥିବା କୁହାଯାଏ। କିନ୍ତୁ ନିଜେ କୌଣସି ପରିସ୍ଥିତିରେ ବିଚଳିତ ହୋଇ ନଥାନ୍ତି। ଆଦିତ୍ୟ ଦେବତା ପ୍ରାକୃତିକ ଅବୟବକୁ ଗ୍ରହଣ ତଥା ବିତରଣ କରିବାରେ ସମର୍ଥ ଅଟନ୍ତି। ମରୁତ ଦେବ ମିତ୍ରଙ୍କ ପାଇଁ ଆତ୍ମୋତ୍ସର୍ଗ କରିବାରେ ତତ୍ପର ଥାଆନ୍ତି ତଥା ମିତ୍ରପ୍ରବଣ ଅଟନ୍ତି। ସେହିପରି ବିଶ୍ୱଦେବ ଦାନଶୀଳ ତଥା ପ୍ରକାଶିତ କରିବା ବାଲା ଅଟନ୍ତି। ଇନ୍ଦ୍ରଦେବ ଐଶ୍ବର୍ଯ୍ୟଶାଳୀ ଏବଂ ଦେବତାଙ୍କ ଅଧିପତି ଅଟନ୍ତି। ସେହିପରି ବୃହସ୍ପତି ବିରାଟ ବିଚାରର ଅଧିପତି ଏବଂ ବିତରକ ଅଟନ୍ତି। ବରୁଣ ଦେବ ଶୁଭ ତଥା ସତ୍ୟ ଗ୍ରହଣ କରି ଅସତ୍ୟ, ଅଶୁଭକୁ ତ୍ୟାଗ କରିବା ସହ ଅନ୍ୟମାନଙ୍କୁ ଏହି ବ୍ୟବହାର କରାଇଥାନ୍ତି।



ସଂଘର୍ଷମୟ ଜୀବନରେ ମନୁଷ୍ୟ ନିରାଶ ହୋଇ ଯାଉଥିବା ବେଳେ କୌଣସି ସାହାରାର ଆବଶ୍ୟକ କରିଥାଏ ଏବଂ ନିଜର କାର୍ଯ୍ୟସିଦ୍ଧି ପାଇଁ ଦେବତାଙ୍କ ଆରାଧନା କରିଥାଏ।



# ଲୌକିକ ରୂପ

ହିନ୍ଦୁ ଧର୍ମରେ ଦେବାତା କିମ୍ବା ପରମେଶ୍ୱରଙ୍କ ଲୌକିକ ରୂପ କିମ୍ବା ତାଙ୍କୁ ଈଶ୍ୱରଙ୍କ ସଗୁଣ ରୂପ ଭାବେ ବିବେଚନା କରାଯାଏ। ଦେବ ଶବ୍ଦରେ 'ତଲ୍' ପ୍ରତ୍ୟୟ ଲଗାଇ 'ଦେବତା' ଶବ୍ଦର ବ୍ୟୁପତ୍ତି ହୋଇଛି। ଏହାର ବ୍ୟାଖ୍ୟାରେ କୁହାଯାଇଛି ଯେ, ଯେ କିଛି ଦେଇଥାନ୍ତି ସେ ଦେବତା ଅଟନ୍ତି ଅର୍ଥାତ୍ ଦେବତା ସ୍ୱୟଂ ଦ୍ୟୁତିମାନ ତଥା ଶକ୍ତିସଂପନ୍ନ ଅଟନ୍ତି। କୌଣସି ବି ପରଲୌକିକ ଶକ୍ତିର ପାତ୍ର, ଯିଏ ଅମର ଏବଂ ପରପ୍ରାକୃତିକ ଥିବାରୁ ତାଙ୍କୁ ପୂଜା କରାଯାଏ। ତାଙ୍କୁ ହିଁ ଦେବତା କୁହାଯାଏ। ଯଜୁର୍ବେଦ ଅନୁସାରେ ମୁଖ୍ୟ ଦେବତାଙ୍କ ସଂଖ୍ୟା ୧୦ ଅଟେ। ଅଗ୍ନିଦେବତା, ସୂର୍ଯ୍ୟ ଦେବତା, ଚନ୍ଦ୍ରମା ଦେବତା, ବସବୋ ଦେବତା, ରୁଦ୍ର ଦେବତା, ଆଦିତ୍ୟ ଦେବତା, ମରୁତ ଦେବତା, ବିଶ୍ୱେଦେବା ଦେବତା, ବୃହସ୍ପତି ଦେବତା, ବରୁଣ ଦେବତା। ଅଗ୍ନି – ଅଗ୍ନିଦେବ ନିଜେ ଅଗ୍ରସର ହୋଇ ଅନ୍ୟକୁ ମଧ ଅଗ୍ରସର କରାଇଥାନ୍ତି । ସୂର୍ଯ୍ୟ ଦେବତା ଉତ୍ପାଦନ କରିବାବାଲା ଅଟନ୍ତି ତଥା ଉତ୍ପାଦନ ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥାନ୍ତି। ଚନ୍ଦ୍ର ଦେବତାଙ୍କ ଆହ୍ଲାଦମୟ ଅଟନ୍ତି ଏବଂ ଅନ୍ୟକୁ ଆହ୍ଲାଦ ବିତରଣ କରିଥାନ୍ତି । ସେହିପରି ବାସବ ଦେବତା ସର୍ବଦା ସ୍ଥିରତା ଅବଲମ୍ବନ କରିଥାନ୍ତି। ରୁଦ୍ର ଦେବତା ଉପଦେଶ, ସୁଖ, କର୍ମାନୁସାରେ ଦଣ୍ଡ ପ୍ରଦାନ କରି କନ୍ଦାଇଥାନ୍ତି।



# ରହସ୍ୟମୟ କଳାକୃତି

**ଦେବାଦେବୀଙ୍କ ମୂର୍ତ୍ତି ସାଙ୍ଗକୁ ଝରଣାର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କୁ ଶାନ୍ତି ପ୍ରଦାନ କରେ । ଏଠାରେ ଏକ ସଂଗ୍ରହାଳୟ ମଧ ରହିଛି ।**

ଧର୍ମସ୍ଥଳୀ ତା ସାଙ୍ଗକୁ ପର୍ଯ୍ୟଟନ ସ୍ଥଳୀ । କାହିଁ କେତେ ଦୂରରୁ ଲୋକଙ୍କୁ ଏଠାକୁ ଟାଣିଆଣେ ଏଠାକର କଳାକୃତି । କଳାକୃତିରେ ଭରା ହିନ୍ଦୁ ଦେବାଦେବୀଙ୍କ ପ୍ରତିମୂର୍ତ୍ତି । ପାହାଡ଼ରେ ଆଛଦ ଏହି ସ୍ଥାନରେ ଦେବାଦେବୀଙ୍କ କଳାକୃତି ଖୁବ୍ ମନୋରମ । ଉନାକୋଟି, ଏହା ଏକ ବଙ୍ଗଳା ଶବ୍ଦ । ଯାହାର ଅର୍ଥ ହେଉଛି କୋଟିଏରୁ ଗୋଟିଏ କମ୍ । କିନ୍ତୁ ଏହି ସ୍ଥାନକୁ ନେଇ ରହିଛି ଏକ ରହସ୍ୟମୟ କାହାଣୀ । ପୌରାଣିକ କଥା ଅନୁସାରେ, ପୃଥିବୀ ଭ୍ରମଣରେ ବାହାରିଥିଲେ ୧ କୋଟି ଦେବାଦେବୀ। କୈଳାସକୁ ଯିବା ରାସ୍ତାରେ ହଠାତ୍ ରାତି ହୋଇଯିବାରୁ କ୍ଲାନ୍ତ ହୋଇ ସମସ୍ତେ ଉନାକୋରେଟି ବିଶ୍ରାମ କଲେ। କିନ୍ତୁ ସମସ୍ତଙ୍କୁ ସୂର୍ଯ୍ୟୋଦୟ ପୂର୍ବରୁ ନିଦ୍ରା ଭାଙ୍ଗିବାର ଥିଲା । ଏହାପରେ ଯାତ୍ରା ପୁଣିଥରେ ଆରମ୍ଭ ହୋଇଥାନ୍ତା । କିନ୍ତୁ ଠିକ୍ ସମୟରେ କେବଳ ପ୍ରଭୁ ଶିବ ହିଁ ଉଠିଥିଲେ । ଶିବ ଉଠିବା ବେଳକୁ ସମସ୍ତ ଦେବାଦେବୀ ସେମିତି ନିଦ୍ରାରେ ଶୋଇ ରହିଥିଲେ । ଖାଲି ସେତିକି ନୁହେଁ କ୍ଲାନ୍ତ ହୋଇ ଯାଇଥିବାରୁ କାହାର ମଧ ଉଠିବାରେ ଇଚ୍ଛା ନଥିଲା । ଯାହାପରେ କ୍ରୋଧିତ ହୋଇ ପଥରରେ ପରିଣତ ହୋଇଯାଅ ବୋଲି ଶିବ ଅଭିଶାପ ଦେଇଥିଲେ । ତେଣୁ ସମସ୍ତ ଦେବାଦେବୀ ସେଠାରେ ପଥର ପାଲଟି ଯାଇଥିଲେ । ଉନାକୋଟି ଅଗରତାଲାରୁ ୧୪୦ କିଲୋମିଟର ଦୂରରେ ଅବସ୍ଥିତ । ଏଠାକୁ ଯିବାପାଇଁ ବସ୍ ଏବଂ ଟ୍ରେନର ସୁବିଧା ରହିଛି । କିନ୍ତୁ ଏଠାକୁ ଯିବାର ସର୍ବୋତ୍ତମ ସମୟ ହେଉଛି ଶୀତଦିନ । ଦେବାଦେବୀଙ୍କ ମୂର୍ତ୍ତି ସାଙ୍ଗକୁ ଝରଣାର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କୁ ଶାନ୍ତି ପ୍ରଦାନ କରେ । ଏଠାରେ ଏକ ସଂଗ୍ରହାଳୟ ମଧ ରହିଛି । ଏଠାରେ ଥିବା କିଛି ଦେବାଦେବୀଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ୩୦ରୁ ୪୦ ଫିଟ୍ ।

# -ଅଗ୍ନିଦେବ-

ମରୁତ ଦେବ ମିତ୍ରଙ୍କ ପାଇଁ ଆତ୍ମୋତ୍ସର୍ଗ କରିବାରେ ତତ୍ପର ଥାଆନ୍ତି ତଥା ମିତ୍ରପ୍ରବଣ ଅଟନ୍ତି। ସେହିପରି ବିଶ୍ୱଦେବ ଦାନଶୀଳ ତଥା ପ୍ରକାଶିତ କରିବାବାଲା ଅଟନ୍ତି। ଇନ୍ଦ୍ରଦେବ ଐଶ୍ବର୍ଯ୍ୟଶାଳୀ ଏବଂ ଦେବତାଙ୍କ ଅଧିପତି ଅଟନ୍ତି। ସେହିପରି ବୃହସ୍ପତି ବିରାଟ ବିଚାରର ଅଧିପତି ଏବଂ ବିତରକ ଅଟନ୍ତି। ବରୁଣ ଦେବ ଶୁଭ ତଥା ସତ୍ୟ ଗ୍ରହଣ କରି ଅସତ୍ୟ, ଅଶୁଭକୁ ତ୍ୟାଗ କରିବା ସହ ଅନ୍ୟମାନଙ୍କୁ ଏହି ବ୍ୟବହାର କରାଇଥାନ୍ତି। ଅଗ୍ନିଦେବତା, ସୂର୍ଯ୍ୟ ଦେବତା, ଚନ୍ଦ୍ରମା ଦେବତା, ବସବୋ ଦେବତା, ରୁଦ୍ର ଦେବତା, ଆଦିତ୍ୟ ଦେବତା, ମରୁତ ଦେବତା, ବିଶ୍ୱେଦେବା ଦେବତା, ବୃହସ୍ପତି ଦେବତା, ବରୁଣ ଦେବତା। ଅଗ୍ନିଦେବ ନିଜେ ଅଗ୍ରସର ହୋଇ ଅନ୍ୟକୁ ମଧ ଅଗ୍ରସର କରାଇଥାନ୍ତି । ସୂର୍ଯ୍ୟ ଦେବତା ଉତ୍ପାଦନ କରିବାବାଲା ଅଟନ୍ତି ତଥା ଉତ୍ପାଦନ ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥାନ୍ତି। ଚନ୍ଦ୍ର ଦେବତାଙ୍କ ଆହ୍ଲାଦମୟ ଅଟନ୍ତି ଏବଂ ଅନ୍ୟକୁ ଆହ୍ଲାଦ ବିତରଣ କରିଥାନ୍ତି । ସେହିପରି ବାସବ ଦେବତା ସର୍ବଦା ସ୍ଥିରତା ଅବଲମ୍ବନ କରିଥାନ୍ତି। ରୁଦ୍ର ଦେବତା ଉପଦେଶ, ସୁଖ, କର୍ମାନୁସାରେ ଦଣ୍ଡ ପ୍ରଦାନ କରି କନ୍ଦାଇଥାନ୍ତି।




# ଦାନର ମହତ୍ତ୍ୱ

ପ୍ରତ୍ୟେକ ଧର୍ମରେ ଦାନର ବିଶେଷ ମହତ୍ତ୍ୱ ରହିଛି। ଦାନ କରିବା ଦ୍ୱାରା ମୋହରୁ ମୁକ୍ତି ମିଳିବା ସହ ଜୀବନର ଅନେକ ଦୋଷ ମଧ ଦୂର ହୋଇଥାଏ। ଅନ୍ନଦାନ, ବସ୍ତ୍ରଦାନ, ଗୋଦାନ, ଧାତୁଦାନ, ଧନଦାନ ଆଦି କରି ମନୁଷ୍ୟ ପୁଣ୍ୟର ଅଧିକାରୀ ହୋଇଥାଏ। ସାଂସାରିକ ଆସକ୍ତି ଓ ମୋହ ମାୟାରୁ ମୁକ୍ତି ମିଳିଥାଏ। ଦାନ ହେଉଛି ଏପରି କାର୍ଯ୍ୟ, ଯାହା ମାଧ୍ୟମରେ ମନୁଷ୍ୟ କେବଳ ଧର୍ମ ଅର୍ଜନ କରେ ତା'ନୁହେଁ; ଏହାଦ୍ୱାରା ଜୀବନର ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ। ଜଣେ ଦାନକଲେ ଆତ୍ମସନ୍ତୋଷ ଲାଭ କରେ ।

***ଦାନ କରିବା ଦ୍ୱାରା ମୋହରୁ ମୁକ୍ତି ମିଳିବା ସହ ଜୀବନର ଅନେକ ଦୋଷ ମଧ ଦୂର ହୋଇଥାଏ।***

ଏହାଦ୍ୱାରା ପ୍ରାରବ୍ଧ ପାଇଁ ସଞ୍ଚିତ ହୋଇ ରହେ ମହାପୁଣ୍ୟ । ଅନ୍ନଦାନ କରିବା ଦ୍ୱାରା ଜୀବନରେ ଖାଦ୍ୟର ଅଭାବ ରହେ ନାହିଁ। ସେହିଭଳି ଧାତୁଦାନ କରିବା ଦ୍ୱାରା ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ। ବସ୍ତ୍ର ଦାନ ଦ୍ୱାରା ଇହଧାମରେ ମନୁଷ୍ୟଙ୍କୁ ସମସ୍ତ ସୁଖ ପ୍ରାପ୍ତ ହୋଇଥାଏ। ଯେଉଁ ବ୍ୟକ୍ତି ବସ୍ତ୍ରଦାନ କରନ୍ତି ତାଙ୍କୁ ବ୍ରହ୍ମଲୋକ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।



# ୮୦୦୦ ବର୍ଷ ତଳର ପୁରୁଣା ମନ୍ଦିର



ଇସଲାମିକ ଦେଶ ସାଉଦି ଆରବରେ ରହିଛି ପ୍ରାୟ ୮୦୦୦ ବର୍ଷ ତଳର ପୁରୁଣା ମନ୍ଦିର। ଯେଉଁଠି ପୂଜା ପାଉଥିଲେ ହିନ୍ଦୁ ଦେବାଦେବୀ। ୨୦୨୨ରେ ରାଜଧାନୀ ରିୟାଦର ଦକ୍ଷିଣ-ପଶ୍ଚିମ ଦିଗରେ ୮ ହଜାର ବର୍ଷ ପୁରୁଣା ପ୍ରତ୍ନତାତ୍ତ୍ୱିକ ସହର ଆଲ ଫାର ସନ୍ଧାନ ମଧ ମିଳିଥିଲା। ଏହି ସ୍ଥାନରେ ସାଉଦି ପ୍ରତ୍ନତତ୍ତ୍ୱ ବିଭାଗ ମଧ ଏକ ମନ୍ଦିରର ଅବଶେଷ ପାଇଛନ୍ତି। ବର୍ତ୍ତମାନ ଏହି ପ୍ରାଚୀନ ସ୍ଥାନରେ ମନ୍ଦିରର ଆବିଷ୍କାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଏହି ମନ୍ଦିର ପଥରରେ ନିର୍ମିତ। ଯଜ୍ଞ ବେଦୀର କିଛି ଅବଶେଷ ମଧ ସେଠାରେ ଦେଖିବାକୁ ମିଳିଛି। ଏହା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଅଲ ଫା ଅଞ୍ଚଳର ଲୋକମାନେ ପୂଜାପାଠ ଓ ରୀତିନୀତି କରୁଥିଲେ। ପ୍ରତ୍ନତତ୍ତ୍ୱ ବିଭାଗ କହିଛି ଯେ ଏହି ସ୍ଥାନଟି ନୂତନ ପ୍ରସ୍ତର ଯୁଗ ସମୟର ଅଟେ। ଏଠାରେ ଏକ ପଥର ବେଦୀ ଏବଂ ବିଭିନ୍ନ ସମୟର ୨୮୦୭ କବର ମଧ ମିଳିଛି। ଏହି କବରଗୁଡିକ ପୃଥକ୍ ଭାବେ ବିଭକ୍ତ କରାଯାଇଛି। ଟିମ୍ କହିଛି ଯେ ପଥର କାଟି ଏହି ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିର ଅଲ ଫା ଅଞ୍ଚଳ ନିକଟ ତୁୱାଇକ୍ ମାଉଣ୍ଟେନ୍ ପାର୍ଶ୍ୱରେ ନିର୍ମିତ ହୋଇଥିଲା। ଏହା ଖାସେମ କରିଆ ନାମରେ ମଧ ଜଣାଶୁଣା। ଲୋକମାନେ ଏଠାରେ ପୂଜା କରୁଥିଲେ। ଏହି ପ୍ରାଚୀନ ସ୍ଥଳ ଆବିଷ୍କାର କରିବା ପାଇଁ ସାଉଦି ବିଶେଷଜ୍ଞମାନେ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର କରିଥିଲେ। ସେମାନେ ଡ୍ରୋନ୍, ରିମୋଟ ସେନ୍ସିଂ, ଗ୍ରାଉଣ୍ଡ-ବେସଡ୍ ରାଡାର, ଲେଜର ସ୍କାନିଂ ଏବଂ ଜିଓଫିଜିକାଲ୍ ସର୍ଭେ ମଧ କରିଥିଲେ। କୁହାଯାଏ ଯେ ଅଲ ଫା'ର ଲୋକମାନେ ଖାଲ୍ ଦେବତାଙ୍କୁ ପୂଜା କରୁଥିଲେ। ଏଠାରେ ଥିବା କୋଠାଗୁଡ଼ିକ ଏପରି ଭାବରେ ନିର୍ମାଣ କରାଯାଇଥିଲା ଯେ ପ୍ରବଳ ଉତ୍ତାପ ଏବଂ ମରୁଭୂମି ପରିବେଶରେ ମଧ ସେମାନେ ସହଜରେ ବସବାସ କରିପାରିବେ। ଏଠାରେ କିଛି ପୋଖରୀ ଏବଂ ଶହ ଶହ ଗର୍ତ୍ତ ମଧ ତିଆରି କରାଯାଇଛି। ଏହି ସନ୍ଧାନରୁ ଜଣାପଡିଥିଲା ଯେ ନବକଳେବର ସମୟରେ ସାଉଦି ଆରବରେ ଏକ ମନ୍ଦିର ସଂସ୍କୃତି ଥିଲା ଏବଂ ଏଠାରେ ପ୍ରତିମା ପୂଜା ମଧ ପାଉଥିଲା। ବର୍ତ୍ତମାନ ସାଉଦି ଆରବ ଏକ ଇସଲାମ ଦେଶ।ବର୍ତ୍ତମାନ ଏହି ରାଷ୍ଟ୍ରରେ ଗୋଟିଏ ବି ମନ୍ଦିର ନାହିଁ। ମନ୍ଦିର ନିର୍ମାଣ ଉପରେ ମଧ ଏକ ନିଷେଧାଦେଶ ଅଛି। ସାଉଦି ଆରବରେ ରହୁଥିବା ହିନ୍ଦୁମାନେ କେବଳ ନିଜ ଘର ଭିତରେ ପୂଜା କରିପାରିବେ। କିନ୍ତୁ ୟୁଏଇର ଆବୁଧାବିରେ ଏକ ବିଶାଳ ହିନ୍ଦୁ ମନ୍ଦିର ନିର୍ମାଣ କରାଯାଇଛି ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଥିଲେ। ମନ୍ଦିର ପାଇଁ ଜମି ମଧ ସେଠାରେ ସରକାର ପ୍ରଦାନ କରିଥିଲେ।

# ୨୦ ଲକ୍ଷ ଗାଡ଼ିର ଆରସି ବାତିଲ୍ !

## ରାସ୍ତାରୁ ହଟିବ ଆହୁରି ୩୦ ଲକ୍ଷ ଗାଡ଼ି



ଭୁବନେଶ୍ୱର,(ନିପ୍ର): ପୁରୁଣା ଗାଡ଼ି ମାଲିକଙ୍କ ପାଇଁ ବଢ଼ିଲା ଚିନ୍ତା । କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ମନ୍ତ୍ରଣାଳୟର ନୂଆ ନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି । ଭେଇକିଲ୍ କ୍ଲାସିଫିକେସନ୍ ନୀତି ଅନୁସାରେ କାଗଜପତ୍ର ନବୀକରଣ ହୋଇନଥିବା ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ନେଇ ପଦକ୍ଷେପ ନିଆଯାଉଥିବା କୁହାଯାଉଛି । ଏହାରି ଭିତରେ ଓଡ଼ିଶାରେ ପ୍ରାୟ ୨୦ ଲକ୍ଷ ଗାଡ଼ିର ପଞ୍ଜୀକରଣ ସାର୍ଟିଫିକେଟ୍ ବା ଆରସି ବାତିଲ୍ ହୋଇଥିବା ଦାବି କରାଯାଉଛି । ଆରସି ବାତିଲ୍ ହୋଇଥିବା ଗାଡ଼ିଗୁଡ଼ିକ ଆଉ ରାସ୍ତାରେ ଚଳାଚଳ ପାଇଁ ବୈଧ ହେବ ନାହିଁ । ଏହାସହ ଆଗାମୀ ଦିନରେ ଆହୁରି ପ୍ରାୟ ୩୦ ଲକ୍ଷ ଗାଡ଼ି ରାସ୍ତାରୁ ହଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଗାଡ଼ିର ଆରସି ବାତିଲ୍ ହେଉଥିଲେ ମଧ୍ୟ ଅନେକ ମାଲିକ ଏ ସମ୍ପର୍କରେ ଜାଣିପାରୁ ନଥିବା ଅଭିଯୋଗ ହେଉଛି । ଗାଡ଼ି ମାଲିକଙ୍କୁ ପୂର୍ବରୁ ଏନେଇ ସୂଚନା ଦିଆଯାଉ ନଥିବାରୁ ସେମାନେ ଅଜାଣତରେ ନିଜ ଗାଡ଼ି ଚଳାଉଛନ୍ତି । ଯାଞ୍ଚ ବେଳେ ଗାଡ଼ି ଧରାପଡ଼ିଲେ ହିଁ ଆରସି ବାତିଲ୍ ହୋଇଥିବା ଜାଣିବାକୁ ମିଳୁଛି ବୋଲି ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ଗାଡ଼ି ମାଲିକଙ୍କୁ ଜରିମାନା ଗଣିବାକୁ ପଡ଼ିପାରେ । ପୁରୁଣା ଗାଡ଼ିର କାଗଜପତ୍ର ନବୀକରଣ କରିବା ପ୍ରକ୍ରିୟା ଜଟିଳ ହେଲେ ମାଲିକମାନେ ଅଧିକ ଖର୍ଚ୍ଚର ସମ୍ମୁଖୀନ ହୋଇପାରନ୍ତି । ଏପରିକି ଗାଡ଼ି ଚଳାଚଳ ପାଇଁ ଅଯୋଗ୍ୟ ହୋଇଗଲେ ନୂଆ ଗାଡ଼ି କିଣିବାକୁ ଲୋକେ ବାଧ୍ୟ ହୋଇପାରନ୍ତି । ଏହାକୁ ନେଇ ସାଧାରଣ ଗାଡ଼ି ମାଲିକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଅନ୍ୟପଟେ, ଏଭଳି ନୀତି ଦ୍ୱାରା ପୁରୁଣା ଗାଡ଼ି ବଦଳରେ ନୂଆ ଗାଡ଼ିର ଚାହିଦା ବଢ଼ିବା ସହ ଗାଡ଼ି ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ଲାଭବାନ ହୋଇପାରନ୍ତି ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

ବୁଗୁଡ଼ା,(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥି ଅବସରରେ 'ରକ୍ଷା ବନ୍ଧନ ଉତ୍ସବ' ଅତ୍ୟନ୍ତ ଉତ୍ସାହ ଓ ଆଡ଼ମ୍ବରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଚଣ୍ଡୀ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ସହ ରକ୍ଷା ବନ୍ଧନ ଉତ୍ସବ ପାଳନର ସଂସ୍କୃତି, ପରମ୍ପରା ଓ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ଗୁରୁଜୀ ଓ ଗୁରୁମାମାନଙ୍କ ଗହଣରେ ଯାଇ ବିଭିନ୍ନ କାର୍ଯ୍ୟାଳୟ ସମେତ ସାହି ପରିକ୍ରମା କରି ରକ୍ଷା ବନ୍ଧନ କାର୍ଯ୍ୟ କରିଥିଲେ ।

## ଶ୍ରୀବଳଦେବ ସ୍ୱାମୀଙ୍କ ଜନ୍ମୋତ୍ସବ ପାଳିତ



ବୁଗୁଡ଼ା,(ନିପ୍ର): ସ୍ଥାନୀୟ ବଳଦେବ ମନ୍ଦିର ପ୍ରାଙ୍ଗଣରେ ଶ୍ରାବଣ ପୂର୍ଣ୍ଣିମା ତଥା ଗହ୍ମା ପୂର୍ଣ୍ଣିମା ପବିତ୍ର ଅବସରରେ ବଡ଼ ଠାକୁର ବଳଦେବ ସ୍ୱାମୀଙ୍କ ଜନ୍ମୋତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ କାଳରୁ ମନ୍ଦିରରେ ଠାକୁରଙ୍କ ଅବକାଶ, ମଙ୍ଗଳ ଆଳତୀ, ବାଳଭୋଗ ଆଦି ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ପୂର୍ବାହ୍ନରେ ଶ୍ରୀବଳଦେବଙ୍କ ଜନ୍ମବିଧି ପାଳନ ସହ ରୋଷ ହୋମ, ପଞ୍ଚାମୃତ, ଏବଂ ବିଶେଷ ପୂଜାର୍ଚ୍ଚନା ଯଥା ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା । ଜନ୍ମୋତ୍ସବର ମୁଖ୍ୟ ଆକର୍ଷଣ ଭାବେ ମନ୍ଦିର ପ୍ରାଙ୍ଗଣରେ ଦୁରାଚାରୀ ପ୍ରଳମ୍ବା ଅସୁରର ଏକ ବାଲୁକା ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ପରାମ୍ପରିକ ବିଧିରେ 'ପ୍ରଳମ୍ବାସୁର ବଧ' ପର୍ବ ପାଳନ କରାଯାଇଥିଲା । ଏହି ନୀତି ଦେଖିବା ପାଇଁ ଏବଂ ଶ୍ରୀବଳଦେବଙ୍କ ଦର୍ଶନ ନିମନ୍ତେ ପ୍ରାତଃରୁ ମନ୍ଦିରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ହିନ୍ଦୁମୁସଲିମ ମିଶିକି ପାଳନ କଲେ ରକ୍ଷା ବନ୍ଧନ ଉତ୍ସବ



ସାଲେପୁର(ନିପ୍ର): ଆଜି ହେଉଛି ସ୍ନେହ, ପ୍ରେମ ଏବଂ ବିଶ୍ୱାସର ପ୍ରତୀକ ରକ୍ଷା ବନ୍ଧନ । ଏହି ଦିନ ଭଉଣୀମାନେ ନିଜ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇର ଦୀର୍ଘ ଜୀବନ କାମନା ସହିତ ଭାଇର ସୁଖ-ସମୃଦ୍ଧି ମଧ୍ୟ କାମନା କରିଥାନ୍ତି । ଅନ୍ୟପକ୍ଷରେ ଭାଇ ମଧ୍ୟ ଭଉଣୀର ସଦାସର୍ବଦା ରକ୍ଷା ପାଇଁ ପ୍ରତିଜ୍ଞା କରିଥାଏ । ହେଲେ ଆଜି ଏକ ନିଆରା ଢଙ୍ଗରେ ସାଲେପୁର ବ୍ଲକର ପିକୋଳ ପଞ୍ଚାୟତର ମାଣିତ୍ରି ଗ୍ରାମର ବାରେଣୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ମୁସଲିମ ମିଶିକି ପାଳନ କରିଛନ୍ତି ରକ୍ଷା ବନ୍ଧନ । ହିନ୍ଦୁ ମୁସଲିମ ଭଉଣୀମାନେ ଥାଳିରେ ରାକ୍ଷୀ,ଫୁଲ ,ଦୀପ ,ବରକୋଳି ପତ୍ର ଓ ଚନ୍ଦନ ଆଦି ସମଗ୍ରୀ ପ୍ରସ୍ତୁତି କରି ଭାଇମାନଙ୍କ କପାଳରେ ତିଳକ ଲଗାଇବା ପରେ ଆଳତି କରିବା ପରେ ହିନ୍ଦୁ ଭଉଣୀମାନେ ମୁସଲିମ ଭାଇମାନଙ୍କ ହାତରେ ଏବଂ ମୁସଲିମ ଭଉଣୀମାନେ ହିନ୍ଦୁ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ।

## ଗୋସେବା ଶିବିରରେ ଚତୁର୍ଥ ବାର୍ଷିକ ଉତ୍ସବ

ଜଟଣୀ(ନିପ୍ର) : ଭାରତୀୟ ତୈଳନିଗମ ରାସ୍ତା କଡରେ ଥିବା ଗୋସେବା ଶିବିରର ଚତୁର୍ଥ ବାର୍ଷିକ ଉତ୍ସବ ତଥା ବଳଭଦ୍ର ଜନ୍ମ ଅବସରରେ ଶିବିରରେ ଏହାର ପ୍ରତିଷ୍ଠାତା ଗୋ ସେବକ ସତ୍ୟବ୍ରତ ମିଶ୍ରଙ୍କ ସଂଯୋଜନାରେ ଗ୍ରହ୍ମା ଉତ୍ସବ ପାଳନ ହୋଇଯାଇଛି । ପ୍ରାତଃ ସମୟରେ ଗୋମାତା ଓ ବୃଷବମାନଙ୍କୁ ଗାଧୁଆ ପାଧୁଆ କରିସାରିବା ପରେ ତଟକା ଘାସ, ପନିପରିବା, କୁଣ୍ଡା ଚୋକଡ଼ ଆଦି ଦାନା ଖାଦ୍ୟ ରୁପେ ଦିଆଯାଇଥିଲା । ତତ୍‌ପରେ ବିଧିବିଧାନ ପୂର୍ବକ ହୋମ ସରିବା ପରେ ସେମାନଙ୍କ ସିଂଘରେ ରାଖୀ ବନ୍ଧା ଯାଇଥିଲା, ଏଥି ସହିତ ଗୋମାତାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ଗୋ ସେବକ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ସାମାଜିକ କର୍ମୀ ମାନେ ଉପସ୍ଥିତ ରହି ନିଜକୁ ଧନ୍ୟ ମନେ କରିଥିଲେ ।

## ସହଯୋଗ ପରିବାର ତରଫରୁ ବୃକ୍ଷକୁ ରାକ୍ଷୀ ବାନ୍ଧି ସଚେତନତା

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସହଯୋଗ ପରିବାର ତରଫରୁ ଆଜି ନିକଟସ୍ଥ ଜଙ୍ଗଲରେ ପରିବେଶର ସୁରକ୍ଷା ପାଇଁ ଗଛରେ ରାକ୍ଷୀ ବାନ୍ଧି ସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଛି । ଆଜିର ସମାଜରେ ମଣିଷ ବଞ୍ଚିବା ପାଇଁ ଆବଶ୍ୟକ ଅମ୍ଳଜାନ ଠାରୁ ଆରମ୍ଭ କରି ସମସ୍ତ ନିତ୍ୟ ବ୍ୟବହୃତ ଜିନିଷ ଗଛରୁ ମିଳିଥିବାବେଳେ ଲୋକେ ଗଛ କାଟି ଧ୍ୱଂସ କରୁଛନ୍ତି । ଯଦି ଏବେଠାରୁ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ନ ଦିଆଯାଏ ଆଗାମୀ ଦିନରେ ଆମକୁ ବଞ୍ଚିବା କଷ୍ଟକର ହୋଇଯିବ ।

## ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ



ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି । ଇସ୍ତଫା ଗ୍ରହଣ କରି ରାଜ୍ୟ ସରକାର ଗୃହ ମନ୍ତ୍ରାଳୟକୁ ପଠାଇଛନ୍ତି । ୨୦୧୩ ବ୍ୟାଚର ଆଇପିଏସ୍ ଅଫିସର ହେଉଛନ୍ତି ଜଗମୋହନ ମୀନା । ନିକଟରେ ଜୁଲାଇ ୨୦୨୬ରେ ଭୁବନେଶ୍ୱର ଡିସିପି ପଦରୁ ଇସ୍ତଫା ଦେଇଥିଲେ । ଜଗମୋହନ ମୀନା ରାଜ୍ୟରେ ଜଣେ ଚର୍ଚ୍ଚିତ ଆଇପିଏସ୍ ଅଧିକାରୀ ଭାବେ ପରିଚିତ । ସେ ନିଜର ପ୍ରାୟ ୧୩ ବର୍ଷର ପୋଲିସ ଚାକିରୀ କାଳ ମଧ୍ୟରେ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଏବଂ ସଂବେଦନଶୀଳ ପଦବୀରେ ସଫଳତାର ସହ କାର୍ଯ୍ୟ କରିବା ସହ ଲୋକପ୍ରିୟତା ହାସଲ କରିଛନ୍ତି । ପୋଲିସ୍ ଚାକିରି ପୂର୍ବରୁ ସେ ପ୍ରସିଦ୍ଧ ଆଇଆଇଟି କାନପୁରରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ବି.ଟେକ୍ ଏବଂ ଏମ.ଟେକ୍ ଡିଗ୍ରୀ ହାସଲ କରିଥିଲେ । ୨୦୧୩ ମସିହାରେ ସେ ସର୍ବଭାରତୀୟସ୍ତରରେ ୮୪୯ ରାଙ୍କ ହାସଲ କରିଥିଲେ ଫଳରେ ଭାରତୀୟ ପୋଲିସ ସେବା ପାଇଁ ମନୋନୀତ ହୋଇଥିଲେ । ସେ ଓଡ଼ିଶା କ୍ୟାଡରର ଜଣେ ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀ ଥିଲେ । ସେ ନିଜ କ୍ୟାରିୟରରେ ଓଡ଼ିଶାର ଅନେକ ଜିଲ୍ଲାରେ ଏସପି ଏବଂ କଟକ ଭୁବନେଶ୍ୱର ଟ୍ୱିନ୍‌ସିଟିରେ ଡିସିପି ଭାବେ ସୂଚାରୁ ରୂପେ ନିଜ ଦାୟିତ୍ୱ ତୁଲାଇଛନ୍ତି । ମାଲକାନଗିରି, ଗଜପତି, ଅନୁଗୁଳ ଏବଂ ଗଞ୍ଜାମ ଜିଲ୍ଲାରେ ଏସ୍‌ପି ଭାବେ କାର୍ଯ୍ୟ କରି ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବା ସହ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ । ବିଶେଷ କରି ମାଓ ପ୍ରବଣ ଅଞ୍ଚଳରେ ମାଓବାଦୀ ବିରୋଧୀ ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହାପରେ ସେ କଟକ ସହରାଞ୍ଚଳ ଜିଲ୍ଲାର ଡିସିପି ଭାବେ ଦାୟିତ୍ୱ ନେଇଥିଲେ । ନକ୍ସଲ ବିରୋଧୀ ଅଭିଯାନ ଏବଂ ସାହସିକତା ପାଇଁ ଜଗମୋହନ ମୀନାଙ୍କୁ ସରକାରଙ୍କ ତରଫରୁ ସମ୍ମାନିତ କରାଯାଇଛି । ୨୦୧୯ ମସିହାରେ ସାହସିକତା ପାଇଁ ପୋଲିସ ପଦକ ଏବଂ ୨୦୨୧ରେ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପୋଲିସ ଅନ୍ତିକ ସୁରକ୍ଷା ସେବା ପଦକ ମିଳିଥିଲା । ପୋଲିସ ପ୍ରଶାସନ କ୍ଷେତ୍ରରେ ପ୍ରାୟ ୧୩ ବର୍ଷର ସେବା ଦେବା ପରେ ଗତ ଜୁଲାଇ ମାସେ ମାତ୍ର ୩୭ ବର୍ଷ ବୟସରେ ସେ ନିଜ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି ଜଗମୋହନ ମୀନା । ଇସ୍ତଫା ଦେବା ପରେ ସେ ସ୍ପଷ୍ଟ କରିଛନ୍ତି ଯେ, ଏହା କୌଣସି ରାଜନୈତିକ କିମ୍ବା ବିଭାଗୀୟ ଚାପରେ ନୁହେଁ, ବରଂ ଏକ ଦୀର୍ଘକାଳୀନ ରଣନୀତିକ ଚିନ୍ତାଧାରା ଓ ସମ୍ପୂର୍ଣ୍ଣ ବ୍ୟକ୍ତିଗତ କାରଣ ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି ।

## ୨୦ନଂ ଜାତୀୟ ରାଜପଥରେ ୩୦୦ ଫୁଟର ଘାଇ

### ଧୋଇଗଲା ଏକ କିଲୋମିଟର ରାସ୍ତା



ଦଶରଥପୁର,(ନିପ୍ର): ପୁଣିଥରେ ବୈତରଣୀ ବନ୍ୟାରେ ଆସିଥିବା ବଢ଼ିରେ ୨୦ ନମ୍ବର ଜାତୀୟ ରାଜପଥର ବୋଡ଼କ ଠାରେ ୩ଶହ ଫୁଟର ଘାଇ ସୃଷ୍ଟି ହୋଇଛି । ବନ୍ୟାଜଳ ପ୍ରବଳ ସ୍ରୋତରେ ରାସ୍ତାର ପ୍ରାୟ ୧ କିମି ଧୋଇ ହୋଇଯାଇଛି । ଫଳରେ ଯାଜପୁର ଜିଲ୍ଲା କୁଆଖିଆଠାରୁ ଭଦ୍ରକ ଜିଲ୍ଲା ଧାମରା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ବୈତରଣୀ ନଦୀରେ ୫ ଥର ବନ୍ୟା ଆସିବା ପରେ ଦଶରଥପୁର ବ୍ଲକ କୟା ପୋଲ ନିକଟ ବୋଡ଼କ ରାସ୍ତା ଉପରେ ବାରମ୍ବାର ବନ୍ୟା ଜଳ ପ୍ରବାହିତ ହେଉଥିଲା । ଫଳରେ ଉକ୍ତ ରାସ୍ତାଟି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଢଳାଇ ଭାଙ୍ଗି ନଷ୍ଟ କରିଦେଇଛି । ବୈତରଣୀ ବନ୍ଧ ଅର୍ଥାତ ୨୦ ନମ୍ବର ଜାତୀୟ ରାଜପଥ ପ୍ରାୟ ୩୦୦ ଫୁଟର ଘାଇ ହୋଇଯାଇଛି । ଫଳରେ ଯାଜପୁର ଭଦ୍ରକ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲାର ଲୋକ ଏହି ରାସ୍ତା ଉପରେ ବହୁଧା ନିର୍ଭର କରିଥାନ୍ତି । ଯାଜପୁରର ମା' ବିରଜା, ଭଦ୍ରକର ଆଖଣ୍ଡଳମଣି ପୀଠକୁ ଏହି ରାସ୍ତାରେ ଲୋକେ ଏବଂ ଗାଡି ମୋଟର ପ୍ରତିଦିନ ହଜାର ହଜାର ଯାତାୟାତ କରିଥାନ୍ତି । ରାସ୍ତା ଭାଙ୍ଗି ଯିବା ସହ ଘାଇ ହୋଇଯିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆଜି ସାମାନ୍ୟ ଜଳ ସ୍ତର ଖସିବା ପରେ ମରାମତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ଗ୍ରୀନ ପାରିକୁଦର ପ୍ରକୃତି ସହ ବନ୍ଧୁତା

କୃଷ୍ଣପ୍ରସାଦ (ନି ପ୍ର )ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣପ୍ରସାଦ ବ୍ଲକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗ୍ରୀନ ପାରିକୁଦ ପକ୍ଷରୁ ଚାରିଛକ ଠାରେ ନିଆରା ରକ୍ଷାବନ୍ଧନ ପ୍ରକୃତି ସହ ବନ୍ଧୁତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଗଛରେ ସୂତା ରାକ୍ଷୀଟିଏ ବାନ୍ଧି ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା । ବୃକ୍ଷକୁ ଫୁଲ, ଚନ୍ଦନ, ସିନ୍ଦୂର ଦେଇ ବନ୍ଦାପନା ସହ ଶ୍ରୀଜଗନ୍ନାଥ ରାକ୍ଷୀ ବାନ୍ଧିଥିଲେ । ଗଛ ନାହିଁ ତ-ମୁଁ ନାହିଁ, ବୃକ୍ଷ ହିଁ ଜୀବନ ଶୀର୍ଷକ ସ୍ଲୋଗାନ ଦେଇଥିଲେ । ପ୍ରକୃତି ସହ ସମ୍ପର୍କ ରହିଲେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଅନୁଷ୍ଠାନର ବରିଷ୍ଠ ସଦସ୍ୟା ଅମିତା ତରେଇ କହିଥିଲେ । ବରିଷ୍ଠ ସଦସ୍ୟା ମୀନାରାଣୀ ସାହୁ କହିଲେ ଯେ, ସବୁଜ ପୃଥିବୀର ସୁରକ୍ଷା ପାଇଁ ପ୍ରକୃତିର ସୁରକ୍ଷା ନିତାନ୍ତ ଆବଶ୍ୟକ । ଏଥିରେ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି କହିଥିଲେ । ଦ୍ରୁତ ଶିଳ୍ପାୟନ, ରାସ୍ତା ସମ୍ପ୍ରସାରଣ, କୋଠାବାଡ଼ି ନିର୍ମାଣ ପାଇଁ ବୃହତ ଗଛ ବଳିପଡୁଛି । ଗୋଟିଏ ଗଛ ବଢିବା ଲାଗି ଦୀର୍ଘ ବର୍ଷ ଲାଗିଥାଏ । ତେବେ ନିମିଷକ ମଧ୍ୟରେ ଏହାକୁ କାଟି ସଫା କରିଦିଆଯାଉଛି । ଏହାର ପ୍ରଭାବ ମାନବ ସମାଜ ପଡୁଛି ବୋଲି ସେ କହିଥିଲେ ।

## ରାକ୍ଷୀ ବନ୍ଧନ ଓ ନିଶା ନିବାରଣ ଶପଥ

ଭୁବନେଶ୍ୱର(ନିପ୍ର): ଭୀମଟାଙ୍ଗୀ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳିକା ରଞ୍ଜୁ ଭଉଣୀଙ୍କ ନେତୃତ୍ୱରେ ନୂତନ ଗୃହ ବୀରବନ୍ଧ ଠାରେ ରାକ୍ଷୀ ବନ୍ଧନ ଓ ନିଶା ନିବାରଣ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବି. କେ. ଲୀନା ଦିଦି, ସମାଜସେବୀ ନୀଳମଣି ମିଶ୍ର, ନୋମିନି ତ୍ରିଲୋଚନ ପ୍ରଧାନ, ପୋଖରୀପୁଟ ସଞ୍ଚରିକା ଗାୟିତ୍ରୀ ଭଉଣୀ, ମେଣ୍ଢାଶାଳ ସଞ୍ଚାଳିକା ମଧୁଛନ୍ଦା ଭଉଣୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଜଗନ୍ନାଥଙ୍କ ରାକ୍ଷୀ ବନ୍ଧନ, ଲକ୍ଷ୍ମୀ ଠାକୁରାଣୀଙ୍କ ରାକ୍ଷୀ ବନ୍ଧନ, ଏବର ଭାଇ ଭଉଣୀମାନଙ୍କର ରାକ୍ଷୀ ବନ୍ଧନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ପରେ ଶତାଧିକ ଭାଇ ଭଉଣୀ ନିଶା ନିବାରଣ ପାଇଁ ଶପଥ ଉତ୍ସବରେ ଶପଥ ଗ୍ରହଣ କରିଥିଲେ ।

## ଗଞ୍ଜେଇ ଚୋରା ଚାଲାଣ, ୪ ଅଭିଯୁକ୍ତ ଗିରଫ



ନବରଙ୍ଗପୁର: ନବରଙ୍ଗପୁର ଟାଉନଥାନା ପୁଲିସ ପକ୍ଷରୁ ଡାଇଭଟା ନିକଟରେ ଜାତୀୟ ରାଜପଥ ୨୬ରେ ଯାନବାହନ ଯାଞ୍ଚ ଚାଲିଥିଲା । ସବଇନିସପେକ୍ଟର ସମ୍ବିତ କୁମାର ସାହୁ ଯାଂଚ କରୁଥିବା ବେଳେ ଜୟପୁର ଆଡରୁ ନବରଙ୍ଗପୁର ଆଡକୁ ଆସୁଥିବା ଗୋଟିଏ ଅଟୋର ପଛ ଭାଗରୁ ୫ଟି ପ୍ଲାଷ୍ଟିକ୍ ଜରି ବ୍ୟାଗ୍ ମିଳିଥିଲା । ବ୍ୟାଗୁଡ଼ିକ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇର ଓଜନ କରିବାରୁ ୧୦୩.୯୮୫ କିଲୋଗ୍ରାମ ହୋଇଥିଲା ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏଏସପି ଆଦିତ୍ୟ ସେନ ଓ ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା କହିଛନ୍ତି । ଯାଞ୍ଚ ସମୟରେ ଅଟୋ ଚାଳକ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ତେବେ ପୁଲିସ ତାଙ୍କୁ କାବୁ କରିବା ସହ ଅଟୋରେ ଥିବା ଅନ୍ୟ ୩ ଜଣଙ୍କୁ ମଧ୍ୟ ଧରିଥିଲା । ପୁଲିସର ପଚରାଉଚୁରା ବେଳେ ଅଭିଯୁକ୍ତମାନେ ଗଞ୍ଜେଇ ଜୟପୁର ନିକଟରୁ ଲୋଡ୍ କରାଯାଇଥିବା ଏବଂ ବିକ୍ରି ଉଦ୍ଦେଶ୍ୟରେ କଳାହାଣ୍ଡି ଅଭିମୁଖେ ଚାଲାଣ କରାଯାଉଥିବା କଥା କହିଥିବା ଜଣାପଡ଼ିଛି । ଘଟଣାସ୍ଥଳରୁ ୧୦୩.୯୮୫ କିଲୋଗ୍ରାମ ଗଞ୍ଜେଇ ସହ ଅଟୋ ରିକ୍ସା ଏବଂ ୪ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନୀଳାମ୍ବର ହରିଜନ (୩୨), ବାବୁଲା ହରିଜନ (୨୧), ପରମେଶ ହରିଜନ (୨୨) ଓ ଦିଲ୍ଲୀପ ହରିଜନ (୩୦) ବର୍ଷ । ପୁଲିସର ସୂଚନା ଅନୁସାରେ, ନୀଳାମ୍ବରଙ୍କ ଘର ତୁମ୍ଭାର୍ଲା ଅଞ୍ଚଳରେ ହୋଇଥିବା ବେଳେ ବର୍ତ୍ତମାନ ସେ ନବରଙ୍ଗପୁରର ମେଦିରି ସାହିରେ ରହୁଥିଲେ । ଅନ୍ୟ ତିନି ଅଭିଯୁକ୍ତ ବାବୁଲା, ପରମେଶ ଓ ଦିଲ୍ଲୀପ ହରିଜନ ନବରଙ୍ଗପୁରର ଦଣ୍ଡାସୀ ସାହି ଅଞ୍ଚଳର ବାସିନ୍ଦା ବୋଲି ଏହି ଚାଲାଣ ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସର ତଦନ୍ତ ଜାରି ରହିଛି । ମାମଲାର ତଦନ୍ତକାରୀ ଅଧିକାରୀ ସବଇନିସପେକ୍ଟର ସୀମା ଲାକ୍ରା ରହିଛନ୍ତି ।

## ରମ୍ଭା ଗାୟତ୍ରୀ ଶକ୍ତିପୀଠରେ ବୃକ୍ଷ ରୋପଣ ସହ ନିଶା ନିବାରଣ ବ୍ରତ

ରମ୍ଭା(ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ସହରର ଗାୟତ୍ରୀ ଶକ୍ତିପୀଠ ପରିସରରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ବୃକ୍ଷ ରୋପଣ ସହ ନିଶା ନିବାରଣ ବ୍ରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରମ୍ଭା ସାହିତ୍ୟ ତରଫରୁ ଆୟୋଜିତ ନିଶା ନିବାରଣ ବ୍ରତ କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଆଦି ସଂଗଠନ ଯୋଗଦେଇ ରମ୍ଭା ସାହିତ୍ୟ ଘରର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ସାହିତ୍ୟ ଘରର ସଭାପତି ଜୟକୃଷ୍ଣ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଉଭୟ ବୃକ୍ଷରୋପଣ ଓ ନିଶା ନିବାରଣ ବ୍ରତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ନରସିଂହ ସୁବୁଦ୍ଧି, ସମ୍ମାନୀତ ଅତିଥି ଭାବେ ରମ୍ଭା ସହିତ୍ୟ ଘରର ଉପଦେଷ୍ଟା ପ୍ରକୃତିବନ୍ଧୁ କବି ପଞ୍ଚାନନ ଖଟୁଆ, ଗାୟତ୍ରୀ ପରିବାର ଟ୍ରଷ୍ଟି ଉମାକାନ୍ତ ସାହୁ, ବରିଷ୍ଠ ସାମାଜିକ କର୍ମୀ କେ. ସତ୍ୟନାରାୟଣ ଆଚାରୀ,ମୁଖ୍ୟ ବକ୍ତା ଭାବେ ସାହିତ୍ୟ ଘର ରମ୍ଭାର ସମ୍ପାଦକ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରକୃତି ବନ୍ଧୁ ଶିକ୍ଷକ ଶେଷଦେବ ବେହେରା, ସମ୍ମାନିତ ବକ୍ତା ଭାବେ ସୋରଡ଼ା ଗାୟତ୍ରୀ ଶକ୍ତିପୀଠର ପରିଜନ ରିନା ବରାଡ ଆଦି ଯୋଗଦେଇ ରାକ୍ଷୀ ପୂର୍ଣ୍ଣିମାରେ ନିଶା ନିବାରଣ ବ୍ରତ ପାଳନ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ମା' ଗାୟତ୍ରୀଙ୍କ ବନ୍ଦନା କରାଯାଇଥିଲା । ପରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉତ୍ସବ ଉପଲକ୍ଷେ ସାହିତ୍ୟ ଘର ତରଫରୁ ପ୍ରସ୍ତୁତ ରାକ୍ଷୀଗୁଡ଼ିକୁ ଭଉଣୀମାନେ ଭାଇମାନଙ୍କ ହସ୍ତରେ ଈଶ୍ୱରଙ୍କ ନାମରେ ନିଶା ନିବାରଣ ପାଇଁ ଶପଥ କରାଇ ହାତରେ ରାକ୍ଷୀ ବାନ୍ଧି ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଏହା ପରେ ଗାୟତ୍ରୀ ଶକ୍ତି ପୀଠପରିସରରେ ଅତିଥୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା ।

## ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର କାର୍ଯ୍ୟକ୍ଷମ ନେଇ ପ୍ରଶାସନିକ ତତ୍ପରତା




କଣ୍ଟିଲୋ (ନି.ପ୍ର): ଖଣ୍ଡପଡ଼ା ବ୍ଲକର ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମରେ ଗତ ୭ ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରଟି କାର୍ଯ୍ୟରେ ନ ଲାଗି ତାଲା ଝୁଲୁଥିବା ନେଇ ଏକ ଖବର ଗତ ୨୩ ତାରିଖ 'ଦିନଲିପି'ରେ ପ୍ରକାଶ ପାଇଥିଲା । ଖବର ପ୍ରକାଶିତ ହେବା ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ସେବା କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଦୃଷ୍ଟି ଦେଇଥିବା ଜଣାପଡିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ସମ୍ମୁଖରୁ ଅନାବନା ଗଛଲତା ଗୁଡିକୁ ଗୁରୁବାର ହଟାଇ ଦିଆଯିବା ସହ ସେବା କେନ୍ଦ୍ରର ଚତୁଃପାର୍ଶ୍ୱ ସଫା କରାଯାଇଥିବା ଜଣାପଡିଛି । ତେବେ ଅଞ୍ଚଳବାସୀଙ୍କ ସୁବିଧା ଓ ସ୍ଥାନୀୟ ଅଞ୍ଚଳର ଗୋପାଳକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ନୟାଗଡ ଜିଲ୍ଲା ପ୍ରାଣୀ ଚିକିତ୍ସାକାରୀ ଦୃଷ୍ଟି ଦେବାକୁ ଘଣାଶାଳିଆ ଗ୍ରାମବାସୀ ଦାବି କରିଛନ୍ତି । ରାଜ୍ୟ ସରକାରଙ୍କ ପ୍ରାଣୀ ଚିକିତ୍ସା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ଜିଲ୍ଲାପାଳ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ତରଭାରେ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଶିବିର

ତରଭା (ନିପ୍ର): ବୁଧବାର ପୂର୍ବାହ୍ନରେ ତରଭା ବ୍ଲକ ସମ୍ମୁଖରେ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ ସେଞ୍ଚୁରିଏନ ୟୁନିଭରସିଟି ଓ ଜେ ଆଇ ଟି ଏମ ଆନୁକୁଲ୍ୟରେ ନିର୍ଦ୍ଦେଶକ ପ୍ରଦୀପ ଷଡ଼ଙ୍ଗୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ସମୁଦାୟ ୧୯୦ ଜଣ ମହିଳା ପୁରୁଷଙ୍କ ଚକ୍ଷୁ ପରୀକ୍ଷା ନିରୀକ୍ଷା କରି ମାଗଣା ପାୱାର ଚଷମା ବଣ୍ଟନ କରିଥିଲେ । ଏଥିରେ ଶିଫନିଆ ଦିପ, ଅନୁସ୍ପନ୍ଦନ ରାୟ, ବିଦ୍ୟୁତ ମହନ୍ତ, ଗିରଜା ପ୍ରସନ୍ନ ତ୍ରିପାଠୀ, ହରବିନ୍ଦର ଭୋଇ, ପ୍ରତ୍ୟୁଷ ପ୍ରଧାନ, ସଚିନ ମହନ୍ତ, ଭୋଦେବ ବାଗ ଓ ହୃଦାନନ୍ଦ ହେରନା ପ୍ରମୁଖ ଚକ୍ଷୁ ପରୀକ୍ଷା ସହ ଚଷମା ବଣ୍ଟନ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ଇଲେକଟ୍ରୋନିକ କିଚେନ୍ ସ୍କେଲ ବଣ୍ଟନ

କାକଟପୁର(ନିପ୍ର): କାକଟପୁର ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ମାଧ୍ୟମରେ ୧୮୨ଟି ଅଙ୍ଗନବାଡି କେନ୍ଦ୍ରରେ ପ୍ରତିମାସରେ କୋମଳମତି ଶିଶୁ, କିଶୋରୀ, ଗର୍ଭବତୀ ମହିଳାମାନଙ୍କ ପାଇଁ ଛତୁଆ, ମୁଢ଼ି, ଭଜା ବୁଟ, ବାଦାମ ଲଡୁ, ଖଜରା, ରାଶିଲଡୁ, ଭଜା ସୁଜି ଇତ୍ୟାଦି ପ୍ୟାକେଟ କରି ବଣ୍ଟନ କରାଯାଇଥାଏ । କାକଟପୁର ବ୍ଲକରେ ଏହି ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ନ ଥିବାର ଅଭିଯୋଗ ବାରମ୍ବାର କରାଯାଉଥିଲେ, ମଧ୍ୟ ସ୍ଥାନୀୟ ସଂପୃକ୍ତ କାକଟପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ କିମ୍ବା ବିଭାଗୀୟ ଅଧିକାରୀମାନେ ପ୍ରମାଣ ନ ଥିବାର ବାହାନା ଦେଖାଇ ସେଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ଯୋଗାଣକାରୀ ସଂସ୍ଥା ଦ୍ୱୟଙ୍କର ସ୍ୱେଚ୍ଛାଚାରିତା ବଢି ଚାଲିଥିବା ବେଳେ ଯୋଗାଇ ଦିଆଯାଉଥିବା ପ୍ୟାକେଟ ଗୁଡିକର ଓଜନ ପରଖିବା ପାଇଁ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ କାକଟପୁର ଗ୍ରାମପଞ୍ଚାୟତ ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ ନିଜସ୍ୱ ଉଦ୍ୟମରେ ଇଲୋକ୍ଟ୍ରୋନିକ କିଚେନ ସ୍କେଲ କିଣି କାଦୁଆ ନୂଆଗାଁ, ନାସିକେଶର, କୁରୁଜଙ୍ଗ,କାକଟପୁର, ସୁହାଗପୁର, ଓ କଣ୍ଟାପଡା ଗ୍ରାମପଞ୍ଚାୟତଗୁଡିକରେ ଥିବା ଅଙ୍ଗନବାଡିର କର୍ମୀମାନଙ୍କୁ ବଣ୍ଟନ କରିଥିଲେ । ଯେତେବେଳେ ଯୋଗାଣକାରୀ ସଂସ୍ଥା ଟିଏଚଆର ସାମଗ୍ରୀ ଆଣି କେନ୍ଦ୍ରରେ ଦେବ ସେଗୁଡିକୁ କର୍ମୀମାନେ ଓଜନ କରି ରଖି ହିତାଧିକାରୀମାନଙ୍କୁ ବଣ୍ଟନ କରିବେ । ଓଜନ ଓ ବଣ୍ଟନ ସମୟର ଭିଡିଓ କରି ଗ୍ରୁପରେ ଛାଡିବା ପାଇଁ ମଧ୍ୟ ଅଧ୍ୟକ୍ଷ ଶ୍ରୀ ନାୟକ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ଓଜନ ମାପରେ ସ୍ୱଚ୍ଛତା ଆସିବ ବୋଲି ଶ୍ରୀ ଦୀକ୍ଷିତ ପ୍ରକାଶ କରିଛନ୍ତି ।

ତିଥି :(ପୂର୍ଣ୍ଣିମା): (ଶତଭିଷା କୁମ୍ଭ )
ଅମୃତ ବେଳା: ପ୍ରାତଃ ୫।୩୩ରୁ ଘ ୭।୧୦ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରକୃତିକୁ ବୁଝୁ ମଣିଷ

ନେପାଳରେ ସଦ୍ୟ ଆକସ୍ମିକ ବନ୍ୟା ଏହାର ଉତ୍ତରାଞ୍ଚଳ ରାସୱା ଜିଲ୍ଲା ନିକଟରେ ସଂଘଟିତ ହୋଇଛି,ଯାହାକି ତିବ୍ବତର ସୀମାନ୍ତରେ ଅବସ୍ଥିତ। ଶତାଧିକ ଲୋକଙ୍କ ମୃତ୍ୟୁ, ହଜାର ହଜାର ଲୋକ ନିଖୋଜ ହୋଇଥିବା କୁହାଯାଉଥିଲେ ହେଁ ବାସ୍ତବରେ କେତେ ମୃତ ଓ ନିଖୋଜ ତାହା ସହଜେ କଳନା କରିହେବ ନାହିଁ। ବନ୍ୟାଟି ହୋଇଛି ଭୂତିକୋଶୀ ନଦୀରେ ଯାହାର ଉତ୍ସ ତିବ୍ବତ ଓ ଏହା ନେପାଳ ମଧ୍ୟ ଦେଇ ଗଣ୍ଡକ ନଦୀ ଦେଇ ପରିଶେଷରେ ଭାରତରେ ପହଞ୍ଚିଛି। ତେଣୁ ୟୁପି ଓ ବିହାରରେ ଆଲର୍ଟ ଜାରି ହୋଇଥିଲା। ଭୂତିକୋଶୀ ନଦୀରେ ଆକସ୍ମିକ ବନ୍ୟା ଧ୍ୱଂସକାରୀ ପ୍ରଭାବ ବିସ୍ତାର କରିବ ବୋଲି ପୂର୍ବରୁ ଅନୁମାନ କରାଯାଇଥିଲା, କାରଣ ଗବେଷକମାନଙ୍କ ଅନୁସାରେ ହିମବାହ ହ୍ରଦରେ ଆକସ୍ମିକ ସଂପ୍ରସାରଣ ବରଫ ଓ ପ୍ରସ୍ତର ପ୍ରାଚୀରର ଭଙ୍ଗୁରତା କାରଣରୁ ଘଟିଛି ଏହି ବିପତ୍ତି। ଗତବର୍ଷ ଭୂତିକୋଶୀ ନଦୀରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ନେପାଳ ଓ ଚୀନକୁ ସଂଯୋଗ କରୁଥିବା ଏକ ସେତୁ ଭସାଇବା ପଛରେ ତିବ୍ବତରେ ଥିବା ହ୍ରଦଜଳର ଉଦ୍‌ବୃତ୍ତ ବହିଷ୍କରଣ ବୋଲି କୁହାଯାଏ।

'ନେଚର' ପତ୍ରିକାରେ ପ୍ରକାଶିତ ଏକ ଗବେଷଣାତ୍ମକ ପ୍ରକାଶିତ ଏକ ନିବନ୍ଧର ସାରମର୍ମ କହେ ଯେ ବିଶାଳ ଆକାର ତଥା ସ୍ୱତନ୍ତ୍ର ଭୂତାତ୍ତ୍ୱିକ ବୈଶିଷ୍ଟ୍ୟ ବହନ କରୁଥିବା ହିମାଳୟ ପାର୍ବତ୍ୟଶ୍ରେଣୀ ସର୍ବଦା ଆକସ୍ମିକ ବନ୍ୟା ପ୍ରବଣତା ବଜାୟ ରଖେ। ଯେଉଁ ବନ୍ୟା ପ୍ରବଣତା ଏହା ରଖେ ତାହା ପଛରେ ପ୍ରାକୃତିକ ତଥା ମନୁଷ୍ୟକୃତ କାର୍ଯ୍ୟକଳାପ ଦାୟୀ। ଅର୍ଥାତ୍, ସଂପୃକ୍ତ ଅଞ୍ଚଳରେ ଟେକନୋଟିକ୍ ସ୍ତରୀୟ କାର୍ଯ୍ୟକଳାପ ବା ସଂଘାତ ବହୁ ଅଜଣା କାରଣରୁ ସଂଘଟିତ ହୁଏ,ଟେକନୋଟିକ ପ୍ଲେଟର ସଂଘର୍ଷ ବହୁ ସମୟରେ ବିଧ୍ୱଂସକାରୀ ହୁଏ। ତା'ଛଡ଼ା ହିମବାହ ପୂର୍ଣ୍ଣ ହ୍ରଦର ଅଜ୍ଞାତ କାର୍ଯ୍ୟକଳାପ,ମନୁଷ୍ୟକୃତ ଜଙ୍ଗଲନଷ୍ଟ ଓ ଭୂମିର ଯଥେଚ୍ଛାଚାର ଦୁରୁପଯୋଗ ସବୁ ଜଣାଶୁଣା। ସୁତରାଂ ଏପରି ଆକସ୍ମିକ ବନ୍ୟାର ପୂର୍ବାଭାସ ସଂପର୍କରେ ଉପଗ୍ରହ ପ୍ରଯୁକ୍ତି ଓ ଜିଓସପାଟିକଲ ଚିହ୍ନଟ କରିବାରେ ସହାୟତା କରିଥାଏ। ତେଣୁ ତଥାକଥିତ ବିକାଶ ବା ନଗରାୟନ ପୂର୍ବରୁ ହେଜିବା ଦରକାର।

ସର୍ବଦା ମନେ ରଖିବାକୁ ହେବ ଯେ ପ୍ରକୃତିର ବିପର୍ଯ୍ୟୟ ସଂପର୍କିତ ଆଗୁଆ ଜ୍ଞାନ ଯାବତୀୟ ପ୍ରଯୁକ୍ତିର ଉପଯୋଗ ସତ୍ତ୍ୱେ ଖୁବ୍‌କମ୍ ମାତ୍ରାରେ ହାସଲ ହୋଇଛି ଏବଂ ବଡ ଭାଗ ଏଯାବତ୍ ଅଜ୍ଞାତ ହୋଇ ରହିଛି। ବିଶ୍ୱ ତାପାୟନ, ପାଣିପାଗ ପରିବର୍ତ୍ତନ, ମୌସୁମୀ ବର୍ଷାର ଅସ୍ଥିରତା ଦର୍ଶାଏ ଯେ ଯେତେ ଯେଉଁଠି ଭିତ୍ତିଭୂମି ନିର୍ମାଣ ହେଉଛି ସେଠାକାର ଭୂମି ସେଥିପାଇଁ ଉପଯୁକ୍ତ କି ନୁହେଁ, ତାହା ପରଖିବା ଅସଲ ଜ୍ଞାନ। ପ୍ରକୃତି ପ୍ରତି ଅବିଚାର କରାଗଲେ କୁଫଳ ଅବଶ୍ୟମ୍ଭାବୀ। ପାହାଡ ପାହାଡ ହୋଇ ରହୁ, ନଦୀ ନଦୀ ହୋଇ ରହୁ ଓ ଜଙ୍ଗଲ ଜଙ୍ଗଲ ହୋଇ ରହୁ । ଜୈବି ବିବିଧତା ପ୍ରତି ଅତ୍ୟାଚାର ନ ଘଟୁ। ପ୍ରକୃତି ପ୍ରତି ବିଜ୍ଞତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରାଯାଉ। ଏହାଦ୍ୱାରା ଯେଉଁ ସଦ୍‌ଜ୍ଞାନ ଉଦୟ ହେବ ତାହା ଅନ୍ତତଃପକ୍ଷେ ବିପର୍ଯ୍ୟୟର ପ୍ରଭାବକୁ ନିଶ୍ଚୟ ହ୍ରାସ କରିବ।

# ଆଇଫୋନର ସଉକ -ପ୍ରଯୁକ୍ତିର ଦାସତ୍ୱ

## ଶ୍ରୀଧର ବେହେରା

ସାମ୍ପ୍ରତିକ ସମାଜ ଏକ ଅଦୃଶ୍ୟ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି। ଯେଉଁ ପ୍ରତିଯୋଗିତାରେ ମଣିଷର ମୂଲ୍ୟାୟନ ତା'ର ବିଦ୍ୟା, ବୁଦ୍ଧି, ଚରିତ୍ର କିମ୍ବା କର୍ମନିଷ୍ଠା ଦ୍ୱାରା ହେଉନାହିଁ, ବରଂ ତା' କରତଳରେ ଥିବା ଏକ ଇଲେକ୍ଟ୍ରୋନିକ ଯନ୍ତ୍ରର ବ୍ରାଣ୍ଡ ଓ ମୂଲ୍ୟ ଦ୍ୱାରା ହେଉଛି। ଏହି ଯନ୍ତ୍ର ନାମ ଆଇଫୋନ। ଏହା ଆଉ କେବଳ ଏକ ଦୂରଭାଷ ନୁହେଁ, ଏହା ଏକ ସାମାଜିକ ମାନ୍ୟତା, ଆଭିଜାତ୍ୟର ପ୍ରମାଣପତ୍ର। ଯାହା ପାଖରେ ଆଇଫୋନ ଅଛି, ସେ ଆଧୁନିକ, ସଫଳ ଓ ସମ୍ଭ୍ରାନ୍ତ ବୋଲି ବିବେଚିତ। ଏହି ବିକୃତ ମାନସିକତା ଆଜି ଯୁବପିଢିକୁ କିପରି ଗ୍ରାସ କରିଛି ଏବଂ ତା'ର ପରିଣତି କେତେ ମର୍ମନ୍ତୁଦ ହୋଇପାରେ, ତା'ର ଜ୍ୱଳନ୍ତ ପ୍ରମାଣ ହେଉଛି ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜିନଗର ଏବଂ ବିହାରର ବିଭିନ୍ନ ଅଞ୍ଚଳରେ ଘଟିଥିବା ଦୁଃଖଦ ଘଟଣାବଳୀ। ଗତ ସପ୍ତାହରେ ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜିନଗର ଜିଲ୍ଲାର ବାଲୁଜ ଏମଆଇଡିସି ଥାନା ଅନ୍ତର୍ଗତ ତିସଗାଁ ପାହାଡରେ ଘଟିଥିବା ଘଟଣା ସାରା ଦେଶର ବିବେକକୁ ଦୋହଲାଇ ଦେଇଛି। ସୂଚନା ଅନୁଯାୟୀ, ସେହି ଅଞ୍ଚଳର ବାସିନ୍ଦା ୧୯ ବର୍ଷୀୟ ଯୁବକ କୁନାଲ ଚାନ୍ଦଗୁଡେ କିଛି ମାସ ପୂର୍ବେ ଇଏମଆଇ ମାଧ୍ୟମରେ ଏକ ଆଇଫୋନ କ୍ରୟ କରିଥିଲେ। ତାଙ୍କ ପିତା ମୁରଲୀଧର ପେଶାରେ ଜଣେ ସାଧାରଣ ଡ୍ରାଇଭର, ମାତା ସଙ୍ଗୀତା ଗୃହିଣୀ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲା। ପ୍ରତି ମାସର କିସ୍ତି ପରିଶୋଧ କରିବାରେ ଅସମର୍ଥ ହୋଇ କୁନାଲ ପିତାଙ୍କୁ ଅର୍ଥ ମାଗିଥିଲେ। ଏହାକୁ ନେଇ ପିତା-ପୁତ୍ର ମଧ୍ୟରେ ବାକ ବିତଣ୍ଡା ହୁଏ। କ୍ରୋଧ ଓ ଅଭିମାନରେ କୁନାଲ ସକାଳ ୧୦ଟା ସମୟରେ ନିକଟସ୍ଥ ଖାଭଡା ପାହାଡ ଉପରକୁ ଚଢିଯାଇ ଜୀବନ ହାରିଦେବାକୁ ଧମକ ଦିଅନ୍ତି। ଏହା ଦେଖି ପିତାମାତା ବ୍ୟାକୁଳ ହୋଇ ପାହାଡ ଉପରକୁ ଯାଆନ୍ତି। ପୋଲିସ, ଅଗ୍ନିଶମ ବାହିନୀ ଏବଂ ଶତାଧିକ ଗ୍ରାମବାସୀ ପ୍ରାୟ ତିନି ଘଣ୍ଟା ଧରି ତାଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତି, ତଳେ ଜାଲ ବିଛାନ୍ତି। କିନ୍ତୁ ଯୁବକ ଜିଦରେ ଅଟଳ। ଶେଷରେ ଅପରାହ୍ଣ ପ୍ରାୟ ୧ଟା ସମୟରେ ପିତା ମୁରଲୀଧର ପୁତ୍ରକୁ ଟାଣି ଆଣିବାକୁ ଆଗକୁ ବଢନ୍ତି, ସେହି ସମୟରେ କୁନାଲ ଖାଇକୁ ଡେଇଁ ପଡନ୍ତି। ପୁତ୍ରକୁ ବଞ୍ଚାଇବାକୁ ଯାଇ ପିତା ମଧ୍ୟ ଭାରସାମ୍ୟ ହରାଇ ଖସି ପଡନ୍ତି। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖି ମାତା ସଙ୍ଗୀତା ଶୋକରେ ବିହ୍ୱଳ ହୋଇ ନିଜେ ପାହାଡ ଶୀର୍ଷରୁ ଡେଇଁ ପଡି ପ୍ରାଣ ବିସର୍ଜନ କରନ୍ତି। କେବଳ ଏକ ଆଇଫୋନର ମାସିକ କିସ୍ତି ପାଇଁ ଏକ ପୂରା ପରିବାର ନିଶ୍ଚିହ୍ନ ହୋଇଗଲା।

ଏହି ଘଟଣା ବିଚ୍ଛିନ୍ନ ନୁହେଁ। ବିହାରର ସୁପୌଲ ଜିଲ୍ଲାର ଲଗୁନିଆ ଗାଁରେ ୧୫ ବର୍ଷର ବାଳକ ବିଜୟ କୁମାର ମା' ମୋବାଇଲ ଛଡାଇ ନେବାରୁ ଆତ୍ମହତ୍ୟା କରିଥିଲା, ଦୁମକା ଜିଲ୍ଲାର ମଥକେଶୋ ଗାଁରେ ୧୨ ବର୍ଷର ବାଳକ ସ୍ମାର୍ଟଫୋନ ପାଇଁ ଫାଶୀ ଲଗାଇ ଦେଇଥିଲା। ଖଗଡିଆ ଜିଲ୍ଲାରେ ୧୬ ବର୍ଷର ଯୁବକ ଆଇଫୋନ ଜିଦ୍‌ରେ ଘର ଛାଡିଥିଲା। ଏହି ପରିସଂଖ୍ୟାନ ଏକ ଗଭୀର ସାମାଜିକ ବ୍ୟାଧିର ସୂଚକ। ପ୍ରଶ୍ନ ହେଉଛି, ଏହି ଅନ୍ଧ ମୋହର କାରଣ କଣ? ଏହାର ପ୍ରଥମ କାରଣ ହେଉଛି ସାମାଜିକ ଗଣମାଧ୍ୟମର ମାୟାଜାଲ। ଇନଷ୍ଟାଗ୍ରାମ, ସ୍ନାପଚାଟ, ୟୁଟ୍ୟୁବରେ ପ୍ରତିଦିନ ଆଇଫୋନରେ ନିର୍ମିତ ରିଲ୍, ଫଟୋ ଓ ବିଳାସପୂର୍ଣ୍ଣ ଜୀବନଶୈଳୀ ପ୍ରଦର୍ଶିତ ହେଉଛି। ଏହା ଦେଖି ଯୁବପିଢି ମଧ୍ୟରେ ଏକ ଧାରଣା ସୃଷ୍ଟି ହେଉଛି - ଯାହା ପାଖରେ ଆଇଫୋନ ନାହିଁ, ସେ ପଛୁଆ, ଅସଫଳ। ଏହା ହୀନମନ୍ୟତା ଓ ଈର୍ଷାକୁ ଜନ୍ମ ଦେଉଛି। ଦ୍ୱିତୀୟ କାରଣ ହେଉଛି ସହଜ ଇଏମଆଇ ବ୍ୟବସ୍ଥା। ମାସକୁ ମାତ୍ର ୫-୬ ହଜାର ଟଙ୍କାର ପ୍ରଲୋଭନ ମଧ୍ୟବିତ୍ତ ପରିବାରର ଯୁବକଙ୍କୁ ଋଣର ନାଗପାଶରେ ବାନ୍ଧି ଦେଉଛି। ତୃତୀୟ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ପାରିବାରିକ ସଂଳାପର ଅଭାବ ଓ ମୂଲ୍ୟବୋଧର କ୍ଷୟ। ଆମେ ସନ୍ତାନକୁ ଶିଖାଉନାହୁଁ ଯେ ପ୍ରକୃତ ପ୍ରତିଷ୍ଠା ଯନ୍ତ୍ରରେ ନୁହେଁ, ଚରିତ୍ର, ଶ୍ରମ ଓ ଜ୍ଞାନରେ। ଏହି ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଏକ ବ୍ୟାପକ ସଚେତନତା ଆବଶ୍ୟକ। ପ୍ରଥମତଃ, ପରିବାର ସ୍ତରରେ ସଂଳାପ ବଢାଇବାକୁ ହେବ। ପିତାମାତା ସନ୍ତାନର ଆବଶ୍ୟକତା ଓ ବିଳାସିତା ମଧ୍ୟରେ ପାର୍ଥକ୍ୟ ବୁଝାଇବେ, ଶ୍ରମର ମୂଲ୍ୟ ଶିଖାଇବେ। ଦ୍ୱିତୀୟତଃ, ଶିକ୍ଷାନୁଷ୍ଠାନ ଓ ଗଣମାଧ୍ୟମ ମାଧ୍ୟମରେ ମୂଲ୍ୟବୋଧ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ହେବ। ଯୁବପିଢିକୁ ବୁଝାଇବାକୁ ହେବ ଯେ ଆତ୍ମସମ୍ମାନ ଦାମୀ ଫୋନରେ ନୁହେଁ, ନିଜର ଦକ୍ଷତାରେ। ତୃତୀୟତଃ, ସରକାର ଓ ଆର୍ଥିକ ସଂସ୍ଥାମାନେ ନାବାଳକ ଓ ବିଦ୍ୟାର୍ଥୀଙ୍କୁ ସହଜ ଇଏମଆଇରେ ବିଳାସିତା ସାମଗ୍ରୀ ଯୋଗାଣ ଉପରେ କଟକଣା ଲଗାଇବା ଆବଶ୍ୟକ। ଆମେ ଭୁଲିବା ଉଚିତ ନୁହେଁ ଯେ ପ୍ରଯୁକ୍ତି ମଣିଷର ସେବା ପାଇଁ, ମଣିଷ ପ୍ରଯୁକ୍ତିର ଦାସ ହେବା ପାଇଁ ନୁହେଁ। ଆଜି ଆଇଫୋନ ୧୫, କାଲି ୧୬, ପରଦିନ ୧୭ ଆସିବ। ଏହି ଆକାଂକ୍ଷାର ଅନ୍ତ ନାହିଁ। କମ୍ପାନୀ ଚାହେଁ ଆମେ ଏହି ଅନ୍ତହୀନ ଦୌଡରେ ଧାଇଁବୁ, କାରଣ ଆମ ତୃଷ୍ଣାରେ ତା'ର ମୁନାଫା। କିନ୍ତୁ ଏହି ଦୌଡରେ ଆମେ ଆମ ପରିବାର, ଶାନ୍ତି ଓ ଜୀବନକୁ ହରାଇ ବସୁଛୁ। ପାହାଡ ଶୀର୍ଷରୁ ଖସିପଡିଥିବା ସେ ତିନି ନିଷ୍ପାପ ଜୀବନ ଆଜି ସମଗ୍ର ସମାଜକୁ ପ୍ରଶ୍ନ କରୁଛି - ଗୋଟିଏ ଫୋନ କଣ ତିନିଟି ଜୀବନଠାରୁ ବଡ? ଏହାର ଉତ୍ତର ଆମେ ସମସ୍ତେ ଖୋଜିବା ଆବଶ୍ୟକ। ନଚେତ୍ ଏହି ପ୍ରଯୁକ୍ତିର ମାୟାଜାଲରେ ଆହୁରି ଅନେକ ପରିବାର ବଳି ପଡିବେ।

ମୋ:୯୩୯୧୫୯୪୭୯୭

# ଭୁବନେଶ୍ୱର ବିମାନବନ୍ଦର ଲିଜ୍ ପ୍ରସଙ୍ଗରେ !

## ଅସିତ ମହାନ୍ତି

"ବାସ୍ତବରେ, ଘରୋଇ କମ୍ପାନୀମାନଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ଲାଭ। ଏହାର ଫଳରେ ସାଧାରଣ ଯାତ୍ରୀଙ୍କ ପାଇଁ ବିମାନବନ୍ଦରରେ ସେବା ମହଙ୍ଗା ହେବ, ପାର୍କିଂ, ଖାଦ୍ୟ, ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧାରେ ଖର୍ଚ୍ଚ ବଢ଼ିବ। ଘରୋଇ କମ୍ପାନୀମାନଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ଲାଭ। ସେମାନେ ସୁବିଧା, ସେବା, ଏବଂ ନିୟମକୁ ଏଭଳି ଭାବରେ ପରିବର୍ତ୍ତନ କରିବେ ଯାହାରେ ଲାଭ ବଢ଼ିବ। ଏହାର ଅର୍ଥ, ଯାତ୍ରୀମାନଙ୍କ ପାଇଁ ଟିକେଟରୁ ଆରମ୍ଭ କରି ପାର୍କିଂ, ସୁରକ୍ଷା, ଖାଦ୍ୟ, ଏବଂ ଅନ୍ୟାନ୍ୟ ସେବାରେ ଖର୍ଚ୍ଚ ବଢ଼ିବ। ଫଳରେ ସାଧାରଣ ଲୋକଙ୍କର ଯାତ୍ରା ଅଧିକ ମହଙ୍ଗା ହେବ।

ଭୁବନେଶ୍ୱର ବିମାନବନ୍ଦରକୁ ଲିଜରେ ଦେବା ପାଇଁ କେନ୍ଦ୍ର ସରକାର ଆଦେଶ ଜାରି କରିଛି। ଏହାର ଅର୍ଥ, ଏବେ ଏହି ବିମାନବନ୍ଦର ଘରୋଇ ପୁଞ୍ଜିପତିଙ୍କ ହାତରେ ପହଞ୍ଚିବ। ଏହା କେବଳ ଓଡ଼ିଶାରେ ନୁହେଁ, ଦେଶର ୧୧ଟି ବିମାନବନ୍ଦରକୁ ଏହି ପ୍ରକ୍ରିୟାରେ ଘରୋଇ କମ୍ପାନୀମାନଙ୍କୁ ଦେବାର ଶେଷ ପଦକ୍ଷେପ ନିଆଯାଇଛି। ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ବର୍ତ୍ତମାନ ପର୍ଯ୍ୟନ୍ତ ନୁକସାନ ରେ ଚାଲୁ ନଥିଲା , ତାହେଲେ ଏପରି ପଦକ୍ଷେପ କାହିଁକି କେନ୍ଦ୍ର ସରକାର ନେଲେ ? ପ୍ରଥମେ ଖଣି ଏବଂ ଏହାପରେ ବନ୍ଦର !

ଏହି ନୀତିର ମୂଳରେ ରହିଛି ସରକାରଙ୍କର ବ୍ୟାପକ ବେସରକାରୀକରଣ ଧାରା। ପିଛିଲା କିଛି ବର୍ଷରେ, ସରକାରୀ କ୍ଷେତ୍ରର ଅନେକ ସଂସ୍ଥାକୁ ବିକ୍ରି କରାଯାଇଛି କିମ୍ବା ଲିଜରେ ଦିଆଯାଇଛି। ବିମାନବନ୍ଦର ଭଳି ଜନସାଧାରଣଙ୍କ ଦୈନିକ ଯାତ୍ରା ସହିତ ସମ୍ପୃକ୍ତ ପ୍ରାଣାଧାରକୁ ଯଦି ଘରୋଇ ପୁଞ୍ଜିପତିଙ୍କ ହାତରେ ଦିଆଯାଏ, ତେବେ ତାହାର ପ୍ରଭାବ ସିଧାସଳଖ ଭାବରେ ଲୋକଙ୍କ ଜୀବନରେ ପଡ଼ିବ। ସରକାରୀ ସମ୍ପତ୍ତିକୁ ନିଜୀକରଣ କରିବାରେ ସରକାରଙ୍କର ମୂଳ ଯୁକ୍ତି ହେଉଛି "କାର୍ଯ୍ୟକ୍ଷମତା"। କିନ୍ତୁ ବାସ୍ତବରେ, ଘରୋଇ କମ୍ପାନୀମାନଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ଲାଭ। ଏହାର ଫଳରେ ସାଧାରଣ ଯାତ୍ରୀଙ୍କ ପାଇଁ ବିମାନବନ୍ଦରରେ ସେବା ମହଙ୍ଗା ହେବ, ପାର୍କିଂ, ଖାଦ୍ୟ, ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧାରେ ଖର୍ଚ୍ଚ ବଢ଼ିବ। ଘରୋଇ କମ୍ପାନୀମାନଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ଲାଭ। ସେମାନେ ସୁବିଧା, ସେବା, ଏବଂ ନିୟମକୁ ଏଭଳି ଭାବରେ ପରିବର୍ତ୍ତନ କରିବେ ଯାହାରେ ଲାଭ ବଢ଼ିବ। ଏହାର ଅର୍ଥ, ଯାତ୍ରୀମାନଙ୍କ ପାଇଁ ଟିକେଟରୁ ଆରମ୍ଭ କରି ପାର୍କିଂ, ସୁରକ୍ଷା, ଖାଦ୍ୟ, ଏବଂ ଅନ୍ୟାନ୍ୟ ସେବାରେ ଖର୍ଚ୍ଚ ବଢ଼ିବ। ଫଳରେ ସାଧାରଣ ଲୋକଙ୍କର ଯାତ୍ରା ଅଧିକ ମହଙ୍ଗା ହେବ।

ନିଜୀକରଣର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହେଉଛି ଚାକିରି। ସରକାରୀ ବିମାନବନ୍ଦରରେ ଯେତେକି କର୍ମଚାରୀ କାମ କରୁଥିଲେ, ସେମାନଙ୍କର ଚାକିରିରେ ଅନିଶ୍ଚିତତା ଆସିବ। ଘରୋଇ କମ୍ପାନୀମାନେ ସାଧାରଣତଃ କର୍ମଚାରୀ ସଂଖ୍ୟା କମାଇ, କମ୍ ଲୋକଙ୍କୁ ଅଧିକ କାମ କରାଇଥାନ୍ତି। ଏହାର ଫଳରେ ଅନେକଙ୍କର ଚାକିରି ଯାଇପାରେ, ଯାହା ସ୍ଥାନୀୟ ପରିବାରମାନଙ୍କ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିବ। ଏହି ପ୍ରକ୍ରିୟାରେ ଲାଭ କାହାକୁ ସ୍ପଷ୍ଟ, ଘରୋଇ ପୁଞ୍ଜିପତିମାନଙ୍କୁ। ସେମାନେ ଅଳ୍ପ ନିବେଶରେ ବିମାନବନ୍ଦରରୁ ବିଶାଳ ଲାଭ ଉଠାଇପାରିବେ। ସରକାରୀ ସମ୍ପତ୍ତି, ଯାହା ଜନସାଧାରଣଙ୍କର ଅଧିକାର, ତାହାକୁ ଘରୋଇ କମ୍ପାନୀମାନଙ୍କୁ ଦେଇଦେବାର ଅର୍ଥ, ସାଧାରଣ ଲୋକଙ୍କର ସୁବିଧାକୁ ବଳିଦାନ କରି, କେବଳ କିଛି ପୁଞ୍ଜିପତିଙ୍କୁ ସୁବିଧା ଦେବା। ଭୁବନେଶ୍ୱର ବିମାନବନ୍ଦର ଓଡ଼ିଶାର ଲୋକଙ୍କ ପାଇଁ କେବଳ ଯାତ୍ରାର ଏକ କେନ୍ଦ୍ର ନୁହେଁ, ଏହା ରାଜ୍ୟର ଅର୍ଥନୈତିକ, ସାମାଜିକ, ଓ ସାଂସ୍କୃତିକ ଜୀବନର ଏକ ଅବିଭାଜ୍ୟ ଅଂଶ। ଏହାକୁ ଘରୋଇ ହାତରେ ଦେବାର ଅର୍ଥ, ଲୋକଙ୍କର ଅଧିକାରକୁ କ୍ଷୀଣ କରିବା। ସରକାରୀ ସମ୍ପତ୍ତିର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସୁବିଧା ଦେବା, ସମାଜର ସମସ୍ତଙ୍କୁ ସମାନ ଅଧିକାର ଦେବା। କିନ୍ତୁ ଯଦି ଏହାକୁ ଘରୋଇ କମ୍ପାନୀମାନଙ୍କୁ ଦିଆଯାଏ, ତେବେ ସେମାନେ କେବଳ ଲାଭକୁ ଦେଖିବେ, ସାଧାରଣ ଲୋକଙ୍କର ସୁବିଧାକୁ ନୁହେଁ।

ଗଣତନ୍ତ୍ରର ମୂଳ ଧାରଣା ହେଉଛି ଲୋକଙ୍କର ସାର୍ବଭୌମତ୍ୱ। ଏକ ଗଣତନ୍ତ୍ରୀୟ ରାଷ୍ଟ୍ରରେ ସରକାରର ପ୍ରଥମ ଦାୟିତ୍ୱ ହେଉଛି ଜନସାଧାରଣଙ୍କୁ ସୁବିଧା, ସୁରକ୍ଷା ଓ ସମାନ ଅଧିକାର ଯୋଗାଇବା। କିନ୍ତୁ ଯେତେବେଳେ ସରକାରୀ ସମ୍ପତ୍ତି—ବିମାନବନ୍ଦର, ବିଦ୍ୟୁତ, ପାଣି, ରେଳ—କ୍ରମାଗତ ଭାବରେ ଘରୋଇ ପୁଞ୍ଜିପତିଙ୍କୁ ଦିଆଯାଉଛି, ସେଥିରେ ଗଣତନ୍ତ୍ରର ମୂଳ ଆଦର୍ଶକୁ ଚ୍ୟାଲେଞ୍ଜ କରାଯାଉଛି। ଘରୋଇକରଣର ଯୁକ୍ତି ସରକାରୀ ଭାଷାରେ "କାର୍ଯ୍ୟକ୍ଷମତା"। କିନ୍ତୁ ବାସ୍ତବରେ, ଘରୋଇ କମ୍ପାନୀମାନଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ଲାଭ। ଏହାର ଫଳରେ ସାଧାରଣ ଲୋକଙ୍କ ପାଇଁ ସେବା ମହଙ୍ଗା ହେଉଛି, ଦୈନିକ ଜୀବନର ଆବଶ୍ୟକୀୟ ସୁବିଧା—ଯାତ୍ରା, ବିଦ୍ୟୁତ, ପାଣି—ର ମୂଲ୍ୟ ଆକାଶଛୁଆଁ ହେଉଛି।




ଏହାରେ ଗଣତନ୍ତ୍ରର ସାର, ଯାହା ସମାଜର ସମସ୍ତଙ୍କୁ ସମାନ ସୁବିଧା ଦେବା, ଧୀରେ ଧୀରେ କ୍ଷୀଣ ହେଉଛି। ଚାକିରିରେ ଅନିଶ୍ଚିତତା ଏହି ପ୍ରକ୍ରିୟାର ଆଉ ଏକ ଗଭୀର ପ୍ରଭାବ। ସରକାରୀ ବିମାନବନ୍ଦର, ବିଦ୍ୟୁତ ବୋର୍ଡ଼, ରେଳ—ଏହି ସମସ୍ତରେ ଯେତେକି କର୍ମଚାରୀ କାମ କରୁଥିଲେ, ସେମାନଙ୍କର ଚାକିରିରେ ଅନିଶ୍ଚିତତା ଆସିବ। ଘରୋଇ କମ୍ପାନୀମାନେ ସାଧାରଣତଃ କର୍ମଚାରୀ ସଂଖ୍ୟା କମାଇ, କମ୍ ଲୋକଙ୍କୁ ଅଧିକ କାମ କରାଇଥାନ୍ତି। ଏହାର ଫଳରେ ଅନେକଙ୍କର ଚାକିରି ଯାଇପାରେ, ଯାହା ସ୍ଥାନୀୟ ପରିବାରମାନଙ୍କ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିବ। ଗଣତନ୍ତ୍ରରେ ସରକାରୀ ସମ୍ପତ୍ତିର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସୁବିଧା ଦେବା, ସମାଜର ସମସ୍ତଙ୍କୁ ସମାନ ଅଧିକାର ଦେବା। କିନ୍ତୁ ଯଦି ଏହାକୁ ଘରୋଇ କମ୍ପାନୀମାନଙ୍କୁ ଦିଆଯାଏ, ତେବେ ସେମାନେ କେବଳ ଲାଭକୁ ଦେଖିବେ, ସାଧାରଣ ଲୋକଙ୍କର ସୁବିଧାକୁ ନୁହେଁ। ଏହାରେ ଗଣତନ୍ତ୍ରର ଆଦର୍ଶ—"ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା, ଲୋକଙ୍କର"—କ୍ଷୀଣ ହେଉଛି। ତେଣୁ, ଘରୋଇକରଣର ଏହି ଧାରା କେବଳ ଅର୍ଥନୀତିକ ପଦକ୍ଷେପ ନୁହେଁ, ଏହା ଗଣତନ୍ତ୍ରର ମୂଳ ଆଦର୍ଶକୁ ଚ୍ୟାଲେଞ୍ଜ କରୁଛି। ଲୋକଙ୍କୁ ସୁବିଧା ଯୋଗାଇବାର ସ୍ଥାନରେ, ସରକାରୀ ସମ୍ପତ୍ତିକୁ କିଛି ପୁଞ୍ଜିପତିଙ୍କୁ ଦେଇ, ସାଧାରଣ ଲୋକଙ୍କୁ ଅଧିକ ଖର୍ଚ୍ଚ, ଅଧିକ ସମସ୍ୟା, ଓ ଚାକିରିରେ ଅନିଶ୍ଚିତତାରେ ପକାଇ ଦେଉଛି। ଏହି ପରିସ୍ଥିତିରେ, ଲୋକଙ୍କୁ ସଚେତନ ହେବା ଆବଶ୍ୟକ। ବିମାନବନ୍ଦର, ରେଳ, ବିଦ୍ୟୁତ, ପାଣି—ଏହି ସମସ୍ତ ସରକାରୀ ସମ୍ପତ୍ତି ଲୋକଙ୍କର ଅଧିକାର। ଏହାକୁ ଘରୋଇ ପୁଞ୍ଜିପତିଙ୍କୁ ଦେବାର ଅର୍ଥ, ଲୋକଙ୍କୁ ଅଧିକ ଖର୍ଚ୍ଚ, ଅଧିକ ସମସ୍ୟା, ଓ ଚାକିରିରେ ଅନିଶ୍ଚିତତା।

ଏଠାରେ ପ୍ରଶ୍ନ ଉଠେ ,ଏପରି କାହିଁକି ହେଉଛି? ସରକାର ସମସ୍ତ ପବ୍ଲିକ୍ ୟୁନିଟ୍କୁ ପୁଞ୍ଜିପତିଙ୍କ ହାତରେ ଦେଉଛି କାରଣ ମୂଳ ଉଦ୍ଦେଶ୍ୟ ହେଉଛି ରାଜସ୍ୱ ସଙ୍କଟକୁ କମାଇବା, ଅକାର୍ଯ୍ୟକ୍ଷମ ସଂସ୍ଥାଗୁଡ଼ିକୁ ଘରୋଇ ପରିଚାଳନାରେ ଦେଇ "କାର୍ଯ୍ୟକ୍ଷମତା" ବଢ଼ାଇବା, ଏବଂ ସରକାରକୁ ବ୍ୟବସାୟରୁ ଦୂରେଇ "ଶାସନ" ଉପରେ କେନ୍ଦ୍ରିତ କରିବା।ମୂଳ କାରଣଗୁଡ଼ିକ - ଆର୍ଥିକ ସଙ୍କଟ ଓ ରାଜସ୍ୱ ଚାପ: ୧୯୯୧ରେ ବ୍ୟାଲାନ୍ସ-ଅଫ୍-ପେମେଣ୍ଟ ସଙ୍କଟ ପରେ, ସରକାରୀ ଖର୍ଚ୍ଚ କମାଇବା ଓ ରାଜସ୍ୱ ସଂଗ୍ରହ ବଢ଼ାଇବା ପାଇଁ ବେସରକାରୀକରଣ ଆରମ୍ଭ ହେଲା। ଅକାର୍ଯ୍ୟକ୍ଷମ ପିଏସ୍ୟୁ : ଅନେକ ସରକାରୀ ସଂସ୍ଥା ଲସରେ ଚାଲୁଥିଲା, ଯଥା ଏୟାର ଇଣ୍ଡିଆ , ଯାହାକୁ .୨୦୨୨ରେ ଟାଟା ଗ୍ରୁପକୁ ବିକ୍ରି କରାଗଲା ।(ଏହାର କାରଣ ହେଉଛି ସରକାର ଇଉନିଟ ଗୁଡିକୁ ମ୍ୟାନେଜ କରିବାରେ ସକ୍ଷମ ହେଉନାହାନ୍ତି ଏବଂ ଏହା ଜାଣିଶୁଣି । ଜନତାଙ୍କ ସମ୍ମୁଖରେ ନୁକସାନ ହେଉଛି ବୋଲି ଦର୍ଶାଯାଇ ଘରୋଇ ପୁଞ୍ଜିପତି ମାନଙ୍କ ହାତରେ ଦିଆଯାଉଛି । ପୁଞ୍ଜିପତି ମାନଙ୍କୁ ଏଇଥିପାଇଁ ଦିଆଯାଉଛି , କାରଣ ସେମାନେ ସରକାରଙ୍କୁ ଚାନ୍ଦା ଦେଉଛନ୍ତି । ତା ବଦଳରେ ସରକାରୀ କମ୍ପାନୀକୁ ଚାହୁଁଛନ୍ତି . କାରଣ ଏଗୁଡିକ ପବ୍ଲିକ ଇଉନିଟ ଯେଉଁଥିରେ ଜନତାଙ୍କ ପଇସା ଖର୍ଚ୍ଚ ହୋଇଛି ,ଯେଉଁଥିରେ ଏହି ଘରୋଇ ମାଲିକ ମାନଙ୍କୁ ପ୍ରାରମ୍ଭିକ ଇନଭେଷ୍ଟମେଣ୍ଟ କରିବାକୁ ପଡିବ ନାହିଁ ଏବଂ ଲାଭ ଅତ୍ୟଧିକ) କାର୍ଯ୍ୟକ୍ଷମତା ଓ ପ୍ରତିସ୍ପର୍ଦ୍ଧା: ଘରୋଇ ପରିଚାଳନାରେ ବଜାରୀୟ ଶୃଙ୍ଖଳା, ନୂତନ ପ୍ରଯୁକ୍ତି, ଓ ଲାଭକୁ ବଢ଼ାଇବାର ଆଶା ରହେ। ମିନିମମ୍ ଗଭର୍ଣ୍ଣମେଣ୍ଟ ମ୍ୟାକ୍ସିମମ ଗଭର୍ଣ୍ଣାନସ ସରକାରୀ ନୀତିରେ ବ୍ୟବସାୟରୁ ସରକାରକୁ ଦୂରେଇ, କେବଳ ରକ୍ଷା, ପରମାଣୁ, ଓ କିଛି କୌଶଳୀକ କ୍ଷେତ୍ରରେ ନିୟନ୍ତ୍ରଣ ରଖିବା। କାହାକୁ ଲାଭ? ଘରୋଇ ପୁଞ୍ଜିପତି: ସରକାରୀ ସମ୍ପତ୍ତିକୁ ଅଳ୍ପ ମୂଲ୍ୟରେ ପାଇ, ବିଶାଳ ଲାଭ କରିପାରନ୍ତି। ସରକାର: ବିକ୍ରି/ ଲିଜ୍ରୁ ରାଜସ୍ୱ ଆସେ, ଯାହାକୁ ସାମାଜିକ କ୍ଷେତ୍ର (ଶିକ୍ଷା, ସ୍ୱାସ୍ଥ୍ୟ) ଓ ପ୍ରାଣାଧାରରେ ବ୍ୟୟ କରିବାର ଯୁକ୍ତି ଦିଆଯାଏ। କାହାକୁ ନୁକସାନ? ସାଧାରଣ ଲୋକ: ସେବା ମହଙ୍ଗା ହେବ, ଯାତ୍ରା, ବିଦ୍ୟୁତ, ପାଣି, ବିମାନବନ୍ଦର ଭଳି ସୁବିଧାରେ ଖର୍ଚ୍ଚ ବଢ଼ିବ। କର୍ମଚାରୀ: ଚାକିରିରେ ଅନିଶ୍ଚିତତା, କାରଣ ଘରୋଇ କମ୍ପାନୀମାନେ କର୍ମଚାରୀ ସଂଖ୍ୟା କମାଇଥାନ୍ତି। ସମାଜ: ସରକାରୀ ସମ୍ପତ୍ତି, ଯାହା ଲୋକଙ୍କର ଅଧିକାର, କେବଳ କିଛି ପୁଞ୍ଜିପତିଙ୍କ ଲାଭ ପାଇଁ ବ୍ୟବହୃତ ହେବ।

ସରକାରୀ ୟୁନିଟ୍ଗୁଡ଼ିକୁ ପୁଞ୍ଜିପତିଙ୍କ ହାତରେ ଦେବାର ମୂଳ ଉଦ୍ଦେଶ୍ୟ ହେଉଛି ରାଜସ୍ୱ ସଙ୍କଟକୁ କମାଇବା, ଅକାର୍ଯ୍ୟକ୍ଷମ ସଂସ୍ଥାଗୁଡ଼ିକୁ "କାର୍ଯ୍ୟକ୍ଷମ" କରିବା, ଓ ସରକାରକୁ ବ୍ୟବସାୟରୁ ଦୂରେଇବା। କିନ୍ତୁ ଏହାର ପ୍ରଭାବ ସାଧାରଣ ଲୋକଙ୍କ ପାଇଁ ଅଧିକ ଖର୍ଚ୍ଚ, ଚାକିରିରେ ଅନିଶ୍ଚିତତା, ଓ ସାମାଜିକ ସମାନତାରେ କ୍ଷୟ।ନିଜିକରଣ ପ୍ରକ୍ରିୟା କେବଳ ମୂଲ୍ୟବୃଦ୍ଧି ର କାରଣ ନୁହେଁ ବରଂ ଭୟଙ୍କର ବେରୋଜଗାରୀ ର କାରଣ ହୋଇ ଆଜି ଯୁବ ବର୍ଗଙ୍କ ସମ୍ମୁଖରେ ଦଣ୍ଡାୟମାନ । ଏହି ବେରୋଜଗାରୀ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାରେ ସହାୟକ ହେଉଛି ,ଯାହା ଆଜି ଆମେ ସମାଜରେ ଦେଖିବାକୁ ପାଉଛୁ ।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ନେପାଳରେ ଭୟଙ୍କର ବିନାଶ, ହିମାଳୟ ଦେଲା ବଡ଼ ଚେତାବନୀ

## ସୌଭାଗ୍ୟ ରଞ୍ଜନ ମହାନ୍ତି

"ତିବ୍ବତରୁ ନେପାଳ ପର୍ଯ୍ୟନ୍ତ ଧାଇ ଆସିଥିବା ଏହି ଜଳଧାରା ଆମକୁ ଏକ କଠିନ ସତ୍ୟ ଶିଖାଇଛି—ପ୍ରକୃତିକୁ ଆହ୍ୱାନ କରି ମଣିଷ ନିଜକୁ ବିଜେତା ଭାବିପାରେ, କିନ୍ତୁ ପ୍ରକୃତିର ଗୋଟିଏ ଅଚାନକ ଆଘାତ ସେହି ଅହଂକାରକୁ ମୁହୂର୍ତ୍ତରେ ଭାଙ୍ଗିଦେଇପାରେ। ତେଣୁ ଏହି ବିପର୍ଯ୍ୟୟରୁ ଆମେ କେବଳ ଦୁଃଖ ପ୍ରକାଶ କରି ଫେରିଯିବା ନୁହେଁ; ଏହାରୁ ଶିଖିବାକୁ ହେବ। ହିମାଳୟକୁ ସୁରକ୍ଷିତ ରଖିବାକୁ ହେବ, ନଦୀକୁ ସମ୍ମାନ କରିବାକୁ ହେବ ଏବଂ ବିପଦ ପୂର୍ବରୁ ପ୍ରସ୍ତୁତ ହେବାକୁ ହେବ। ଆଜି ନେପାଳ—କାଲି କିଏ? ଏହି ପ୍ରଶ୍ନର ଉତ୍ତର ଖୋଜିବାର ସମୟ ଏବେ।

ହିମାଳୟର ନିରବ ପାହାଡ଼ ମଧ୍ୟରୁ ହଠାତ୍ ଉଠିଲା ଜଳର ଏକ ଭୟଙ୍କର ତରଙ୍ଗ। କେହି ପ୍ରସ୍ତୁତ ହେବାର ସୁଯୋଗ ପାଇଲେ ନାହିଁ, କେହି ନିଜ ଘର, ଦୋକାନ କିମ୍ବା ଜୀବନର ସଞ୍ଚୟକୁ ବଞ୍ଚାଇବାର ସମୟ ପାଇଲେ ନାହିଁ। ନେପାଳର ରାସୁୱା ଜିଲ୍ଲାରେ ଭୋଟେ କୋଶୀ ନଦୀରେ ଆସିଥିବା ହଠାତ୍ ବନ୍ୟା ଯେଉଁ ବିନାଶର ଚିତ୍ର ଆଙ୍କିଛି, ତାହା କେବଳ ନେପାଳର ଦୁର୍ଘଟଣା ନୁହେଁ—ଏହା ସମଗ୍ର ହିମାଳୟ ଅଞ୍ଚଳ ପାଇଁ ଏକ ଗମ୍ଭୀର ସତର୍କ ସଙ୍କେତ। ତିବ୍ବତ ପାର୍ଶ୍ୱରୁ ହଠାତ୍ ବହୁ ପରିମାଣର ଜଳ ଭୋଟେ କୋଶୀ ନଦୀକୁ ପ୍ରବେଶ କରିବା ପରେ ରାସୁୱାର ତିମୁରେ, ସ୍ୟାଫ୍ରୁବେସୀ ଓ ଆଖପାଖ ଅଞ୍ଚଳରେ ଭୟଙ୍କର ବନ୍ୟା ଦେଖାଦେଇଥିଲା। ପ୍ରାଥମିକ ଖବର ଅନୁଯାୟୀ ଅତି କମରେ ୧୭୭ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ନିଖୋଜ ଅଛନ୍ତି। ପ୍ରକୃତ ମୃତ୍ୟୁସଂଖ୍ୟା ଓ କ୍ଷୟକ୍ଷତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଉଦ୍ଧାରକାରୀ ଦଳ ମଧ୍ୟ ପ୍ରବଳ ଜଳସ୍ରୋତ ଯୋଗୁଁ ଅନେକ ସ୍ଥାନରେ ପହଞ୍ଚିବାରେ ଅସୁବିଧା ଭୋଗୁଛନ୍ତି। ଏହି ବିପର୍ଯ୍ୟୟର ସବୁଠାରୁ ଭୟଙ୍କର ଦିଗ ହେଉଛି ଏହାର ଆକସ୍ମିକତା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏତେ ଦ୍ରୁତ ଗତିରେ ପାଣି ଆସିଥିଲା ଯେ ଲୋକମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବା ବ୍ୟତୀତ ଅନ୍ୟ କିଛି କରିପାରିନଥିଲେ। ପ୍ରବଳ କାଦୁଅ ପାଣି ସେତୁ, ଘର ଓ ଅନ୍ୟାନ୍ୟ ନିର୍ମାଣକୁ କ୍ଷଣକ ମଧ୍ୟରେ ଭାସାଇ ନେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ପ୍ରକୃତିର ଏହି ରୁଦ୍ରରୂପ ରାସୁୱାରେ କେବଳ ଘରବାଡ଼ିକୁ ନୁହେଁ, ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ଭୟଙ୍କର ଭାବେ ଆଘାତ କରିଛି। ତିମୁରେ ବଜାର, ସୀମା ଶୁଳ୍କ କାର୍ଯ୍ୟାଳୟ ଓ ଅନେକ ଅଞ୍ଚଳରେ ବଡ଼ କ୍ଷତି ହୋଇଛି। ନୁୱାକୋଟର ବେତ୍ରାୱତୀରୁ ରସୁୱାଗାଢ଼ୀ ସୀମା ପର୍ଯ୍ୟନ୍ତ ପ୍ରାୟ ୪୨ କିଲୋମିଟର ରାସ୍ତା ବନ୍ୟାରେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି। ଅନେକ ସେତୁ ମଧ୍ୟ ଭାସିଯାଇଛି। ଏହା କେବଳ ଏକ ସଡ଼କ ଭାଙ୍ଗିବାର ଘଟଣା ନୁହେଁ। ଏହି ରାସ୍ତା ନେପାଳ-ଚୀନ ସୀମା ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା। ରାସ୍ତା ଓ ସେତୁ ନଷ୍ଟ ହେବାର ଅର୍ଥ ହେଉଛି ଅଞ୍ଚଳର ବାଣିଜ୍ୟ, ଯାତାୟାତ ଓ ଜରୁରୀ ସେବା ଉପରେ ଦୀର୍ଘ ପ୍ରଭାବ ପଡ଼ିବା। ଏହା ସହିତ ଜଳବିଦ୍ୟୁତ କ୍ଷେତ୍ର ମଧ୍ୟ ବଡ଼ ଧକ୍କା ଖାଇଛି। ପ୍ରାୟ ୪୩୦ ମେଗାୱାଟ୍ ବିଦ୍ୟୁତ କ୍ଷମତା ପ୍ରଭାବିତ ହୋଇଥିବା ଖବର ଆସିଛି। ଏହି ଘଟଣାର ସଠିକ୍ କାରଣ ନେଇ ତଦନ୍ତ ଜାରି ରହିଥିଲେ ମଧ୍ୟ ତିବ୍ବତ ପାର୍ଶ୍ୱରୁ ହଠାତ୍ ବହୁ ପରିମାଣର ଜଳ ଆସିଥିବା ନେପାଳୀ କର୍ତ୍ତୃପକ୍ଷ କହିଛନ୍ତି। ହିମନଦୀ ହ୍ରଦ ଫାଟିଯିବା ଭଳି ପ୍ରାକୃତିକ ଘଟଣାର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହେଉଛି, କିନ୍ତୁ ତଦନ୍ତ ଶେଷ ହେବା ପୂର୍ବରୁ କୌଣସି ଗୋଟିଏ କାରଣକୁ ନିଶ୍ଚିତ ବୋଲି କହିବା ଠିକ୍ ହେବ ନାହିଁ। ତଥାପି ଏହି ବିପର୍ଯ୍ୟୟ ଆମକୁ ଗୋଟିଏ ବଡ଼ ସତ୍ୟ ମନେ ପକାଇଦେଉଛି—ହିମାଳୟ ଆଉ ଆମ ପାଇଁ ନିରାପଦ ଓ ସ୍ଥିର ପାହାଡ଼ମାଳା ମାତ୍ର ନୁହେଁ। ଜଳବାୟୁ ପରିବର୍ତ୍ତନ, ହିମନଦୀର ପରିବର୍ତ୍ତନ, ଚରମ ପାଣିପାଗ ଓ ପାହାଡ଼ ଅଞ୍ଚଳର ଅସ୍ଥିରତା ଭବିଷ୍ୟତରେ ଏପରି ବିପର୍ଯ୍ୟୟର ଆଶଙ୍କା ବଢ଼ାଇପାରେ। ଭୋଟେ କୋଶୀ ନଦୀର ଏହି ଘଟଣାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପାଠ ରହିଛି—ନଦୀ କୌଣସି ଦେଶର ସୀମା ମାନେନାହିଁ। ତିବ୍ବତର ଉପର



ଅଞ୍ଚଳରେ ଘଟୁଥିବା ଏକ ଅଚାନକ ପ୍ରାକୃତିକ ଘଟଣାର ପ୍ରଭାବ ନେପାଳରେ ଦେଖାଯାଇପାରେ ଏବଂ ତଳ ଅଞ୍ଚଳରେ ମଧ୍ୟ ତାହାର ପ୍ରଭାବ ପହଞ୍ଚିପାରେ। ତେଣୁ ଏପରି ସୀମାପାର ନଦୀଗୁଡ଼ିକ ପାଇଁ ଚୀନ, ନେପାଳ ଓ ଭାରତ ମଧ୍ୟରେ ତଥ୍ୟ ଆଦାନପ୍ରଦାନ, ଜଳସ୍ତର ସୂଚନା ଓ ପୂର୍ବ ସତର୍କତା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ଅତ୍ୟନ୍ତ ଆବଶ୍ୟକ। ଆଜି ନେପାଳର ରାସୁୱାରେ ଯାହା ଘଟିଛି, ତାହା ଆମ ପାଇଁ ମଧ୍ୟ ଚେତାବନୀ। ହିମାଳୟରୁ ଜନ୍ମ ନେଇଥିବା ନଦୀଗୁଡ଼ିକ ଭାରତର ଜୀବନରେଖା। ଉପର ଅଞ୍ଚଳରେ ଅସାଧାରଣ ଜଳପ୍ରବାହ ହେଲେ ତାହାର ପ୍ରଭାବ ତଳ ଅଞ୍ଚଳରେ ପହଞ୍ଚିବା ଅସମ୍ଭବ ନୁହେଁ। ତେଣୁ ବିପଦ ଆସିବା ପରେ ତ୍ରାଣ ଦେବା ଠାରୁ ବିପଦ ଆସିବା ପୂର୍ବରୁ ଚେତାବନୀ ଦେବା ଅଧିକ ଜରୁରୀ। ଏହି ବିପର୍ଯ୍ୟୟ ଆମକୁ ଆଉ ଏକ ପ୍ରଶ୍ନ ପଚାରୁଛି—ହିମାଳୟରେ ଆମେ କେତେ ଦାୟିତ୍ୱଶୀଳ ଭାବେ ବିକାଶ କରୁଛୁ? ନଦୀର ସ୍ୱାଭାବିକ ପଥକୁ ଅଣଦେଖା କରି ନିର୍ମାଣ, ବନ୍ୟାପ୍ରବଣ ଅଞ୍ଚଳରେ ଅବସ୍ଥାପନା ଏବଂ ପାହାଡ଼ର ପ୍ରାକୃତିକ ସନ୍ତୁଳନକୁ ଅଣଦେଖା କରି ପ୍ରକଳ୍ପ ନିର୍ମାଣ କରାଗଲେ ଏକ ଭୟଙ୍କର ପ୍ରାକୃତିକ ଘଟଣା ସମଗ୍ର ବ୍ୟବସ୍ଥାକୁ ଧ୍ୱଂସ କରିପାରେ। ଆଜି ରାସୁୱାର ଲୋକମାନେ ନିଜ ଘର ଓ ଜୀବିକା ହରାଇଛନ୍ତି। କେହି ନିଜ ପରିବାରର ସଦସ୍ୟଙ୍କୁ ଖୋଜୁଛନ୍ତି, କେହି ନିଜର ସର୍ବସ୍ୱ ହରାଇ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଚାହିଁ ରହିଛନ୍ତି। ଏହି ସମୟରେ ସବୁଠାରୁ ପ୍ରଥମ କାମ ହେଉଛି ମଣିଷର ଜୀବନ ବଞ୍ଚାଇବା, ନିଖୋଜଙ୍କୁ ଖୋଜିବା, ଆହତଙ୍କୁ ଚିକିତ୍ସା ଦେବା ଏବଂ ବିସ୍ଥାପିତଙ୍କୁ ଆଶ୍ରୟ ଯୋଗାଇବା। କିନ୍ତୁ ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଆଉ ଏକ ବଡ଼ କାମ ଆରମ୍ଭ ହେବା ଦରକାର—ଏହି ବିପର୍ଯ୍ୟୟ କାହିଁକି ଘଟିଲା, କେଉଁଠି ଆମର ପ୍ରସ୍ତୁତିର ଅଭାବ ଥିଲା ଏବଂ ଆଗାମୀ ଦିନରେ ଏହାଠାରୁ ବଡ଼ ବିପଦକୁ କିପରି ରୋକାଯାଇପାରିବ, ତାହାର ନିଷ୍କ୍ଷ ଉତ୍ତର ଖୋଜିବା। ନେପାଳର ଏହି ଜଳପ୍ରଳୟ କେବଳ ଏକ ବନ୍ୟା ନୁହେଁ; ଏହା ଆମର ଆତ୍ମସନ୍ତୋଷ ଉପରେ ପ୍ରକୃତିର ଏକ କଠୋର ଆଘାତ। ଆମେ ଯଦି ଏବେ ମଧ୍ୟ ଚେତିବୁ ନାହିଁ, ତେବେ ଆଗାମୀ ଦିନରେ ଏପରି ଘଟଣା ଆହୁରି ଭୟଙ୍କର ରୂପ ନେଇପାରେ। ତେଣୁ ସମୟ ଆସିଛି ହିମାଳୟକୁ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ଭାବେ ନୁହେଁ, ଏକ ସମ୍ବେଦନଶୀଳ ଓ ବିପଦପ୍ରବଣ ପରିବେଶ ଭାବେ ଦେଖିବାର। ସରକାରଙ୍କୁ ବୈଜ୍ଞାନିକ ନିରୀକ୍ଷଣ ବଢ଼ାଇବାକୁ ହେବ, ପୂର୍ବ ସତର୍କ ସୂଚନା ବ୍ୟବସ୍ଥାକୁ ଗାଁ ସ୍ତର ପର୍ଯ୍ୟନ୍ତ ନେବାକୁ ହେବ ଏବଂ ସୀମାପାର ନଦୀ ସମ୍ପର୍କିତ ତଥ୍ୟକୁ ତୁରନ୍ତ ଆଦାନପ୍ରଦାନ କରିବାକୁ ହେବ। କାରଣ ବନ୍ୟାକୁ ସବୁବେଳେ ରୋକିହେବ ନାହିଁ, କିନ୍ତୁ ସମୟରେ ଚେତାବନୀ ଦେଇ ଅସଂଖ୍ୟ ଜୀବନ ବଞ୍ଚାଇହେବ। ଆଜି ରାସୁୱାର ଦୁଃଖ ଆମ ସମସ୍ତଙ୍କ ଦୁଃଖ। ତିବ୍ବତରୁ ନେପାଳ ପର୍ଯ୍ୟନ୍ତ ଧାଇ ଆସିଥିବା ଏହି ଜଳଧାରା ଆମକୁ ଏକ କଠିନ ସତ୍ୟ ଶିଖାଇଛି—ପ୍ରକୃତିକୁ ଆହ୍ୱାନ କରି ମଣିଷ ନିଜକୁ ବିଜେତା ଭାବିପାରେ, କିନ୍ତୁ ପ୍ରକୃତିର ଗୋଟିଏ ଅଚାନକ ଆଘାତ ସେହି ଅହଂକାରକୁ ମୁହୂର୍ତ୍ତରେ ଭାଙ୍ଗିଦେଇପାରେ। ତେଣୁ ଏହି ବିପର୍ଯ୍ୟୟରୁ ଆମେ କେବଳ ଦୁଃଖ ପ୍ରକାଶ କରି ଫେରିଯିବା ନୁହେଁ; ଏହାରୁ ଶିଖିବାକୁ ହେବ। ହିମାଳୟକୁ ସୁରକ୍ଷିତ ରଖିବାକୁ ହେବ, ନଦୀକୁ ସମ୍ମାନ କରିବାକୁ ହେବ ଏବଂ ବିପଦ ପୂର୍ବରୁ ପ୍ରସ୍ତୁତ ହେବାକୁ ହେବ। ଆଜି ନେପାଳ—କାଲି କିଏ? ଏହି ପ୍ରଶ୍ନର ଉତ୍ତର ଖୋଜିବାର ସମୟ ଏବେ।

ମୋ- ୯୪୩୭୯୯୪୩୭୯

## ଗାନ୍ଧୀ ପବ୍ଲିକ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ

ଗୁଣପୁର,୨୭।୮ (ନିପ୍ର): ଗୁଣପୁର ସ୍ଥିତ ଗାନ୍ଧି ପବ୍ଲିକ ସ୍କୁଲରେ ଆନନ୍ଦ ଉତ୍ସାହର ସହିତ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ନର୍ସରୀ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରୀମାନେ ଛାତ୍ରଭାଇ ମାନଙ୍କ ମଥାରେ ଚନ୍ଦନ ଓ ସିନ୍ଦୂର ଟିକା ଲଗାଇ ହାତରେ ରାକ୍ଷୀ ବାନ୍ଧି ସେମାନଙ୍କର ସୁଖ ଶାନ୍ତି କାମନା କରିଥିଲେ । ସେହିପରି ଭାଇମାନେ ଭଉଣୀମାନଙ୍କୁ ମିଷ୍ଟାନ୍ନ ଖୁଆଇ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାଳୟର ଖେଳ ପଡିଆରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ସାମୂହିକ ରକ୍ଷା ବନ୍ଧନ ଓ ମିଷ୍ଟାନ୍ନ ବଣ୍ଟନ ଦୃଶ୍ୟରେ ବିଦ୍ୟାଳୟଟି ଉତ୍ସବ ମୁଖର ହେବା ସହିତ ଆମ ସଂସ୍କୃତି, ପରମ୍ପରା ଓ ଭ୍ରାତୃତ୍ୱ ଭାବର ମିଳନ ସ୍ଥଳୀରେ ପରିଣତ ହୋଇଥିଲା। ଏହା ପରେ 'ପରିବେଶ ସୁରକ୍ଷା ଜୀବନ ରକ୍ଷା' ବାର୍ତ୍ତା ଦେବାପାଇଁ ଛାତ୍ରୀମାନେ ବିଦ୍ୟାଳୟ ନିକଟବର୍ତ୍ତୀ ବୃକ୍ଷଗୁଡିକରେ ରାକ୍ଷୀ ବାନ୍ଧିଥିଲେ। ରକ୍ଷା ବନ୍ଧନର ପୌରାଣିକ , ଐତିହାସିକ କିମ୍ବଦନ୍ତୀକୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ବକ୍ତୃତା ମାଧ୍ୟମରେ ପରିପ୍ରକାଶ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ରକ୍ଷା ବନ୍ଧନ ଦିବସର ତାତ୍ପର୍ଯ୍ୟ ଓ ଆମ ସଂସ୍କୃତି ବିଷୟରେ କହିଥିଲେ। ଏହି ପରିପ୍ରେକ୍ଷୀରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଥିଲେ ଆଜିର ଏହି ପବିତ୍ର ଦିବସ ଆମ ଓଡ଼ିଶାର ଘରେଘରେ ଗହ୍ମା ପୂର୍ଣ୍ଣିମା ସହିତ ଗୋମାତା ପୂଜନ କରାଯାଏ। କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟ ପ୍ରକାଶ ପଣ୍ଡା ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ରକ୍ଷା ବନ୍ଧନର ଶୁଭ ଅଭିନନ୍ଦନ ଜଣାଇଥିଲେ ।

## ପରଲସିଙ୍ଗା ଚାରିଛକ ରାସ୍ତାରେ ପାଣି ଯାତାୟାତରେ ଘୋର ସମସ୍ୟା

କେସିଙ୍ଗା-୨୭/୮(ନିପ୍ର) କେସିଙ୍ଗା ବ୍ଲକ ଅନ୍ତର୍ଗତ ପରଲସିଙ୍ଗା ଚାରିଛକ ନିକଟସ୍ଥ ରାସ୍ତାରେ ଦୀର୍ଘଦିନ ଧରି ପାଣି ଜମା ହୋଇ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ଯାତାୟାତ କରୁଥିବା ବେଳେ ରାସ୍ତା ଉପରେ ଜମିଥିବା ପାଣି ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଏହି ରାସ୍ତା ନିକଟରେ ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ସାଧାରଣ ଜନସାଧାରଣ ପ୍ରତିଦିନ ଏହି ପଥ ବ୍ୟବହାର କରୁଛନ୍ତି। ବିଶେଷକରି ବର୍ଷା ଦିନରେ ରାସ୍ତାରେ ଜମିଥିବା




ପାଣି ଯୋଗୁଁ ପଦଚାରୀ ଏବଂ ଦୁଇଚକିଆ ଯାନ ଚାଳକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରଲସିଙ୍ଗାରୁ କଚ୍ଛାରପଦର ଦେଇ ବାଲସି ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା ଅଞ୍ଚଳର ଏକ ପ୍ରମୁଖ ସଂଯୋଗ ପଥ ହୋଇଥିବାରୁ ପ୍ରତିଦିନ ଅନେକ ଗ୍ରାମବାସୀ ଏହି ମାର୍ଗରେ ଯିବାଆସିବା କରୁଛନ୍ତି।

ତଥାପି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଏନେଇ ଲମ୍ବୋଦର ମାଝୀ, ମିଣ୍ଟୁ କୁମାର ନାୟକ, ପୂର୍ବତନ ସରପଞ୍ଚ କିଶୋର ବାଗ, ରାଜୀବ ନାଏକ, ସୁଦର୍ଶନ ସାହୁ, କୃଷ୍ଣା ଗହୀର, ନୀଳକଣ୍ଠ କୁମାରଙ୍କ ସମେତ ଅନେକ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଲୋକଙ୍କ ଦୈନନ୍ଦିନ ଯାତାୟାତ ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ରାସ୍ତାରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ସହ ରାସ୍ତାର ମରାମତି କରାଯିବା ଆବଶ୍ୟକ। ଗ୍ରାମବାସୀମାନେ ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରି ଶୀଘ୍ର ସମାଧାନ ଦାବି କରିଛନ୍ତି।

## ଗୁଡାରୀ ବିଜ୍ଞାପିତ ଅଞ୍ଚଳକୁ ରାଜ୍ୟସ୍ତରୀୟ ସମ୍ମାନ

ରାୟଗଡ଼:୨୭/୮(ନି:ପ୍ର) ଗୁଡାରୀ ବିଜ୍ଞାପିତ ଅଞ୍ଚଳକୁ ରାଜ୍ୟସ୍ତରୀୟ ସମ୍ମାନ ଚୟନ ହୋଇଛି । ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ନିଜସ୍ୱ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୫-୧୬ ଆର୍ଥିକ ବର୍ଷରେ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୩୬.୪୫ ଲକ୍ଷ ଟଙ୍କା ନିଜସ୍ୱ ରାଜସ୍ୱ ସଂଗ୍ରହ ସଂଗ୍ରହ କରାଯାଇଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୭୦.୨୦ ଲକ୍ଷ ଟଙ୍କାରେ ପହଞ୍ଚିଛି।

ଫଳରେ ଓଏସଆର ସଂଗ୍ରହରେ ପ୍ରାୟ ୯୨ ପ୍ରତିଶତ ବୃଦ୍ଧି ଘଟିଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ମାର୍ଗଦର୍ଶନ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ସହରାଞ୍ଚଳ ବିକାଶ ସଂସ୍ଥା ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ସହଯୋଗ ଓ ପ୍ରୋତ୍ସାହନରେ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି।ବିଜ୍ଞାପିତ ପରିଷଦ ଅଞ୍ଚଳର ଅଧିକାରୀ ଓ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଏବଂ ରାଜସ୍ୱ ସଂଗ୍ରହରେ ନିରନ୍ତର ଉଦ୍ୟମ ଏହି ସଫଳତାର ମୁଖ୍ୟ ଆଧାର ପାଲଟିଛି। ଓଆରଏସ ସଂଗ୍ରହରେ ଏହି ଅଭିନନ୍ଦନୀୟ ବୃଦ୍ଧିକୁ ସ୍ୱୀକୃତି ଦେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁଡାରୀ ଏନଏସି କୁ ଓଆରଏସ ସଂଗ୍ରହରେ ବୃଦ୍ଧି ପାଇଁ ପ୍ରଶଂସନୀୟ ସ୍ଥାନୀୟ ପ୍ରଦର୍ଶନ ନିମନ୍ତେ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୩୧ ଅଗଷ୍ଟ ୨୦୨୬ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସ୍ୱୟଂଶାସିତ ଦିବସ କାର୍ଯ୍ୟକ୍ରମରେ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଏହି ସମ୍ମାନ ପ୍ରଦାନ କରାଯିବ।

ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦକୁକୁ ୨ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦର ଏହି ସଫଳତା ରାଜସ୍ୱ ସଂଗ୍ରହକୁ ସୁଦୃଢ଼ କରିବା ସହ ନଗର ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ଆହୁରି ଗତିଶୀଳ କରିବାରେ ସହାୟକ ହେବ।

# ସଡ଼କ ଦୁର୍ଘଟଣା ରୋକିବାକୁ ବୈଜ୍ଞାନିକ ତଦନ୍ତ ଉପରେ ଓଡ଼ିଶା ପୁଲିସର ଗୁରୁତ୍ୱ

କଟକ,୨୭।୮ (ନିପ୍ର) : ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଓ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଦିଗରେ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଓଡ଼ିଶା ପୁଲିସ ପକ୍ଷରୁ କଟକସ୍ଥିତ ଆଇଜିପି, କେନ୍ଦ୍ରାଞ୍ଚଳଙ୍କ କାର୍ଯ୍ୟାଳୟରେ 'ସଡ଼କ ସୁରକ୍ଷା ଓ ଦୁର୍ଘଟଣା ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଓ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ସହ ସମ୍ପୃକ୍ତ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆଇଆଇଟି ମାଡ୍ରାସର ବୈଷୟିକ ବିଶେଷଜ୍ଞମାନେ ଏଥିରେ ଯୋଗଦେଇ ବୈଜ୍ଞାନିକ ଢଙ୍ଗରେ ସଡ଼କ ଦୁର୍ଘଟଣା ତଦନ୍ତ ଓ ସଡ଼କ ସୁରକ୍ଷା ପରିଚାଳନା ସମ୍ପର୍କରେ ବିଶେଷ ବୈଷୟିକ ଜ୍ଞାନ ଓ ବ୍ୟବହାରିକ ଅନୁଭୂତି ବଖାଣିଥିଲେ । ପ୍ରଶିକ୍ଷଣରେ ଦୁର୍ଘଟଣା ତଦନ୍ତ ପାଇଁ ଏକ ବ୍ୟବସ୍ଥିତ ଓ ବୈଜ୍ଞାନିକ ପଦ୍ଧତି ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଦୁର୍ଘଟଣାସ୍ଥଳ ପରୀକ୍ଷା, ଦୁର୍ଘଟଣାର କାରଣ ଚିହ୍ନଟ, ପ୍ରମାଣର ବୈଜ୍ଞାନିକ ସଂଗ୍ରହ ଓ ସୁରକ୍ଷିତ ସଂରକ୍ଷଣ, ଦୁର୍ଘଟଣାର ପରିସ୍ଥିତି ବିଶ୍ଳେଷଣ ଏବଂ ତଦନ୍ତ ରିପୋର୍ଟ ପ୍ରସ୍ତୁତି ଆଦି ବିଷୟ ସାମିଲ ଥିଲା। ଦୁର୍ଘଟଣା ତଦନ୍ତରୁ ମିଳୁଥିବା ତଥ୍ୟକୁ ପ୍ରତିଷେଧମୂଳକ ଓ କାର୍ଯ୍ୟକ୍ଷମ ପଦକ୍ଷେପରେ ପରିଣତ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ସଡ଼କ ସୁରକ୍ଷା ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପ୍ରାଥମିକତା ହୋଇଥିବାବେଳେ ଓଡ଼ିଶା ପୁଲିସ ଓ ରାଜ୍ୟ ପରିବହନ ପ୍ରାଧିକରଣ ପ୍ରତିରୋଧ, ଆଇନ ପ୍ରବର୍ତ୍ତନ, ତଦନ୍ତ, ତଥ୍ୟ ବିଶ୍ଳେଷଣ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏସ୍‌ଟିଏ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ତଥ୍ୟଭିତ୍ତିକ ଓ ପ୍ରଯୁକ୍ତି ନିର୍ଭର ପଦ୍ଧତିକୁ ପ୍ରୋତ୍ସାହନ ଦେବା ପାଇଁ ସଡ଼କ ସୁରକ୍ଷା ତଥ୍ୟ ପରିଚାଳନାକୁ ସୁଦୃଢ଼ କରିବା, ରୋଡ୍ ସେଫ୍ଟି ଡ୍ୟାସ୍‌ବୋର୍ଡ ବିକଶିତ କରିବା, ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଓ ଦୁର୍ଘଟଣା ପ୍ରତିରୋଧ ପାଇଁ ପ୍ରମାଣଭିତ୍ତିକ ପଦକ୍ଷେପ ଗ୍ରହଣ ଭଳି ଅନେକ ପଦକ୍ଷେପ ନିଆଯାଉଛି। ଦୁର୍ଘଟଣା ତଥ୍ୟକୁ ବୈଜ୍ଞାନିକ ତଦନ୍ତ ସହ ସମନ୍ୱିତ କରାଗଲେ ଦୁର୍ଘଟଣାର ଧାରା, ଅସୁରକ୍ଷିତ ସ୍ଥାନ ଓ ଦୁର୍ଘଟଣାର କାରଣ ଗୁଡ଼ିକ ଚିହ୍ନଟ କରିବା ସହଜ ହେବ। ଏହା ଦ୍ୱାରା ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଅଧିକ ଲକ୍ଷ୍ୟଭିତ୍ତିକ ଓ ପ୍ରଭାବଶାଳୀ ସଡ଼କ ସୁରକ୍ଷା ପଦକ୍ଷେପ ଗ୍ରହଣ କରିପାରିବେ। ପ୍ରଶିକ୍ଷଣର ବୈଷୟିକ ଅଧିବେଶନଗୁଡ଼ିକ ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିଶେଷଜ୍ଞମାନେ ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ସମ୍ପର୍କରେ ନିଜର ଜ୍ଞାନ ଏବଂ କ୍ଷେତ୍ରଭିତ୍ତିକ ପଦ୍ଧତି ବିଷୟରେ ଅବଗତ କରାଇଥିଲେ। ଏହା ଦ୍ୱାରା ଅଂଶଗ୍ରହଣକାରୀ ଅଧିକାରୀମାନେ ସଡ଼କ ଦୁର୍ଘଟଣାର ବୈଷୟିକ ଓ ବିଶ୍ଳେଷଣାତ୍ମକ ଦିଗ ସମ୍ପର୍କରେ ଅଧିକ ସ୍ପଷ୍ଟ ଧାରଣା ହାସଲ କରିଥିଲେ। ପ୍ରଭାବଶାଳୀ ଦୁର୍ଘଟଣା ତଦନ୍ତ କେବଳ ତତ୍କାଳୀନ କାରଣ ନିର୍ଣ୍ଣୟରେ ସୀମିତ ନ ରହି, ସଡ଼କ ନିର୍ମାଣଜନିତ ତ୍ରୁଟି, ଯାନବାହନ ସମ୍ପର୍କିତ କାରକ, ମାନବୀୟ ତ୍ରୁଟି ଏବଂ ଅନ୍ୟାନ୍ୟ ସହାୟକ ପରିସ୍ଥିତିକୁ ମଧ୍ୟ ଚିହ୍ନଟ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ସତ୍ୟଜିତ ନାୟକ କହିଛନ୍ତି ଯେ "ପ୍ରତ୍ୟେକ ସଡ଼କ ଦୁର୍ଘଟଣା ଆମକୁ ସେହି ତ୍ରୁଟିଗୁଡ଼ିକ ବିଷୟରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରେ, ଯାହାର ସମାଧାନ ଆବଶ୍ୟକ। ବୈଜ୍ଞାନିକ ତଦନ୍ତ ଆମକୁ ସେହି ତ୍ରୁଟିଗୁଡ଼ିକୁ ବୁଝିବାରେ ସହାୟତା କରେ। ଭବିଷ୍ୟତରେ ସମାନ ଦୁର୍ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣର ସୁଯୋଗ ଦେଇଥାଏ।" ପୁଲିସ, ପରିବହନ ବିଭାଗ, ସଡ଼କ ନିର୍ମାଣ ଓ ରକ୍ଷଣାବେକ୍ଷଣ ସହ ସମ୍ପୃକ୍ତ ସଂସ୍ଥା ଓ ବୈଷୟିକ ବିଶେଷଜ୍ଞମାନଙ୍କ ମଧ୍ୟରେ ସମନ୍ୱୟର ଗୁରୁତ୍ୱ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଦୁର୍ଘଟଣା ତଦନ୍ତରୁ ମିଳୁଥିବା ନିଷ୍କର୍ଷକୁ ପ୍ରଭାବଶାଳୀ ପ୍ରତିଷେଧମୂଳକ ପଦକ୍ଷେପରେ ପରିଣତ କରିବା ପାଇଁ ଏହି ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଆଇପିଏସ୍ ଅମିତାଭ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ତଦନ୍ତ, ପ୍ରଯୁକ୍ତି ଏବଂ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ପ୍ରଶିକ୍ଷଣରୁ ହାସଲ କରିଥିବା ଜ୍ଞାନକୁ ନିଜର କ୍ଷେତ୍ରୀୟ ଦାୟିତ୍ୱରେ ପ୍ରୟୋଗ କରିବା ସହ ଓଡ଼ିଶାରେ ଏକ ସୁଦୃଢ଼ ସଡ଼କ ସୁରକ୍ଷା ବ୍ୟବସ୍ଥା ଗଠନରେ ଯୋଗଦାନ କରିବା ପାଇଁ ଅଂଶଗ୍ରହଣକାରୀ ଅଧିକାରୀମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି।

## ବିପୁଳ ପରିମାଣର ଦେଶୀ ମଦ ଜବତ

ରାୟଗଡା,୨୭।୮(ନିପ୍ର);ରାୟଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗର ବ୍ୟାପକ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଓ ଅବୈଧ ମଦ ପ୍ରସ୍ତୁତି ସାମଗ୍ରୀ ନଷ୍ଟ କରିଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଏବଂ ଉପଜିଲ୍ଲାପାଳ, ରାୟଗଡ଼ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ରାୟଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ ଓ ଅବୈଧ ମଦ ବିରୋଧୀ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ଜେ.କେ.ପୁର, କାଶୀପୁର, ରିଭଲକୋଣା ଓ ଲକ୍ଷ୍ମୀପୁର, ଗାଡିଶେଶଖାଲ ଅଞ୍ଚଳର ବିଭିନ୍ନ ରାସ୍ତାପାର୍ଶ୍ୱ ଦୋକାନ ଓ ଢାବାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଏବଂ ଅନ୍ୟାନ୍ୟ ଅବୈଧ ମଦ/ନିଶାଦ୍ରବ୍ୟ ଜବତ କରାଯାଇଥିଲା। ଏହାପରେ ଅବକାରୀ ଟିମ୍ କୋଲନରା ତହସିଲ ଅଧୀନସ୍ଥ ମିନାଝିଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ବାଙ୍କିଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରିଥିଲେ। ସେଠାରେ ଏକ ବଡ଼ ଅଭିଯୁକ୍ତବିହୀନ/ପରିତ୍ୟକ୍ତ ଅବୈଧ ମଦ ପ୍ରସ୍ତୁତି ଘର ଠାବ କରାଯାଇଥିଲା। ଉକ୍ତ ସ୍ଥାନରେ ବିପୁଳ ପରିମାଣର ଅବୈଧ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ମଦ ଏବଂ ବିଭିନ୍ନ ପ୍ରକାରର ଜାର, ମଦ ପ୍ରସ୍ତୁତି ସାମଗ୍ରୀ ଆଦି ଠାବ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଅବୈଧ ମଦ ପ୍ରସ୍ତୁତି ପାଇଁ ନିର୍ମିତ ଉକ୍ତ ପରିତ୍ୟକ୍ତ କୁଡ଼ିଆକୁ ମଧ୍ୟ ଧ୍ୱଂସ କରାଯାଇଥିଲା। ଏହି ଅବକାରୀ ନିରୋଧୀ ଅଭିଯାନରେ ଜିଲ୍ଲା ମୋବାଇଲ୍ ୟୁନିଟ୍, ରାୟଗଡ଼ର ଅବକାରୀ ଇନ୍ସପେକ୍ଟର କମ୍ବୁପାଣି ସିନ୍ଦୁରଙ୍କ ସହିତ ଏ.ଏସ୍.ଆଇ. ଅଫ୍ ଏକ୍ସାଇଜ୍ ପ୍ରଦୀପ ନାଏକ, ଅବକାରୀ କର୍ମଚାରୀ କରୁଣାକର ପାତ୍ର ଏବଂ ପର୍ଚୁରୀ କିଶୋର ଯୋଗ ଦେଇଥିଲେ।

## କୃଷକ ମୋର୍ଚ୍ଚା ସଭାପତି ଚାଷୀଙ୍କ ସମସ୍ୟା ବୁଝି ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

କାଶୀନଗର,୨୭।୮ (ନିପ୍ର): ଗଜପତି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ କାଶୀନଗର ଏନଏସି ସମବାୟ ସମିତି ପରିଦର୍ଶନ ନିମନ୍ତେ ପହଂଚି ଚାଷୀ ଓ ଜମିର ବିଭିନ୍ନ ସମସ୍ୟା ବିଷୟରେ ଉପସ୍ଥିତ ଥିବା ସଚିବ, ଡିଓ, ଚାଷୀ ଓ ସମବାୟ ସଭାପତିଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ପଞ୍ଜୀକରଣରେ ବିଳମ୍ବ ଏବଂ ସାର ଅଭାବ ସମ୍ପର୍କରେ ଚାଷୀମାନେ ଶ୍ରୀ ପାଳଙ୍କୁ ଅବଗତ କରି ଏହାର ସମାଧାନ କରିବାକୁ କହିଥିଲେ। ସୋସାଇଟିର ଅଧିକାରୀ ସର୍ଭର ସମସ୍ୟା ଯୋଗୁଁ ପଞ୍ଜୀକରଣ ପ୍ରକ୍ରିୟା ବିଳମ୍ବ ଘଟୁଥିବା ଦର୍ଶାଇ ଥିଲେ। ଶ୍ରୀ ପାଳ ଚାଷୀମାନଙ୍କୁ ହଇରାଣ ନକରି ଯାଞ୍ଚ ଏବଂ ପଞ୍ଜୀକରଣ ଉଚିତ ସମୟରେ ସମାପ୍ତ କରିବାକୁ ଏବଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉପଯୁକ୍ତ ସମୟ ମଧ୍ୟରେ ଡକ୍ୟୁମେଣ୍ଟ ଅପଲୋଡ୍ କରିବାକୁ ପରାମର୍ଶ ଦେଇ ଥିଲେ । ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଆଧାର କାର୍ଡ ଏବଂ ଚାଷୀ ପରିଚୟପତ୍ର ବ୍ୟବହାର କରି ଋଣଗ୍ରହୀତା ଏବଂ ଅଣଋଣଗ୍ରହୀତା ଉଭୟଙ୍କୁ ସାର ବଣ୍ଟନ କରିବାକୁ ମଧ୍ୟ ସମବାୟ ସଭାପତିଙ୍କୁ ପରାମର୍ଶ




ଦିଆଯାଇଛି ବୋଲି ସୂଚନା ଦେଲେ । ସାର ଅଭାବ ସମ୍ପର୍କରେ ସମ୍ପୃକ୍ତ ଡିଆରସିଏସ ପାରଳାଖେମୁଣ୍ଡି ସହିତ ଯୋଗାଯୋଗ କରି ଚାଷୀମାଙ୍କୁ ସାର ଯୋଗାଣରେ ଯେପରି ଅନିୟମିତତା ନ ହେବ ସେଥିପାଇଁ ଦୃଷ୍ଟି ଦେବାକୁ ମଧ୍ୟ କହିଥିଲେ। ଗତ ବର୍ଷ ୭୪୦ ଚାଷୀ ସମବାୟ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ କରିଥିବା ବେଳେ ଏହି ବର୍ଷ ୪୭୪ ଜଣ ଚାଷୀ ବର୍ତ୍ତମାନ ଯାଏଁ ରେଜିଷ୍ଟ୍ରର କରିଥିବା ଦୃଷ୍ଟିକୁ ଆସିଛି। ବର୍ତ୍ତମାନ ଗଛିତ ଥିବା ସାର ଏବଂ ଆହୁରି ଦିନେ ଦୁଇ ଦିନ ମଧ୍ୟରେ ବାକି ସାର ଯୋଗେଇ ଦେବାକୁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ନିର୍ଦ୍ଧାରିତ ହାରରେ ସାର ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେବା ସହ ଅଗଷ୍ଟ ୩୧ତାରିଖ ପୂର୍ବରୁ ସୋସାଇଟିର କର୍ମଚାରୀମାନଙ୍କୁ ସମସ୍ତ ବାକି ଥିବା ପଞ୍ଜୀକରଣକୁ ଗମ୍ଭୀରତାର ସହିତ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି ବୋଲି କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପାଳ ସୂଚନା ଦେଇଥିଲେ।

## ଜଗନ୍ନାଥ ମନ୍ଦିରର ଦେବୋତ୍ତର ବିଭାଗର ଉପଦେଷ୍ଟା ମଣ୍ଡଳୀ ଗଠନ ନିମନ୍ତେ ବୈଠକ

ଗୁଣପୁର,୨୭।୮ (ନିପ୍ର); ରାୟଗଡା ଜିଲ୍ଲା ଗୁଣପୁର ଦୁଇଟି ଶ୍ରୀ ଜଗନ୍ନାଥ ମନ୍ଦିରର ବିକାଶ ଓ ରକ୍ଷଣାବେକ୍ଷଣ ନିମନ୍ତେ ନୂଆ କରି ଉପଦେଷ୍ଟା ମଣ୍ଡଳୀ ଗଠନ ନିମନ୍ତେ ଦେବୋତ୍ତର ବିଭାଗ ଅଧିକାରୀ ତଥା ତହସିଲଦାର ଲୀଳାବତୀ ଆଚାର୍ଜିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଡେପୁଟି କଲେକ୍ଟର ଶୁଭ୍ରନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ମଣ୍ଡଳୀରେ ପବ୍ଲିକ ତରଫରୁ ବୈଠକରେ ମୋଟ ୧୫ ଜଣଙ୍କ ନାମ ସୁପାରିସ କରାଯାଇଥିବା ବେଳେ ଏଥିରୁ ସାତ ଜଣଙ୍କୁ କେବଳ ଚୁଡାନ୍ତ ମନୋନୀତ କରାଯିବ ବୋଲି ଜଣାପଡିଛି। ବୈଠକରେ ସୁପାରିସ କରାଯାଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଚନ୍ଦ୍ରଧ୍ୱଜ ପଣ୍ଡା,ଓ୍ୱାଇ ଗଣପତି, ନିରଞ୍ଜନ ପାଢ଼ୀ,ସୂର୍ଯ୍ୟ ନାରାୟଣ ପଣ୍ଡା, ଇନ୍ଦ୍ରାକ୍ଷୀ ଦାଶ,ରାମ ପଣ୍ଡା, ଅକ୍ଷୟ କୁମାର ଦାଶ,ଶିବ ପ୍ରସାଦ ଗୌଡ଼,ଉମା ଚରଣ ପଟ୍ଟନାୟକ, ଭାଗୀରଥି ବିଷୋୟୀ, ଗାଙ୍ଗା ରାଜୁ ଶବର,ହୃଷିକେଶ ରଥ,ପ୍ରମୋଦ ସାହୁ, ତ୍ରିପତି ମହାନ୍ତି,ଜିତେନ୍ଦ୍ର ନାୟକ ରହିଛନ୍ତି। ଅପର ପକ୍ଷରେ ମନ୍ଦିର ପୂଜା ଏବଂ ପ୍ରସାଦ ବିକ୍ରୟ ଏବଂ ଅନ୍ୟାନ୍ୟ ବିଷୟକୁ ଉପରେ ଆପତ୍ତି ଅଭିଯୋଗ ହୋଇ ଜୋରଦାର ହଟଗୋଳ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏହିଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ତହସିଲଦାର ଶ୍ରୀମତି ଆଚାର୍ଜି ବୈଠକକୁ ଶୀଘ୍ର ଶେଷ ଘୋଷଣା କରିଥିଲେ। ବର୍ତ୍ତମାନ ଉପଦେଷ୍ଟା ମଣ୍ଡଳୀର ଚୁଡାନ୍ତ ତାଲିକା ଏବଂ ରୂପରେଖ ପ୍ରସ୍ତୁତ ଉପଜିଲ୍ଲାପାଳ କରିବେ ବୋଲି ଜଣାପଡିଛି।

## 'ବାଉଁଶରାଣୀ' ପାଟ ଶାଢ଼ିରେ କବି ଗଙ୍ଗାଧରଙ୍କ 'ତପସ୍ୱିନୀ' ଜୀବନ୍ତ

ସୋନପୁର,୨୭।୮(ନିପ୍ର); ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀକୁ ଏକ ସ୍ମରଣୀୟ ଓ ସ୍ୱତନ୍ତ୍ର ରୂପ ଦେବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ସାଗରପାଲି ଗ୍ରାମର ଜଣେ ବରିଷ୍ଠ ବୁଣାକାର ଏକ ଅଦ୍ଭୁତ କଳାକୃତି ପ୍ରସ୍ତୁତ କରିଛନ୍ତି। ଶିବ ଶଙ୍କର ମେହେର (୭୩) ନାମକ ଜଣେ ଅଭିଜ୍ଞ ବୁଣାକାର ନିଜ ହାତର ଯାଦୁକରୀ କଳାରେ ଏକ ଅନନ୍ୟ 'ବାଉଁଶରାଣୀ' ପାଟ ଶାଢୀ ପ୍ରସ୍ତୁତ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏହି ଶାଢିର ଆଞ୍ଚଲ ଭାଗରେ ଅତି ସୂକ୍ଷ୍ମ ଓ ନିଖୁଣ ଭାବେ 'ବାଉଁଶରାଣୀ' (ବାଉଁଶ ବାଜାବାଲା)ର ଚିତ୍ର ବୁଣାଯାଇଛି, ଯାହା ଶାଢିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ତେବେ ଏହାର ପ୍ରକୃତ ଆକର୍ଷଣ ହେଉଛି, ଶାଢିରେ ସ୍ୱଭାବ କବି ଗଙ୍ଗାଧରଙ୍କ ପ୍ରସିଦ୍ଧ 'ତପସ୍ୱିନୀ' କାବ୍ୟର କେତେକ ଉଦ୍ଧୃତ ପଦାବଳୀ ଗୁଡ଼ିକୁ ଶିବ ଶଙ୍କର କାରୁକାର୍ଯ୍ୟରେ ଜୀବନ୍ତ ଭାବେ ସ୍ଥାନିତ କରିଛନ୍ତି। ଶାଢୀର 'ବଡି' ଅଂଶରେ 'ତାଳପତ୍ର ପୋଥି'ର ଡିଜାଇନ୍ କରାଯାଇଛି, ଯେଉଁଥିରେ 'ତପସ୍ୱିନୀ' କାବ୍ୟର ମୋଟ ୫୬ଟି ପଦ ଲେଖାଯାଇଛି। ଏହା ପ୍ରମାଣ କରୁଛି ଯେ, ବୁଣାକାରଙ୍କ କହିବା ଅନୁସାରେ, ପ୍ରତିଟି ଅକ୍ଷରକୁ ସୂତାରେ ଜୀବନ୍ତ କରିବା ପାଇଁ ଅତ୍ୟନ୍ତ ସୂକ୍ଷ୍ମ କାମ ଓ ଧୈର୍ଯ୍ୟ ପୂର୍ଣ୍ଣ ପରିଶ୍ରମର ଆବଶ୍ୟକତା ପଡିଛି। ଦୀର୍ଘ ୮ ମାସର ଅକ୍ଳାନ୍ତ ପରିଶ୍ରମ ଓ ଅଧ୍ୟବସାୟର ଏହା ଏକ ନିଦର୍ଶନ। ଏହି କାର୍ଯ୍ୟରେ ଶିବ ଶଙ୍କରଙ୍କ ପରିବାରର ସମସ୍ତ ସଦସ୍ୟ ଏବଂ ୨ ଜଣ ସହଯୋଗୀ ବୁଣାକାର ସେମାନଙ୍କର ପୂର୍ଣ୍ଣ ସହଯୋଗ କରିଛନ୍ତି। ବିଷୟବସ୍ତୁ ଏବଂ ପରିକଳ୍ପନା ସହାୟତା ପାଇଁ ତାଙ୍କର ଏହି କାମ ସମ୍ଭବ ହୋଇଛି। କେବଳ ବୁଣିବା ପାଇଁ ୪୫



### ସୋନପୁରର କଳା ଓ ସଂସ୍କୃତିକୁ ଏକ ନୂତନ ଉଚ୍ଚତାକୁ ନେଇଛି

'ବାଉଁଶକଳା' ଏବଂ ଶୁଦ୍ଧ ସୌନ୍ଦର୍ଯ୍ୟବୋଧର ଏକ ଅପୂର୍ବ ସମନ୍ୱୟ ଏହି ଶାଢୀକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଶିବ ଶଙ୍କର ବିଗତ ୨୦ ବର୍ଷ ଧରି ବୁଣାକାର କାର୍ଯ୍ୟ କରିଆସୁଥିଲେ ମଧ୍ୟ, ଏହିପରି ଏକ ଅଭିନବ ଶାଢି ପ୍ରସ୍ତୁତ କରିବା ପାଇଁ ସେ ଦଶ ବର୍ଷ ପୂର୍ବରୁ ଚିନ୍ତା କରିଥିଲେ। ତେବେ ଉପଯୁକ୍ତ ପରାମର୍ଶର ଅଭାବରେ ଏହି ସ୍ୱପ୍ନ ପୂରଣ ହୋଇପାରି ନଥିଲା। ଶେଷରେ, ଜାତୀୟ ସ୍ତରର ବାଉଁଶଶିଳ୍ପୀ ଗୁରୁ ପ୍ରଫୁଲ୍ଲ ମେହେରଙ୍କଠାରୁ ପ୍ରେରଣା, ଦିନର ସମୟ ଲାଗିଥିବାବେଳେ, ଶାଢିରେ କଳା ଏବଂ ପ୍ରାକୃତିକ (ଚନ୍ଦନ) ରଙ୍ଗର ବ୍ୟବହାର କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଶିବ ଶଙ୍କରଙ୍କ ପିଲା ମଧ୍ୟ ଖୁବ୍‌କମ୍ ବୟସରୁ ସେମାନଙ୍କର କୌଳିକ ବୃତ୍ତି (ବାଉଁଶକଳା) ପ୍ରତି ଆକୃଷ୍ଟ ହୋଇଛନ୍ତି। ଏହି ପାଟ ଶାଢିକୁ ନେଇ କବି ଓ ବୁଣାକାରଙ୍କ ମଧ୍ୟରେ ଏକ ଅଭୂତ ସେତୁ ଗଢ଼ିଛି, ଯାହା ସୋନପୁରର କଳା ଓ ସଂସ୍କୃତିକୁ ଏକ ନୂତନ ଉଚ୍ଚତାକୁ ନେଇଛି।

## ଦୁଇ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରଙ୍କ ଅଣଦେଖା ଅନ୍ଧାରରେ ପିଲାଙ୍କ ଭବିଷ୍ୟତ

ଭାପୁର,୨୭।୮(ନିପ୍ର);ରାଜ୍ୟରେ ୧୯୪ ଗୋଟି ବିଦ୍ୟାଳୟ ଅଣ ଅନୁଦାନପ୍ରାପ୍ତ ରହିଥିବାବେଳେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଦୁଇ ଗୋଟି ବିଦ୍ୟାଳୟ ଅଣଅନୁଦାନ ପ୍ରାପ୍ତ ରହିଥିବାରୁ ସେଠାରେ ଶିକ୍ଷା କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି। ବର୍ତ୍ତମାନ ଭାପୁର ବ୍ଲକର ଦୁଇ ଗୋଟି ବିଦ୍ୟାଳୟରେ ଶିକ୍ଷା ଦେଉଥିବା ଶିକ୍ଷକମାନେ ନିଜର ନାର୍ଯ୍ୟ ଦାବୀ ପୂରଣ ପାଇଁ ଭୁବନେଶ୍ୱରର ଲୋୟର ପି.ଏମଜି ରେ ଆନ୍ଦୋଳନ ରତ ରହିଥିବାବେଳେ ଛାତ୍ରଛାତ୍ରୀ ମାନେ ଶିକ୍ଷରୁ ବଞ୍ଚିତ ହେଉଛନ୍ତି।ଭାପୁର ବ୍ଲକ ନିମାଣୀ ଗ୍ରାମରେ ଅବସ୍ଥିତ ଗୋପୀନାଥ ଦେବ ବିଦ୍ୟାପୀଠ ଏବଂ ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମରେ ଅବସ୍ଥିତ ଦଧିବାମନ ଜିୟୁ ବିଦ୍ୟାପୀଠ ଉଭୟ ସମସାମୟିକ ଭାବରେ ୩୨ ବର୍ଷ ହେଲା ପ୍ରତିଷ୍ଠା ହୋଇଛି ।

ଏହି ଉଭୟ ବିଦ୍ୟାଳୟ ପଞ୍ଚାୟତର ଗୋଟିଏ ଗୋଟିଏ ବିଦ୍ୟାଳୟ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଅନୁଦାନରୁ ବଞ୍ଚିତ କରିଛନ୍ତି।ଉଲ୍ଲେଖଯୋଗ୍ୟ,ଏହି ଉଭୟ ବିଦ୍ୟାଳୟ ୨୦୦୪ ମସିହାରୁ ଅନୁଦାନ ପାଇବା କଥା କିନ୍ତୁ, ଯେଉଁ ଜମି ଉପରେ ବିଦ୍ୟାଳୟ ଗଢ଼ା ହୋଇଛି ସେ ଜମି ବିଦ୍ୟାଳୟ ନାମରେ ନ ଥିବାରୁ ଅଣ ଅନୁଦାନ ପ୍ରାପ୍ତ ହୋଇ ରହିଗଲା। ପରେ ପରେ ସେ ବିଦ୍ୟାଳୟ ର ଜମି ନିଜ ନାମରେ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଆଉ ଶୁଣିବାର ନାହିଁ । ଫଳରେ,ଆନ୍ଦୋଳନ ତେଜିବାରେ ଲାଗିଛି। ୩୨ ବର୍ଷ ହେଲା ଶିକ୍ଷକ ଓ୍ ଶିକ୍ଷୟିତ୍ରୀମାନେ ମାଗଣାରେ ପଢ଼େଇ ପଢ଼େଇ ନିଜ ନାର୍ଯ୍ୟ ଦାବିରୁ ବଞ୍ଚିତ ହେଉଥିବାବେଳେ ଛାତ୍ରଛାତ୍ରୀ ମାନେ ଶିକ୍ଷାଗତ ମୌଳିକ ଅଧିକାର ରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଯଦି, ଶିକ୍ଷକ ମାନଙ୍କର ଦାବି ପୂରଣ ନ ହୁଏ ତେବେ ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆସନ୍ତା ଗୁରୁଦିବସ ଦିନ ଠାରୁ ଲୋୟର ପିଏମ.ଜି.ଯାଇ ନିଜର ଶିକ୍ଷକ ମାନଙ୍କ ସହିତ ଯୋଗଦେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ବିପଦରେ ଜନଜୀବନ

ନୟାଗଡ,୨୭।୮ (ନିପ୍ର); ନୟାଗଡ଼ ବ୍ଲକ ଅନ୍ତର୍ଗତ ନାଟୁଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନୂତନ ଶ୍ମଶାନ ପାର୍କ ନିକଟସ୍ଥ ଅଞ୍ଚଳରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲାମେଲା ଭାବେ ରହିଥିବାରୁ ଏହା ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ଟ୍ରାନ୍ସଫର୍ମର ଚାରିପାଖରେ ଆବଶ୍ୟକ ସୁରକ୍ଷା ବାଡ଼ ନଥିବାରୁ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିବା ଆଶଙ୍କା ଦେଖାଦେଇଛି। ଉକ୍ତ ସ୍ଥାନଟି ଜନସାଧାରଣଙ୍କ ଯାତାୟାତ ସ୍ଥଳ ହୋଇଥିବା ବେଳେ ନିକଟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନୂତନ ଶ୍ମଶାନ ପାର୍କ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ଏହି କାରଣରୁ ପ୍ରତିଦିନ ଏଠାକୁ ବହୁ ଲୋକଙ୍କ ଯାତାୟାତ ହୋଇଥାଏ। ଏଭଳି ସ୍ଥାନରେ ଖୋଲାମେଲା



ଭାବେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କିଛିଦିନ ତଳେ ଏହି ଅଞ୍ଚଳରେ ଚରୁଥିବା ଏକ ଗାଈ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା। ଏହି ଘଟଣା ପରେ ମଧ୍ୟ ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କରାଯାଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଗାଈର ଜୀବନ ଯାଇଥିବା ବେଳେ ଭବିଷ୍ୟତରେ ଯଦି କୌଣସି ମଣିଷ ଏଭଳି ବିଦ୍ୟୁତ୍ ଦୁର୍ଘଟଣାର ଶିକାର ହୁଅନ୍ତି, ତେବେ ତାହାର ଦାୟିତ୍ୱ କିଏ ନେବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ବିଦ୍ୟୁତ୍ ଲାଇନ୍ ଇଟାମାଟି ସର୍କଲ ଅଧୀନରେ ଥିବା ଜଣାପଡ଼ିଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ଫୋନ୍ ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ଏପରିକି ଅଭିଯୋଗ କରିବା ପାଇଁ ଫୋନ୍ କଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଫୋନ୍ ଉଠାଉନଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାଟୁଗାଁ ସରପଞ୍ଚ ଶାଗରବାଳା ବରାଡ ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଜଣାପଡ଼ିଛି। ଟ୍ରାନ୍ସଫର୍ମର ଚାରିପାଖରେ ତୁରନ୍ତ ସୁରକ୍ଷା ବାଡ଼ ନିର୍ମାଣ କରିବା ସହ ଖୋଲା ବିଦ୍ୟୁତ୍ ତାରକୁ ସୁରକ୍ଷିତ କରିବାକୁ ସରପଞ୍ଚ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ଗୁରୁତ୍ୱର ସହ ନେବା ଆବଶ୍ୟକ। ଲୋକଙ୍କ ଜୀବନ ସୁରକ୍ଷା ପାଇଁ ଟ୍ରାନ୍ସଫର୍ମର ଚାରିପାଖରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥା କରିବା ସହ ଘଟଣାର ତଦନ୍ତ କରି ଦାୟିତ୍ୱରେ ଅବହେଳା ହୋଇଥିଲେ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନୟାଗଡ଼ ଜିଲ୍ଲାପାଳଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବସ୍-ଅଟୋ ଧକ୍କାରେ ୭ ମୃତ

ନୂଆଦିଲ୍ଲୀ, ୨୭।୮: ଆନ୍ଧ୍ର ପ୍ରଦେଶର ପଲନାଡୁ ଜିଲ୍ଲା ଚିଲକାଲୁରୀପେଟ୍ ନିକଟ ଅଡ୍ଡା ରୋଡ୍‌ରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଘରୋଇ ଟ୍ରାଭେଲ୍ ବସ୍ ଓ ଅଟୋ-ରିକ୍ସା ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ବସ୍‌ଟି ବିଜୟୱାଡ଼ାରୁ ଚେନ୍ନାଇ ଯାଉଥିଲା। ଏହି ସମୟରେ କୋଣ୍ଡା ମଞ୍ଜୁରୁରୁ ଭେଲୋରରେ ଏକ ଉତ୍ସବରେ ଯୋଗଦେବାକୁ ଯାଉଥିବା ଯାତ୍ରୀଙ୍କୁ ନେଇ ଯାଉଥିବା ଅଟୋ-ରିକ୍ସାକୁ ବସ୍‌ଟି ସାମ୍ନାରୁ ଧକ୍କା ଦେଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୋଲିସ ଓ ୧୦୮ ଆମ୍ବୁଲାନ୍ସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରି ଆନ୍ଧ୍ର ପ୍ରଦେଶର ପରିବହନ ମନ୍ତ୍ରୀ ମାଣ୍ଡିପଲ୍ଲୀ ରାମପ୍ରସାଦ ରେଡ୍ଡୀ କହିଛନ୍ତି, “ଯାତ୍ରା ଲୋକଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଉଚିତ, ଶେଷ ଗନ୍ତବ୍ୟସ୍ଥଳକୁ ନୁହେଁ ।” ସେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପରିବହନ ବିଭାଗକୁ ଘଟଣାସ୍ଥଳରେ ସ୍ଥିତି ସୁଧାରି ଯାତାୟାତ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେବା ସହ ଗାଡ଼ି ଚାଳକମାନଙ୍କୁ ସତର୍କତାର ସହ ଓ ସୁରକ୍ଷିତ ଭାବେ ଗାଡ଼ି ଚଳାଇବାକୁ ସେ ଆହ୍ୱାନ କରିଛନ୍ତି ।

## ମଟନ୍ ପାଇଁ ପୁଅକୁ ପିଟିପିଟି ମାରିଦେଲା ବାପା

ମୁମ୍ବାଇ, ୨୭।୮: ମହାରାଷ୍ଟ୍ରର ପୁଣେରୁ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ଶ୍ରାବଣ ମାସରେ ମଟନ ଖାଇବାକୁ ଜିଦ୍ କରିବାକୁ ନେଇ ବାପା-ପୁଅଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହାପରେ ରାଗରେ ବାପା ନିଜ ୩୦ ବର୍ଷୀୟ ପୁଅଙ୍କୁ ନିର୍ମମ ଭାବେ ପିଟିଥିଲେ। ଏହାପରେ ପୁଅର ମୃତ୍ୟୁ ହୋଇଥିବା ନେଇ ପୋଲିସ ପକ୍ଷରୁ କୁହାଯାଇଛି। ମୃତକଙ୍କ ନାମ ମହେଶ ଗାୟକୱାଡ଼। ଏହି ଘଟଣା ପୁଣେର ୱାର୍ଜେ ମାଲୱାଡି ଅଞ୍ଚଳରେ ଘଟିଛି ।ପୋଲିସର ସୂଚନା ଅନୁସାରେ, ଶ୍ରାବଣ ମାସ ଚାଲିଥିବାରୁ ପରିବାରରେ ମାଂସାହାର ଖାଦ୍ୟ ପ୍ରସ୍ତୁତ ହେଉନଥିଲା। ତେବେ ମହେଶ ଘରେ ମଟନ ଖାଇବାକୁ ଜିଦ୍ କରିଥିଲେ। ଏହାକୁ ନେଇ ତାଙ୍କର ବାପାଙ୍କ ସହ ତୀବ୍ର ଯୁକ୍ତିତର୍କ ହୋଇଥିଲା। ବିବାଦ ବଢ଼ିବା ପରେ ବାପା ରାଗିଯାଇ ମହେଶଙ୍କୁ ନିର୍ମମ ଭାବେ ପିଟିଥିଲେ। ଏଥିରେ ମହେଶ ଗୁରୁତର ଆହତ ହୋଇଥିଲେ ଏବଂ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ମହେଶଙ୍କ ମା’ ମଧ୍ୟ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ହତ୍ୟାର ପ୍ରମାଣ ନଷ୍ଟ କରିବାରେ ସହଯୋଗ କରିଥିବା ପୋଲିସ ଅଭିଯୋଗ କରିଛି। ଘଟଣା ସମ୍ପର୍କରେ ସୂଚନା ପାଇ ୱାର୍ଜେ ମାଲୱାଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମାମଲାରେ ବାପାଙ୍କୁ ହତ୍ୟା ଅଭିଯୋଗରେ ଏବଂ ମା’ଙ୍କୁ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରିଛି। ଉଭୟଙ୍କୁ ହେପାଜତରେ ନେଇ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଚାଲିଛି।

## ରାତି ୧୨ଟାରୁ ସକାଳ ୬ଟା ଯାଏ ଆଉ ଚାଲିବନି ଇନଷ୍ଟା-ଫେସବୁକ୍

ନୂଆଦିଲ୍ଲୀ, ୨୭।୮: ଶିଶୁ ଓ କିଶୋରମାନଙ୍କୁ ସୋସିଆଲ ମିଡିଆ ନିଶାରେ ପକାଉଥିବା ଅଭିଯୋଗରେ ଛନ୍ଦି ହୋଇଥିବା ଫେସବୁକ-ଇନଷ୍ଟାଗ୍ରାମର ମାଲିକାନା ସଂସ୍ଥା ‘ମେଟା’ ଏକ ଐତିହାସିକ ନିଷ୍ପତ୍ତି ନେଇଛି। ଆମେରିକାରେ ଚାଲିଥିବା ଏକ ବଡ଼ ଆଇନଗତ ମାମଲାକୁ ଶେଷ କରିବା ପାଇଁ କମ୍ପାନୀ ପ୍ରାୟ ୧୭ ବିଲିୟନ ଡଲାର (ପ୍ରାୟ ୧.୪ ଲକ୍ଷ କୋଟି ଟଙ୍କାରୁ ଅଧିକ) ପରିଶୋଧ କରିବାକୁ ସମ୍ମତି ପ୍ରକାଶ କରିଛି। ଏହାସହ ଶିଶୁଙ୍କ ସୁରକ୍ଷା ପାଇଁ ଆପଗୁଡ଼ିକରେ କେତେକ ବଡ଼ ଧରଣର ପରିବର୍ତ୍ତନ କରିବାକୁ ରାଜି ହୋଇଛି। ତେବେ ଏହି ବୁଝାମଣାରେ ମେଟା ନିଜର କୌଣସି ଭୁଲ ସ୍ୱୀକାର କରିନାହିଁ। ଏହି ବୁଝାମଣା ଅନୁସାରେ କମ୍ପାନୀ ପ୍ରାୟ ୧୭ ବିଲିୟନ ଡଲାର ପର୍ଯ୍ୟନ୍ତ ଦେବା ସହ ଫେସବୁକ ଓ ଇଷ୍ଟାଗ୍ରାମରେ ଶିଶୁମାନଙ୍କ ପାଇଁ ଅନେକ ନୂଆ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବ। ନୂଆ ବ୍ୟବସ୍ଥା ଅନୁସାରେ ଫେସବୁକ ଓ ଇନଷ୍ଟାକୁ ମିଶାଇ ଦିନକୁ ଦୁଇ ଘଣ୍ଟାର ଡିଫଲ୍ଟ ବ୍ୟବହାର ସୀମା ରହିବ। ଏହା ସହିତ ରାତି ୧୨ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଶିଶୁ ଓ କିଶୋରମାନଙ୍କ ପାଇଁ ଆପ୍ ବ୍ୟବହାର ଉପରେ ରୋକ ଲଗାଯିବ। ୨୦୨୩ରେ ଆମେରିକାର ଅନେକ ରାଜ୍ୟର ଆଟର୍ଣ୍ଣି ଜେନେରାଲ ମେଟା ବିରୋଧରେ ମାମଲା ଦାୟର କରିଥିଲେ। ଅଭିଯୋଗ ଥିଲା, ଫେସବୁକ ଓ ଇନଷ୍ଟାଗ୍ରାମରେ ଏପରି ଫିଚର ଡିଜାଇନ କରାଯାଇଛି ଯାହା ଶିଶୁ ଓ କିଶୋରମାନଙ୍କୁ ଦୀର୍ଘ ସମୟ ଧରି ଆପ୍ ବ୍ୟବହାର କରିବାକୁ ଉତ୍ସାହିତ କରୁଛି। ରାଜ୍ୟଗୁଡ଼ିକର ଅଭିଯୋଗ ଅନୁସାରେ, ଏହା ଶିଶୁମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

## ୧୨ ବର୍ଷ ପୂରଣ କଲା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା

ନୂଆଦିଲ୍ଲୀ, ୨୭।୮ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୮ ଅଗଷ୍ଟ ୨୦୧୪ରେ ତାଙ୍କର ପ୍ରଥମ ଯୋଜନାଗୁଡ଼ିକ ମଧ୍ୟରୁ ଅନ୍ୟତମ, ‘ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମଜେଡିୱାଇ)’ର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଏବେ ୧୨ ବର୍ଷ ପୂରଣ କରିଛି। ପିଏମଜେଡିୱାଇର ଏହି ୧୨ ବର୍ଷର ଯାତ୍ରା ଭାରତର ଆର୍ଥିକ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ଆର୍ଥିକ ଅନ୍ତର୍ଭୂକ୍ତୀକରଣ କ୍ଷେତ୍ରରେ ଏହି ଯୋଜନା ବିଶ୍ୱସ୍ତରରେ ଏକ ଅନୁକରଣୀୟ ଉଦାହରଣରେ ପରିଣତ ହୋଇଛି। ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୂକ୍ତୀକରଣ ପଦକ୍ଷେପ ଭାବେ ଏହି ଯୋଜନା ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ବ୍ୟାଙ୍କିଂ ସେବାର ସୁବିଧାକୁ ଆହୁରି ସହଜ ଓ ସୁଗମ କରିବାରେ ନୂଆ ଦିଗ ଦେଖାଇଚାଲିଛି। ଆର୍ଥିକ ସମାବେଶକୁ ସୁଦୃଢ଼ କରିବା ସହ ବିଭିନ୍ନ ଯୋଜନା ଓ ଜନସଚେତନତା କାର୍ଯ୍ୟକ୍ରମ ଜରିଆରେ ସମାଜର ଅବହେଳିତ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କୁ ସହାୟତା ଯୋଗାଇବା ପାଇଁ ଅର୍ଥ ମନ୍ତ୍ରଣାଳୟ ପ୍ରତିବଦ୍ଧ ରହିଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସୁବିଧାରୁ ବଞ୍ଚିତ ପ୍ରତ୍ୟେକ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କୁ ଏକ ସାଧାରଣ ବ୍ୟାଙ୍କ ଖାତା ଖୋଲିବାର ସୁବିଧା ମିଳୁଛି।

## ମଡେଲଙ୍କୁ ଘରେ ଛୁରି ଭୁସି ହତ୍ୟା

ନୂଆଦିଲ୍ଲୀ, ୨୭।୮: ଦିଲ୍ଲୀରେ ଥିବା ତାଙ୍କ ଭଡା ଘରେ ମୁସ୍କାନ ନାମକ ଜଣେ ୨୧ ବର୍ଷୀୟା ମହିଳାଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୁସ୍କାନ ଏକାକୀ ଘରେ ଥିବା ସମୟରେ ଅଭିଯୁକ୍ତ ଘରେ ପ୍ରବେଶ କରି ବାରମ୍ବାର ତାଙ୍କୁ ଛୁରିରେ ଆକ୍ରମଣ କରି ହତ୍ୟା କରିଛି। ମୁସ୍କାନ ତିଲକ ନଗରର ନ୍ୟୁ ମହାବୀର ନଗର ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। ତାଙ୍କ ଶରୀରରେ ଛୁରାମାଡ଼ ଯୋଗୁ ଅନେକ କ୍ଷତ ସୃଷ୍ଟି ହୋଇଥିଲା ଓ ପରେ ଏକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ମୁସ୍କାନ ଜଣେ ଛାତ୍ରୀ ଥିଲେ ଓ ଜଣେ ମଡେଲ ଭାବରେ ମଧ୍ୟ କାମ କରୁଥିଲେ। ମୁସ୍କାନ ଯେଉଁ ଜିମକୁ ଯାଉଥିଲେ ଅଭିଯୁକ୍ତ ଇମ୍ରାନ ସେଠାରେ ଜଣେ ଜିମ୍ ପ୍ରଶିକ୍ଷକ ଥିଲା ବୋଲି ଜଣାପଡ଼ିଛି।

### ପ୍ୟାକେଟ୍ ଖାଦ୍ୟରେ ‘ୱାର୍ଣ୍ଣିଂ ଲେବୁଲ’ ମାମଲା

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ୨ ସପ୍ତାହ ମହଲତ



ନୂଆଦିଲ୍ଲୀ, ୨୭।୮: ପ୍ୟାକେଟ୍ ଖାଦ୍ୟରେ ଥିବା ଅଧିକ ଚିନି, ଲୁଣ ଓ ସାଚୁରେଟେଡ୍ ଫ୍ୟାଟ୍ ସମ୍ପର୍କରେ ସାମ୍ନା ପାର୍ଶ୍ୱରେ ସ୍ପଷ୍ଟ ସତର୍କ ସୂଚନା ଲେବଲ୍ ଲଗାଇବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ୨ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ କହିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଜେ.ବି. ପାର୍ଦିୱାଲା କଡ଼ା ଟିପ୍ପଣୀ କରିଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବାକୁ କହିଛନ୍ତି। ସରକାର ନିଜ ଆଡୁ ପଦକ୍ଷେପ ନେଲେ ଭଲ, ନଚେତ୍ ସୁପ୍ରିମକୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶ ଦେବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଖାଦ୍ୟ ପ୍ୟାକେଟରେ ଲେବଲିଂ ସମ୍ପର୍କରେ ବିକଶିତ ଦେଶଗୁଡ଼ିକର ମାନଦଣ୍ଡକୁ ଭାରତ ଅନୁସରଣ କରିପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ଯୁକ୍ତି ଉପରେ ଜଷ୍ଟିସ୍ ପାର୍ଦିୱାଲା ପ୍ରଶ୍ନ ଉଠାଇଥିଲେ। ଏହି ପ୍ରସଙ୍ଗରେ ଭାରତ କ’ଣ ଅନୁନ୍ନତ ଦେଶ ହୋଇ ରହିବା ଉଚିତ ବୋଲି ସେ ପ୍ରଶ୍ନ କରିଥିଲେ। ଏହି ବିଷୟରେ ସରକାରଙ୍କୁ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ‘୩ଏସ୍ ଆଣ୍ଡ୍ ଆୱାର୍ ହେଲଥ ସୋସାଇଟି’ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ସଂସ୍ଥା ପକ୍ଷରୁ ଓକିଲ ରାଜୀବ ଶଙ୍କର ଦ୍ୱିବେଦୀ ମାମଲା ପରିଚାଳନା କରୁଛନ୍ତି। ପ୍ୟାକେଟ୍ ଖାଦ୍ୟରେ ଅଧିକ ପରିମାଣରେ ଚିନି, ଲୁଣ ଓ ସାଚୁରେଟେଡ୍ ଫ୍ୟାଟ୍ ଥିଲେ ତାହା ପ୍ୟାକେଟରେ ସାମ୍ନା ପାର୍ଶ୍ୱରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ସେମାନେ ଦାବି କରିଛନ୍ତି। ଏହା ପୂର୍ବରୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନଦଣ୍ଡ ପ୍ରାଧିକରଣର ପଦକ୍ଷେପ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ମୋଟାପଣ, ବିଶେଷକରି ଶିଶୁମାନଙ୍କ ମଧ୍ୟରେ ଏହାର ବୃଦ୍ଧି ଏବଂ ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟର ବଢୁଥିବା ବ୍ୟବହାର ପରିପ୍ରେକ୍ଷୀରେ ଏହି ପ୍ରସଙ୍ଗ ଗୁରୁତ୍ୱ ପାଇଛି। ସମ୍ବିଧାନର ଧାରା ୨୧ ଅନୁସାରେ ଜୀବନର ଅଧିକାର ସହ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ପ୍ରସଙ୍ଗ ଜଡ଼ିତ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି। ସେଥିପାଇଁ ଗ୍ରାହକମାନେ ସୁସ୍ଥ ବିକଳ୍ପ ବାଛିପାରିବା ନିମନ୍ତେ ଖାଦ୍ୟର ସମ୍ଭାବ୍ୟ କ୍ଷତିକାରକ ଉପାଦାନ ସମ୍ପର୍କରେ ସ୍ପଷ୍ଟ ସୂଚନା ପାଇବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି।

## ଯୁବବର୍ଗଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଆସିବା ଉଚିତ୍: ମୋଦି

ନୂଆଦିଲ୍ଲୀ, ୨୭।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଜେନ୍-ଜିଙ୍କ ସହିତ ସିଧାସଳଖ ଆଲୋଚନା କରିଛନ୍ତି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଯୁବପିଢ଼ିଙ୍କ ମନରେ ନୂତନ ଚିନ୍ତାଧାରା ଆସିବା ଉଚିତ୍। କ୍ରୀଡା ଆମକୁ ଜୀବନର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଶିଖାଏ। ପ୍ରଧାନମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୧୫ ତାରିଖରେ, ମୁଁ ଲାଲକିଲ୍ଲାରୁ ଭାରତର କ୍ରୀଡା ଭିଜନକୁ ଦେଶ ସମ୍ମୁଖରେ ଉପସ୍ଥାପନ କରିଥିଲି। କ୍ରୀଡା କେବଳ ପଦକ ଜିତିବା ପାଇଁ ନୁହେଁ। ଏହା ଏକ ବିକଶିତ ଭାରତ ଗଠନରେ ଭାରତର କ୍ରୀଡା ସମ୍ଭାବନା ଏବଂ ଯୁବଶକ୍ତିଙ୍କୁ ଏକତ୍ର କରିବାର ଏକ ଅଭିଯାନ। ଦେଶର ସମ୍ମାନ ବୃଦ୍ଧି କରିବା ଯେଉଁମାନେ ଖେଳନ୍ତି, ସେମାନେ ପ୍ରସ୍ଫୁଟିତ ହୁଅନ୍ତି। କ୍ରୀଡ଼ାରେ ‘ପ୍ରସ୍ଫୁଟିତ’ର ଅର୍ଥ କେବଳ ପଡ଼ିଆରେ ଜିତିବା ନୁହେଁ। ଏହାର ଅର୍ଥ ବ୍ୟକ୍ତି ଏବଂ ପରିବାରର ବିକାଶ। ଏହାର ଅର୍ଥ ଦେଶର ସମ୍ମାନ ବୃଦ୍ଧି କରିବା । ଯେତେବେଳେ ଜଣେ ଖେଳାଳି ସଫଳ ହୁଅନ୍ତି, ସେହି ସଫଳତା କେବଳ ତାଙ୍କର






ନୁହେଁ। ଏହା ତାଙ୍କ ପରିବାରର ପ୍ରତିଷ୍ଠା ବୃଦ୍ଧି କରେ। ଏହା ତାଙ୍କ ସ୍କୁଲ ଏବଂ କଲେଜର ସମ୍ମାନ ବୃଦ୍ଧି କରେ। ଏହା ତାଙ୍କ ଜିଲ୍ଲା ଏବଂ ରାଜ୍ୟ ପାଇଁ ପରିଚୟ ଆଣିଥାଏ। ବିଶ୍ୱ ସେହି ସହର କିମ୍ବା ରାଜ୍ୟକୁ ସେହି ଖେଳାଳିଙ୍କ ନାମରେ ଚିହ୍ନିବା ଆରମ୍ଭ କରିଥାଏ। ଯଦି ଆମକୁ ୨୦୩୬ ଅଲମ୍ପିକ ପାଇଁ ଖେଳାଳି ଆବଶ୍ୟକ , ତେବେ ଆମକୁ ଆଜି ୫, ୧୦ କିମ୍ବା ୧୫ ବର୍ଷ ବୟସର ଯୁବକ ବାଳକ ଏବଂ ବାଳିକାମାନଙ୍କ ଉପରେ ଧ୍ୟାନ ଦେବାକୁ ପଡିବ। ୫ ରୁ ୧୫ ବର୍ଷ ବୟସର ପିଲାମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଭା ଚିହ୍ନଟ କରିବା ପାଇଁ ସାରା ଦେଶର ଗାଁ, ସହର ଏବଂ ସ୍କୁଲଗୁଡ଼ିକରେ ଏକ ପ୍ରତିଭା-ଅନ୍ୱେଷଣ ଅଭିଯାନ କରାଯିବା ଆବଶ୍ୟକ। ପ୍ରସ୍ତାବିତ ପ୍ରତିଭା ଅନ୍ୱେଷଣ ଭାରତର କ୍ରୀଡ଼ା ଭିତ୍ତିଭୂମିକୁ ବିସ୍ତାର କରିବା, ଯୁବ ବୟସରେ ସମ୍ଭାବ୍ୟ ଚାମ୍ପିଅନମାନଙ୍କୁ ଚିହ୍ନଟ କରିବା ଏବଂ ଅଲିମ୍ପିକ୍ସ ଶୃଙ୍ଖଳାରେ ଦେଶର ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ବ୍ୟାପକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ ବୋଲି ଆଶା କରାଯାଉଛି।

## କର୍କଟ ରୋଗୀଙ୍କ ପାଇଁ ଆଶ୍ୱସ୍ତି ଆମେରିକାରେ ‘ରାସୋଙ୍କ’ ଔଷଧକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୨୭।୮ : ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫଡିଏ) ମେଟାଷ୍ଟାଟିକ୍ ଅଗ୍ନାଶୟ କର୍କଟ ରୋଗର ଚିକିତ୍ସା ପାଇଁ ରେଭଲ୍ୟୁସନ ମେଡିସିନର ନୂତନ ଔଷଧ ରାସୋଙ୍କକୁ ଅନୁମୋଦନ କରିଛି। ଏକ ବଡ଼ ପରୀକ୍ଷଣରେ, ଏହି ଔଷଧ ଆଡଭାନ୍ସଡ ଷ୍ଟେଜର ରୋଗୀଙ୍କ ବଞ୍ଚିବା ହାରକୁ ପ୍ରାୟ ଦ୍ୱିଗୁଣିତ କରିଛି। ପ୍ରତିଦିନ ଥରେ ଖାଇବାକୁ ଦିଆଯାଉଥିବା ଏହି ବଟିକା ଯେଉଁ ରୋଗୀମାନେ ପୂର୍ବରୁ ଚିକିତ୍ସା ପାଇସାରିଛନ୍ତି କିମ୍ବା କେମୋଥେରାପି ନେଇପାରିବେ ନାହିଁ ସେମାନଙ୍କ ପାଇଁ ଉପଯୁକ୍ତ। କମ୍ପାନି ପକ୍ଷରୁ ମାସକର ଔଷଧ ପାଇଁ ମୂଲ୍ୟ ୩୯,୮୦୦ ଡଲାର ଧାର୍ଯ୍ୟ ହୋଇଛି, ଯାହା ବର୍ତ୍ତମାନର ବିନିମୟ ହାରରେ ପ୍ରାୟ ୩୮ ଲକ୍ଷ ଭାରତୀୟ ଟଙ୍କା ହେବ। ଏହି ଔଷଧ ମହଙ୍ଗା ହୋଇଥିବାରୁ କମ୍ପାନି ପକ୍ଷରୁ ରୋଗୀଙ୍କ ପାଇଁ ଆର୍ଥିକ ସହାୟତା ମଧ୍ୟ ଘୋଷଣା କରାଯାଇଛି। ଆରବିସି କ୍ୟାପିଟାଲ୍ ମାର୍କେଟ୍ସର ବିଶ୍ଳେଷକମାନଙ୍କ ଅନୁସାରେ ୨ ହଜାରରୁ ଅଧିକ ରୋଗୀ ପୂର୍ବରୁ ପଞ୍ଜିକୃତ ହୋଇଥିବାରୁ, ଆମେରିକାରେ ଅଗ୍ନାଶୟ କର୍କଟ ଔଷଧ ବିକ୍ରିରୁ ରାଜସ୍ୱ ତୃତୀୟ ତ୍ରୈମାସିକରେ ୨୮ ନିୟୁତ ଡଲାର ପର୍ଯ୍ୟନ୍ତ ପହଞ୍ଚିବାର ଆଶା ରହିଛି। ଚତୁର୍ଥ ତ୍ରୈମାସିକରେ ଏହାର ବିକ୍ରୟ ୧୪୮ ନିୟୁତ ଡଲାରରେ ପହଞ୍ଚିପାରେ। ବିଶ୍ଳେଷକମାନେ ଆକଳନ କରିଛନ୍ତି ଯେ ଦୀର୍ଘକାଳୀନ ଭାବରେ, ଏହି ଔଷଧ ବାର୍ଷିକ ବିଶ୍ୱବ୍ୟାପୀ ୧୧.୫ ବିଲିୟନ ଡଲାର ବିକ୍ରି ବଜାର ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି। ଆମେରିକୀୟ କର୍କଟ ସୋସାଇଟି ଆକଳନ କରିଛି, ଚଳିତ ବର୍ଷ ପ୍ରାୟ ୬୭,୩୫୦ ରୋଗୀ ପାନକ୍ରିଆଟିକ୍ କର୍କଟ ରୋଗରେ ପୀଡିତ ହୋଇପାରନ୍ତି।

## ମୋଦି -ରାହୁଲଙ୍କ ପରେ ବିଜୟ ତୃତୀୟ ସ୍ଥାନରେ

ନୂଆଦିଲ୍ଲୀ, ୨୭।୮: ଇଣ୍ଡିଆ ଟୁଡେ-ସିଭୋଟର ‘ମୁଡ୍ ଅଫ୍ ଦି ନେସନ୍’ ସର୍ଭେ ଅନୁଯାୟୀ ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଜୋସେଫ୍ ବିଜୟ ଦେଶର ତୃତୀୟ ସବୁଠାରୁ ପସନ୍ଦ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି। ସେ ୯.୨% ଭୋଟରଙ୍କ ପସନ୍ଦ ସାଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (୪୮.୭%) ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ (୨୭.୧%)ଙ୍କ ପରେ ତୃତୀୟ ସ୍ଥାନରେ ରହିଛନ୍ତି। ସିନେମା ଜଗତରୁ ୨୦୨୪ ମସିହାରେ ରାଜନୀତିରେ ପ୍ରବେଶ କରି ତାମିଲଗା ଭେଟ୍ରି କାଜାଗାମ୍ (ଟିଭିକେ) ଗଠନ କରିଥିବା ଏହି ସୁପରଷ୍ଟାର ୨୦୨୬ ନିର୍ବାଚନ ଜିତି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏବେ ଦଳୀୟ ନେତାମାନେ ତାଙ୍କୁ ୨୦୨୯ ସାଧାରଣ ନିର୍ବାଚନରେ ଦକ୍ଷିଣ ଭାରତରୁ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଚେହେରା ଭାବେ ଦର୍ଶାଉଛନ୍ତି। ଏହି ପ୍ରତିଷ୍ଠାନ ପକ୍ଷରୁ ଜୁଲାଇ ୧ ରୁ ଅଗଷ୍ଟ ୨୫ ମଧ୍ୟରେ କରାଯାଇଥିବା ସର୍ଭେରୁ ସ୍ପଷ୍ଟ ହୋଇଛି ଯେ ବିଜୟ ବିରୋଧୀ ମେଣ୍ଟର ନେତୃତ୍ୱ ନେବା ପାଇଁ ମଧ୍ୟ ୧୨.୨% ସମର୍ଥନ ପାଇଛନ୍ତି। ସେ ମମତା ବାନାର୍ଜୀ (୨%), ଅଖିଳେଶ ଯାଦବ (୧.୭%) ଏବଂ ଅରବିନ୍ଦ କେଜ୍ରିୱାଲ (୧.୨%) ଙ୍କ ଭଳି ବରିଷ୍ଠ ନେତାମାନଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି।

## ‘ଗୁଜରାଟ ଗୌରବ ସରୋବର’ ଉଦ୍‌ଘାଟିତ

### କୃଷି, ପାନୀୟ ଜଳ ଯୋଗାଣ ଏବଂ ଭୂତଳ ଜଳ ସଂରକ୍ଷଣରେ ସହାୟକ ହେବ



ନୂଆଦିଲ୍ଲୀ, ୨୭।୮ (ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଗୁଜରାଟର ଅମରେଲିଠାରେ ‘ଗୁଜରାଟ ଗୌରବ ସରୋବର’ର ଉଦଘାଟନ କରିଛନ୍ତି। ହରିକୃଷ୍ଣ ଗ୍ରୁପ୍ ଏବଂ ଢୋଲାକିଆ ଫାଉଣ୍ଡେସନ୍ ଦ୍ୱାରା ‘ଗୁଜରାଟ ଗୌରବ ସରୋବର’ ନିର୍ମାଣ କରାଯାଇଛି। ଏହି ଅବସରରେ ଗୁଜରାଟର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ହର୍ଷ ସଂଘଭୀ ଏବଂ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ଅମିତ ଶାହ କହିଛନ୍ତି, ମତ୍ସ୍ୟ ପୁରାଣ ଅନୁଯାୟୀ, ଯେଉଁମାନେ କୂଅ, ପୋଖରୀ ଏବଂ ସରୋବର ନିର୍ମାଣ କରନ୍ତି ସେମାନେ ମହା ପୂଣ୍ୟ ହାସଲ କରନ୍ତି। ସେ କହିଛନ୍ତି ଯେ ଆଜିକାଲି କମ୍ ବର୍ଷାକୁ ଦୃଷ୍ଟିରେ ରଖି ଯଦି ଆମେ ବର୍ଷା ଜଳର ପ୍ରତ୍ୟେକ ବୁନ୍ଦାକୁ ସଞ୍ଚୟ ପାଇଁ ଚେଷ୍ଟା କରିବା ଏବଂ ଭୂତଳ ଜଳସ୍ତରକୁ ବୃଦ୍ଧି କରିବା, ତେବେ ଦେଶ କିମ୍ବା ରାଜ୍ୟରେ କେବେବି ମରୁଡ଼ିର ଭୟ ରହିବ ନାହିଁ। ସେ କହିଛନ୍ତି ଯେ ୨୧ ଏକର ପରିମିତ ଅଞ୍ଚଳରେ ୪୦୦ ନିୟୁତ ଲିଟର ଧାରଣ କ୍ଷମତା ବିଶିଷ୍ଟ ‘ଗୁଜରାଟ ଗୌରବ ସରୋବର’ କୃଷି ଓ ପାନୀୟ ଜଳର ଉପଲବ୍ଧତା ସହ ଭୂତଳ ଜଳ ସଂରକ୍ଷଣରେ ସହାୟକ ହେବ। ଗୃହମନ୍ତ୍ରୀ କହିଛନ୍ତି ଯେ କବି କଳାପୀ ଏକ ସୁନ୍ଦର କବିତା ଲେଖି କହିଥିଲେ, ‘ପ୍ରଜାମାନଙ୍କ ଭାଗ୍ୟ ରାଜାଙ୍କ ସ୍ୱଭାବକୁ ପ୍ରତିଫଳିତ କରିଥାଏ।’

## ଛଅ ମାସରେ ପହଞ୍ଚିଲା ଟ୍ରମ୍ପ-ଇରାନ ଯୁଦ୍ଧ

ୱାସିଂଟନ, ୨୭।୮: ଇରାନ ବିରୋଧରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରମ୍ଭ କରିଥିବା ଯୁଦ୍ଧକୁ ଛଅ ମାସ ପୂରିଥିଲେ ମଧ୍ୟ ଏହାର ଶେଷ କେବେ ହେବ, ତାହାର କୌଣସି ସ୍ପଷ୍ଟ ସଙ୍କେତ ମିଳୁନାହିଁ। ଗତ ଫେବୃଆରି ଶେଷଭାଗରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ କେବଳ ୪ରୁ ୫ ସପ୍ତାହ ମଧ୍ୟରେ ଶେଷ ହେବ ବୋଲି ଟ୍ରମ୍ପ ପ୍ରାରମ୍ଭରେ ଆଶା କରିଥିଲେ। କିନ୍ତୁ ଛଅ ମାସ ପରେ ଯୁଦ୍ଧର ଲକ୍ଷ୍ୟ ମଧ୍ୟ ବଦଳି ଯାଇଥିବାବେଳେ ଉଭୟ ପକ୍ଷ ମଧ୍ୟରେ ସ୍ଥାୟୀ ସମାଧାନର କୌଣସି ରାସ୍ତା ବାହାରିପାରି ନାହିଁ। ଜୁନରେ ଯୁଦ୍ଧ ଶେଷ କରିବା ଲକ୍ଷ୍ୟରେ ହୋଇଥିବା ଏକ ବୁଝାମଣା ମଧ୍ୟ ପରବର୍ତ୍ତୀ ସମୟରେ ବିଫଳ ହୋଇଯାଇଛି। ଟ୍ରମ୍ପ ବାରମ୍ବାର ଯୁଦ୍ଧରେ ବିଜୟ କିମ୍ବା ଏକ ସମ୍ଭାବ୍ୟ ଚୁକ୍ତି ନିକଟବର୍ତ୍ତୀ ବୋଲି କହିଥିଲେ ମଧ୍ୟ ଯୁଦ୍ଧରୁ ବାହାରିବା ପାଇଁ ଆମେରିକା ନିକଟରେ ସ୍ପଷ୍ଟ କୌଶଳ ନଥିବା ଏହି ଦୀର୍ଘ ସଂଘର୍ଷରୁ ସ୍ପଷ୍ଟ ହୋଇଛି।


## ନେପାଳ ବନ୍ୟା: ଫସି ରହିଥିବା ଭାରତୀୟଙ୍କ ପାଇଁ ହେଲପ ଲାଇନ ଜାରି

ନୂଆଦିଲ୍ଲୀ, ୨୭।୮: ବୁଧବାର ନେପାଳର ରାସୁୱା ଜିଲାର ତିବ୍ବତ ସୀମା ନିକଟରେ ହଠାତ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ରିପୋର୍ଟ ଅନୁଯାୟୀ ଏବେ ପର୍ଯ୍ୟନ୍ତ ଅତି କମରେ ୩୦୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ପ୍ରାୟ ୫୦୦ ଜଣ ନିଖୋଜ ଅଛନ୍ତି, ଯେଉଁଥିରେ ୧୦୦ ରୁ ଅଧିକ ଭାରତୀୟ ନାଗରିକ ମଧ୍ୟ ଅଛନ୍ତି। ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ମାନସରୋବର ତୀର୍ଥଯାତ୍ରା ପାଇଁ ଯାତ୍ରା କରିଥିଲେ। ନେପାଳ ପର୍ଯ୍ୟଟନ ବୋର୍ଡ କହିଛି ଯେ ବୁଧବାର ସକାଳେ ରାସୁୱା ଜିଲାର ଭୋଟେ କୋଶୀ ନଦୀରେ ହଠାତ ବନ୍ୟା ଆସିବା ପରେ ଅତି କମରେ ୫୦୦ ଯାତ୍ରୀ ନିଖୋଜ ହୋଇଛନ୍ତି; ଏହି ସଂଖ୍ୟାରେ ୧୦୦ ରୁ ଅଧିକ ଭାରତୀୟ ଅନ୍ତର୍ଭୁକ୍ତ। ଏହା ସହିତ, ୩୭ ଜଣଙ୍କୁ ଅଣ-ଆବାସୀ ଭାରତୀୟ ଭାବରେ ତାଲିକାଭୁକ୍ତ କରାଯାଇଛି। ନିଖୋଜ ଯାତ୍ରୀଙ୍କ ମଧ୍ୟରେ ୨୯୧ ବିଦେଶୀ ନାଗରିକ ଏବଂ ୯୩ ଜଣ ନେପାଳୀ ନାଗରିକ ମଧ୍ୟ ଅନ୍ତର୍ଭୁକ୍ତ। ବିଦେଶୀ ନାଗରିକଙ୍କ ମଧ୍ୟରେ ନେଦରଲ୍ୟାଣ୍ଡ, ଆମେରିକା, ଅଷ୍ଟ୍ରେଲିଆ, ୟୁକେ, ମାଲେସିଆ ଏବଂ ଦକ୍ଷିଣ ଆଫ୍ରିକାର ନାଗରିକ ଅନ୍ତର୍ଭୁକ୍ତ। ଅନ୍ୟ ଅନେକ ବିଦେଶୀ ଯାତ୍ରୀଙ୍କ ଜାତୀୟତା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ବନ୍ୟା ଦ୍ୱାରା ପ୍ରଭାବିତ ଭାରତୀୟମାନଙ୍କୁ ସହାୟତା କରିବା ପାଇଁ, ଭାରତୀୟ ଦୂତାବାସ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ସହାୟତା ଚାହୁଁଥିବା ଲୋକମାନେ +୯୭୭ ୯୭୦ ୯୧୦ ୭୫୦୦ କିମ୍ବା +୯୭୭ ୯୮୫ ୧୩୧ ୬୮୦୭ ରେ ଯୋଗାଯୋଗ କରିପାରିବେ। ନେପାଳକୁ ସହାୟତା କରିବା ପାଇଁ ଭାରତ ଅତ୍ୟାବଶ୍ୟକୀୟ ଔଷଧ ସମେତ ୧୦ ଟନ ରିଲିଫ ସାମଗ୍ରୀ ପଠାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଟୁଇଟ କରିଛନ୍ତି, ‘ଭାରତ ୧୦ ଟନ ରିଲିଫ ସାମଗ୍ରୀ ପଠାଇଛି; ଶୋକସନ୍ତପ୍ତ ପରିବାର ଏବଂ ପ୍ରଭାବିତ ସମସ୍ତ ଲୋକଙ୍କ ସହିତ ଆମର ସମବେଦନା। ଏହି ଚ୍ୟାଲେଞ୍ଜିଂ ସମୟରେ, ଭାରତ ନେପାଳ ଏବଂ ଏହାର ଲୋକଙ୍କ ସହିତ ଠିଆ ହୋଇଛି।’

### ମହାଜଳପ୍ରଳୟ ଆସିବା ଆଶଙ୍କା

# ଉତ୍ତରାଖଣ୍ଡର ବଦ୍ରିନାଥ-ମାଣା ଉପରେ ୨୧୯ ଝୁଲନ୍ତା ହିମବାହ

ଡେରାଡୁନ, ୨୭।୮: ନେପାଳରେ ହିମବାହ ଭାଙ୍ଗିବା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଉତ୍ତରାଖଣ୍ଡର ବଦ୍ରିନାଥ-ମାଣା ଅଞ୍ଚଳ ପାଇଁ ମଧ୍ୟ ଚିନ୍ତାର କାରଣ ପାଲଟିଛି। ନେପାଳ-ତିବ୍ବତ ସୀମା ନିକଟରେ ହିମବାହର ଏକ ଅଂଶ ଭାଙ୍ଗି ଯାଇଥିଲା, ଯାହା ଫଳରେ ବରଫ, ପଥର ଏବଂ ଭଗ୍ନାବଶେଷ ତଳକୁ ଖସି ପଡ଼ିଥିଲା। ଏହା ଏକ ନଦୀର ପ୍ରବାହକୁ ବାଧାପ୍ରାପ୍ତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଭଗ୍ନାବଶେଷ ସହିତ ଆସିଥିବା ମହାଜଳପ୍ରଳୟ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଏଥିରେ ଶହ ଶହ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ଶହ ଶହ ନିଖୋଜ ଅଛନ୍ତି। ନେପାଳରେ ଘଟିଥିବା ବନ୍ୟା ତାଣ୍ଡବ ଭାରତ ପାଇଁ ଏକ ଚେତାବନୀ। କାରଣ ବଦ୍ରିନାଥ ଧାମ ଏବଂ ଭାରତର ପ୍ରଥମ ଗ୍ରାମ ମାଣା ଉପରେ ଥିବା ଉଚ୍ଚ ତୀଖ ପର୍ବତରେ ବହୁ ସଂଖ୍ୟକ ହିମବାହ ଅଛି,




ଯାହାକୁ ବୈଜ୍ଞାନିକମାନେ ଝୁଲନ୍ତା ହିମବାହ ବୋଲି କହିଥାନ୍ତି। ଏନପିଜେ ନାଚୁରାଲ ହାଜାର୍ଡରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଅଳକାନନ୍ଦା ଅବବାହିକାରେ ୨୧୯ଟି ଏପରି ଝୁଲା ହିମବାହ ଚିହ୍ନଟ କରାଯାଇଛି। ଅଧ୍ୟୟନ ଅନୁଯାୟୀ, ବଦ୍ରିନାଥ ଏବଂ ମାଣାକୁ ନେଇ ଗଠିତ ଉପର ଅଳକାନନ୍ଦା ଅଞ୍ଚଳ ସବୁଠାରୁ ଦୁର୍ବଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ସେଠାରେ ଝୁଲନ୍ତା ହିମବାହ ଏବଂ ଅସ୍ଥିର ତୁଷାର ସର୍ବାଧିକ ପରିମାଣରେ ରହିଛି। ସର୍ବାଧିକ ପରିମାଣରେ ଅସ୍ଥିର ତୁଷାର ମାଣା ଗ୍ରାମର ମୁଖିଆ ପିତାମ୍ବର ସିଂହ ମୋଲପାଙ୍କ ଅନୁଯାୟୀ, ସ୍ଥାନୀୟ ଲୋକେ ଦଶନ୍ଧି ଧରି ପାଣିପାଗ, ହିମମଣ୍ଡଳ ଏବଂ ପ୍ରାକୃତିକ ଜଳ ଉତ୍ସରେ ପରିବର୍ତ୍ତନ ଅନୁଭବ କରିଆସୁଛନ୍ତି। ପୂର୍ବରୁ, ମେ ଏବଂ ଜୁନ୍ ମାସ ପର୍ଯ୍ୟନ୍ତ ଆଖପାଖର ଉଚ୍ଚଭୂମି ବରଫରେ ଆଚ୍ଛାଦିତ ରହୁଥିଲା। ପାଣ୍ଡୁକେଶ୍ୱର ପାର ହୋଇ ବିଷ୍ଣୁପ୍ରୟାଗ ଉପତ୍ୟକାରେ ପ୍ରବେଶ କରିବା ମାତ୍ରେ ଅନେକ ସ୍ଥାନରେ ହିମମଣ୍ଡଳ ଦୃଶ୍ୟମାନ ହେଉଥିଲା। ହନୁମାନ ଚଟ୍ଟି ପାର ହେବା ମାତ୍ରେ ବରଫ ପବନ ଅନୁଭୂତ ହେଉଥିଲା, କିନ୍ତୁ ବର୍ତ୍ତମାନ ପରିସ୍ଥିତି ଆଉ ପୂର୍ବ ପରି ନାହିଁ। ହିମମଣ୍ଡଳରେ ସବୁଠାରୁ ବଡ଼ ପରିବର୍ତ୍ତନ ଦୃଶ୍ୟମାନ ହେଉଛି। ସତୋପନ୍ଥ ହିମବାହକୁ କ୍ରମାଗତ ଭାବରେ ପଛକୁ ହଟି ଯାଉଥିବା ଦେଖିବାକୁ ମିଳୁଛି। ବସୁଧାରାର ବିପରୀତ ହିମବାହ ମଧ୍ୟ ପୂର୍ବ ସ୍ଥାନ ତୁଳନାରେ ପଛକୁ ହଟି ଯାଇଛି। ୧୯୭୦ ଏବଂ ୧୯୮୦ ଦଶକ ପରଠାରୁ, ଅନେକ ଛୋଟ ହିମବାହ ଅଦୃଶ୍ୟ ହୋଇଯାଇଛି କିମ୍ବା ଯଥେଷ୍ଟ ପଛକୁ ହଟି ଯାଇଛନ୍ତି।

# କଟକ ଓ ଭୁବନେଶ୍ୱରରେ ନାଇଟ ବ୍ଲକିଂ ଜୋରଦାର

## ୨୧୨ ମଦ୍ୟପ ଚାଳକଙ୍କ ବିରୋଧରେ ମାମଲା, ୨୧୨ ଗାଡ଼ି ଜବତ





ଭୁବନେଶ୍ୱର/କଟକ(ନିପ୍ର): ମହିଳାଙ୍କ ସୁରକ୍ଷା, ମହିଳା ବିରୋଧୀ ଅପରାଧ ରୋକିବା, ସଂଗଠିତ ଅପରାଧର ସିଣ୍ଡିକେଟ୍ ଭାଙ୍ଗିବା ସହ ନିଶାଦ୍ରବ୍ୟ ଓ ଅବୈଧ ମଦ ବିରୋଧରେ ଜୋରଦାର ଅଭିଯାନ ଓଡ଼ିଶା ପୁଲିସର ପ୍ରମୁଖ ପ୍ରାଥମିକତା ରହିଛି। ଏହି କ୍ରମରେ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଗତ ୨୬ ଅଗଷ୍ଟ ରାତିରେ କଟକ ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ କରାଯାଇଛି। ଏହି ଅଭିଯାନରେ ବେଆଇନ ଅସ୍ତ୍ରଶସ୍ତ୍ର, ଅବୈଧ ମଦ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ରୋକିବା ସହ ମଦ୍ୟପାନ କରି ଗାଡ଼ି ଚାଳନା, ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ରାତ୍ରିକାଳୀନ ଅପରାଧ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ରାତ୍ରି ପାଟ୍ରୋଲିଂ ଓ ଯାଞ୍ଚକୁ ମଧ୍ୟ ଜୋରଦାର କରାଯାଇଥିଲା। ପୁଲିସିଂ କାର୍ଯ୍ୟରେ ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ଫିଲ୍ଡ ଏନଫୋର୍ସମେଣ୍ଟରେ ଅଂଶଗ୍ରହଣ ପାଇଁ ମୋଟ ୩୩୬ଜଣ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ଏହି ଅଭିଯାନରେ ନିୟୋଜିତ କରାଯାଇଥିଲା। ଏହି ଅଭିଯାନ ସମୟରେ କଟକରେ ୯୦ଟି ମଦ୍ୟପ ଗାଡ଼ି ଚାଳନା ମାମଲା ଚିହ୍ନଟ କରାଯାଇଥିଲା। ଏହି ମାମଲାରେ ୯୦ଟି ଗାଡ଼ି ଜବତ ହୋଇଥିବାବେଳେ ସେଥିରେ ୨୧ଟି ଚାରିଚକିଆ ଓ ୬୯ଟି ଦୁଇଚକିଆ ଯାନ ରହିଛି। ସେହିପରି ୨ଟି ଅବକାରୀ ମାମଲା ରୁଜୁ କରାଯାଇ ୩୫ ଲିଟର ମଦ ଜବତ କରାଯାଇଛି। ଦୁଇଟି ଗାଡ଼ିରେ ନିୟମ ବିରୋଧୀ ଭାବେ ମୋଡିଫାଏଡ୍ ସାଇଲେନ୍ସର ଲାଗିଥିବା ମଧ୍ୟ ଧରାପଡ଼ିଛି। ଏହାସହ ୪ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ସେହିପରି ଭୁବନେଶ୍ୱରରେ ଅଭିଯାନ ବେଳେ ୧୨୨ଟି ମଦ୍ୟପ ଗାଡ଼ି ଚାଳନା ମାମଲା ରୁଜୁ ହୋଇଛି ଏବଂ ସମାନ ସଂଖ୍ୟକ ୧୨୨ଟି ଗାଡ଼ି ଜବତ କରାଯାଇଛି। ଜବତ ଯାନ ମଧ୍ୟରେ ୪୯ଟି ଚାରିଚକିଆ, ୮ଟି ତିନିଚକିଆ ଓ ୬୫ଟି ଦୁଇଚକିଆ ଯାନ ରହିଛି। ମୋଟର ଭେହିକିଲ୍ ଓ ଅନ୍ୟାନ୍ୟ ଉଲ୍ଲଂଘନ ବାବଦରେ ୭୯,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚନ୍ଦ୍ରଶେଖରପୁର ଥାନା ପକ୍ଷରୁ ବାଲି ବୋଝେଇ ୨ଟି ହାଇୱା ଜବତ କରାଯାଇଛି। ମଞ୍ଚେଶ୍ୱର ଥାନା ପକ୍ଷରୁ ୨ଟି ଅବକାରୀ ମାମଲା ଏବଂ ୨ଟି ମୋଡିଫାଏଡ୍ ସାଇଲେନ୍ସର ମାମଲା ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ଖଣ୍ଡଗିରି ଥାନା ପକ୍ଷରୁ ରାତ୍ରିକାଳୀନ ପାଦଚାରୀ ପାଟ୍ରୋଲିଂ ସମୟରେ ନିଛାଟିଆ ସ୍ଥାନରେ ମଦ୍ୟପାନ କରୁଥିବା ୩ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ମଦ୍ୟପ ଗାଡ଼ି ଚାଳନା, ଅବୈଧ କାର୍ଯ୍ୟକଳାପ, ନିୟମ ବିରୋଧୀ ମୋଡିଫାଏଡ୍ ସାଇଲେନ୍ସର ଏବଂ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯାଇଛି। ଓଡ଼ିଶା ପୁଲିସ କହିଛି ଯେ ଦୃଶ୍ୟମାନ ଓ ସକ୍ରିୟ ପୁଲିସିଂ, ସଡ଼କ ସୁରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ନାଗରିକଙ୍କ ସୁରକ୍ଷାକୁ ଆହୁରି ମଜବୁତ କରିବା ପାଇଁ ଏଭଳି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ। ବିଶେଷକରି ରାତ୍ରି ସମୟରେ ଆଇନଶୃଙ୍ଖଳା ଓ ସାଧାରଣ ଲୋକଙ୍କ ସୁରକ୍ଷା ନିଶ୍ଚିତ କରିବା ଦିଗରେ ଫିଲ୍ଡ ଓରିଏଣ୍ଟେଡ୍ ପୁଲିସିଂକୁ ଅଧିକ ସୁଦୃଢ଼ କରାଯିବ।

## ଅପରାଧ ନିୟନ୍ତ୍ରଣ ଲାଗି ଫୁଟ ପାଟ୍ରୋଲିଂ

ଭୁବନେଶ୍ୱର(ନିପ୍ର): ସହର କଟକ-ଭୁବନେଶ୍ୱରରେ ଅପରାଧ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ କମିଶନରେଟ ପୋଲିସ ଫୁଟ ପାଟ୍ରୋଲିଂକୁ ଆହୁରି ତୀବ୍ର କରିଛି। ବିଶେଷ କରି ଏକାକୀ ଅଞ୍ଚଳ, ବସ୍ତି, ପାର୍କ ଏବଂ ସମ୍ବେଦନଶୀଳ ସ୍ଥାନରେ ପୋଲିସର ଉପସ୍ଥିତି ବଢ଼ାଇବା ଉପରେ ଗୁରୁତ୍ୱ ଦେଇଛି। ଅପରାଧ ପ୍ରତିରୋଧ ଏବଂ ଜନସୁରକ୍ଷା ନିମନ୍ତେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଫୁଟ ପେଟ୍ରୋଲିଂ କରାଯାଉଛି। ଏଥିରେ ବସ୍ତି ଅଞ୍ଚଳ, ପାର୍କ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ପଦକ୍ଷେପରେ ପୋଲିସ ଉପସ୍ଥିତି ବଢ଼ିବା ସହ ଅପରାଧୀ କାର୍ଯ୍ୟକଳାପ ରୋକିବାରେ ସହାୟକ ହେଉଥିବା କମିଶନରେଟ ପୋଲିସର ଜଣେ ଅଧିକାରୀ କହିଛନ୍ତି। ୨୬ ତାରିଖ ରାତିରେ କଟକ ଓ ଭୁବନେଶ୍ୱରରେ ଏକ ବିଶେଷ ଅଭିଯାନ ଚଳାଯାଇଥିଲା। ମହିଳା ସୁରକ୍ଷା, ମହିଳାଙ୍କ ବିରୋଧରେ ଅପରାଧ ପ୍ରତିରୋଧ, ସଂଗଠିତ ଅପରାଧ, ନିଶା ଦ୍ରବ୍ୟ ଏବଂ ବେଆଇନ ମଦ ବିରୋଧରେ ଏହି ଅଭିଯାନ କେନ୍ଦ୍ରିତ ଥିଲା। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ୩୩୬ ଜଣ କ୍ୟାଡେଟ ସବ୍-ଇନସ୍ପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା। ଏହି ଅଭିଯାନ ସମୟରେ କଟକରେ ୯୦ଟି ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲା ଚିହ୍ନଟ ହୋଇ ୯୦ଟି ଯାନବାହନ ଜବତ କରାଯାଇଛି। ଭୁବନେଶ୍ୱରରେ ୧୨୨ଟି ଏଭଳି ମାମଲାରେ ସମାନ ସଂଖ୍ୟକ ଯାନ ଜବତ ହୋଇଛି। ଫୁଟ ପାଟ୍ରୋଲିଂ ସମୟରେ ଖଣ୍ଡଗିରି ଥାନା ଅଧୀନରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ଭୁବନେଶ୍ୱର କମିଶନରେଟ ପୋଲିସ ପ୍ରାୟ ୨୦୦ ଜଣ ନବନିଯୁକ୍ତ ସବ୍-ଇନସ୍ପେକ୍ଟରଙ୍କୁ ରାତି ବ୍ଲକିଂ ଅପରେସନ୍ ସମ୍ବନ୍ଧରେ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଛି। ଏହି ପ୍ରଶିକ୍ଷଣରେ ରାତି ପାଟ୍ରୋଲିଂ, ଯାନ ଯାଞ୍ଚ, ମଦ୍ୟପାନ ଚିହ୍ନଟ ଏବଂ ଅପରାଧ ପ୍ରତିରୋଧ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ନୂଆ ଅଧିକାରୀମାନେ ବର୍ତ୍ତମାନ ମୁଖ୍ୟ ଜଙ୍କସନ୍ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ରାତି ପେଟ୍ରୋଲିଂ ଓ ନାକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କଟକ ପୋଲିସ ବିଭିନ୍ନ ଥାନା ଅଞ୍ଚଳରେ ନିୟମିତ ଫୁଟ ପେଟ୍ରୋଲିଂ କରିଛି। ଏହା ଦ୍ୱାରା ପୋଲିସ ଉପସ୍ଥିତି ବଢ଼ାଇ ଅପରାଧୀ କାର୍ଯ୍ୟକଳାପ ରୋକିବା ଏବଂ ନାଗରିକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟ ରହିଛି।

## ଦାଦାବଟି ନଦେବାରୁ ଖଣ୍ଡା ଚୋଟ

ଭୁବନେଶ୍ୱର(ନିପ୍ର): ଦାଦାବଟି ମାଗିଲେ, ନଦେବାରୁ ଗୋଡ଼ାଇ ଗୋଡ଼ାଇ ହାଣିଲେ। ଭରତପୁର ଅଞ୍ଚଳରେ ଦୁର୍ବୃତ୍ତଙ୍କ ଏଭଳି ଉନ୍ମତ୍ତ କାଣ୍ଡ ଘଟାଇବା ନେଇ ଭରତପୁର ଥାନାରେ ଅଭିଯୋଗ ହୋଇଛି। ଗଣେଶ ପୂଜା ପୂର୍ବରୁ ରାଜଧାନୀରେ ଅପରାଧ ଓ ଅପରାଧୀ ଉପରମୁହାଁ ହୋଇଥିବାବେଳେ ଖଣ୍ଡାରେ ହାଣି ମାମୁ ଭଣଜାଙ୍କୁ କିଛି ଦୁବୃତ୍ତ ଲହୁଲୁହାଣ କରିଛନ୍ତି। ଆକ୍ରମଣ ସମୟର ସିସିଟିଭି ଭିଜୁଆଲ କଏଦ ହୋଇଥିବା ବେଳେ ପୋଲିସ୍ ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଆହତ ଯୁବକ ଅଂଶୁମାନ ପଟ୍ଟନାୟକ କ୍ଷୋଭର ସହ କହିଛନ୍ତି। ଆହତଙ୍କର ଏକ ସେଲ୍ଫ ଡ୍ରାଇଭ୍ କାର୍ ସୋରୁମ୍ ରହିଛି। ଗୁରୁବାର ରାତି ପ୍ରାୟ ୯ଟା ସମୟରେ ଅଂଶୁମାନ ଭରତପୁରସ୍ଥିତ ଆୟୁର୍ବେଦିକ୍ ହସ୍ପିଟାଲ ନିକଟରେ ଛିଡ଼ା ହୋଇଥିବା ବେଳେ କିଛି ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ଅଂଶୁଙ୍କ ମାମୁଁ ମଧ୍ୟ ଖଣ୍ଡା ଚୋଟର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେପଟେ, ଏନେଇ ଆହତ ୨ଜଣ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନେ ରାଜନେତାଙ୍କ ଛତ୍ରଛାୟାରେ ରହି ବାରମ୍ବାର ଏଭଳି କାଣ୍ଡ ଭିଆଉଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

## ପାତ୍ରପଡା ଫ୍ଲାଓଭରରେ ଦୁର୍ଘଟଣା: ପରିବାରର ୪ ଜଣ ଅଳ୍ପକେ ବର୍ତ୍ତିଲେ

### ଘଣ୍ଟାଏ ଜାମ, ଟ୍ରାଫିକ୍ ସମସ୍ୟା ଉତ୍କଟ ହେଲା

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱରର ପାତ୍ରପଡ଼ା ଓଭରବ୍ରିଜ ଉପରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ଅନ୍ୟ ଏକ କାର ଉପରେ ଧକ୍କା ହେବା ଫଳରେ ଦ୍ୱିତୀୟ କାରଟି ଓଲଟି ପଡ଼ିଛି। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ଗୋଟିଏ କାର ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଜଡ଼ିତ ଗୋଟିଏ କାରରେ ଯାତ୍ରା କରୁଥିବା ଏକ ପରିବାରର ଚାରି ସଦସ୍ୟ ଅଳ୍ପକେ ବଞ୍ଚିଯାଇଛନ୍ତି। ଦୁର୍ଘଟଣା ପରେ ବ୍ୟସ୍ତ ରାସ୍ତାରେ ଭୟଙ୍କର ଯାନ ଜାମ ସୃଷ୍ଟି ହୋଇଛି। ରାସ୍ତା ଅବରୋଧ ହେବା ଫଳରେ ଯାନବାହନ ଗତିବିଧି ବ୍ୟାହତ ହୋଇଛି। ଘଟଣାସ୍ଥଳରେ ଖଣ୍ଡଗିରି ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା, ରାସ୍ତା ଖାଲି କରିବା ଏବଂ ଯାତାୟାତ ସୁଗମ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ପାତ୍ରପଡ଼ା ଓଭରବ୍ରିଜ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ପଥ ହୋଇଥିବାବେଳେ ଏଭଳି ଦୁର୍ଘଟଣା ସାଧାରଣତଃ ବ୍ୟସ୍ତ ସମୟରେ ଯାନ ଚଳାଚଳକୁ ବ୍ୟାପକ ଭାବେ ପ୍ରଭାବିତ କରିଛି।

### ସ୍ତ୍ରୀକୁ ଭିଡିଓ କଲିଂ କରି ସ୍ୱାମୀ ଆତ୍ମହତ୍ୟା ଘଟଣା

## ୨୮ ଘଣ୍ଟା ପରେ ମୃତଦେହ ଉଦ୍ଧାର

କଟକ(ନିପ୍ର): ଜଗତପୁର ବିରୂପା ବ୍ୟାରେଜ ଉପରୁ ବିରୂପା ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଯୁବକ କଟକ ଜିଲ୍ଲା କିଶନନଗର ଥାନା ଅନ୍ତର୍ଗତ ଓଡାପଡାର ସମରଜିତ ବାରିକ(୩୨)ଙ୍କ ମୃତ ଦେହକୁ ଚୌଦ୍ୱାର ଅଗ୍ନିଶମ ବାହିନୀ ଦୀର୍ଘ ୨୮ ଘଣ୍ଟା ପରେ ସେହି ବ୍ୟାରେଜ ନିକଟରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ମୃତ ଦେହ ଉଦ୍ଧାର ପରେ ଜଗତପୁର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି । ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଏସସିବିକୁ ପଠାଇଛି । ସୂଚନା ଯୋଗ୍ୟ ସମରଜିତ ୨୦୨୫ ଏପ୍ରିଲ ୭ରେ ଚୌଦ୍ୱାର ପାଇକରାପୁରର ସୋନାଲି ବାରିକଙ୍କୁ ବିବାହ କରିଥିଲେ । ସେ ଜଗତପୁରରେ ରଙ୍ଗ କାର୍ଯ୍ୟ କରୁଥିବା ବେଳେ ଗତ ୪ ମାସ ହେବ ଶ୍ୱଶୁର ଘରେ ରହୁଥିଲେ । ଗତ କାଲି ବୁଧବାର ଦିନ ପ୍ରାୟ ସାଢେ ୨ଟା ବେଳେ ପତ୍ନୀଙ୍କୁ ଭିଡିଓ କଲିଂ କରି ବିରୂପା ବ୍ୟାରେଜ ଉପରେ ଚପଲ ଓ ମୋବାଇଲ ଫୋନ ରଖି ନଦୀକୁ ଡେଇଁ ପଡ଼ିଥିଲେ । ଅଗ୍ନିଶମ ବାହିନୀ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ଠାବ କରି ପାରିନଥିଲେ ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ପିପିଲି(ନିପ୍ର): ପିପିଲି ଥାନା ଅଧିନ ହାଟସାହିରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ମାଡ଼ ମରାଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପିପିଲି ପୋଲିସ ଅଭିଯୋଗ ପାଇ ପିପିଲି ଥାନାରେ ୫୩୬/୨୬ ରେ ମାମଲା ଆଗତ କରିଛି । ମାମଲାର ତଦନ୍ତ ଦାୟିତ୍ୱ ଥାନାର ମଞ୍ଜୁଲତା ଦେଇଙ୍କୁ ଦାୟିତ୍ୱ ଦିଆଯାଇଥିବା ସୁଚନା ମିଳିଛି । ଉକ୍ତ ଗ୍ରାମର ସତ୍ୟଭାମା ମହାରଣା ନାମକ ମହିଳା ଘରେ ଥିବାବେଳେ ପଡୋଶୀ ବିନା କାରଣରେ ଅଶ୍ଳୀଳ ଗାଳି ଗୁଲଜକରି ସତ୍ୟଭାମାଙ୍କ ଦୁଆରକୁ ଆସିଥିଲେ । ସତ୍ୟଭାମା ବାରଣ କରିବାରୁ ତାକୁ ଏକ ବାଡ଼ି ସାହାଯ୍ୟରେ ମାଡ଼ ମାରି ଟଣା ଓଟରା କରିଥିଲେ । ମହିଳା ଜଣକ ଲଜିତ ହୋଇ ଘଟଣା ସ୍ଥଳରୁ ପଳାଇ ଯିବାରୁ ତାଙ୍କର ପଡୋଶୀ ଜଣକ ଅଶ୍ଳୀଳ ପ୍ରଦର୍ଶନ କରି ବିଭିନ୍ନ ଧମକ ଦେବାରୁ ସତ୍ୟଭାମା ଗ୍ରାମରେ ଜଣାଇଥିଲେ । ଗ୍ରାମବାସୀଙ୍କ କଥାକୁ ଅପରପକ୍ଷ ମାନି ନଥିବାରୁ ଅଭିଯୋଗକାରିଣୀ ସତ୍ୟଭାମା ଅଭିଯୋଗରେ ଦର୍ଶାଇ ପିପିଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

### ରାଜଧାନୀର ବିଭିନ୍ନ ହୋଟେଲରେ ଖାଦ୍ୟ ସୁରକ୍ଷା ଟିମ୍‌ର ଚଢାଉ

## ୬୦ କିଲୋ ଖାଦ୍ୟ ନଷ୍ଟ ଓ ୬ ହଜାର ଫାଇନ୍

ଭୁବନେଶ୍ୱର(ନିପ୍ର): ରାକ୍ଷୀ ପୂର୍ଣ୍ଣିମାରେ ରାଜଧାନୀର ବିଭିନ୍ନ ମିଠା ଦୋକାନରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ସୂର୍ଯ୍ୟନଗର ଅଞ୍ଚଳର ହୋଟେଲ ଭେନସ୍ ଇନ୍ ଏବଂ ଜାଗମରା ଅଞ୍ଚଳର ମିଠା ଦୋକାନକୁ ଟିମ୍ ଯାଞ୍ଚ କରିଛି। ମିଠା ତିଆରି ପାଇଁ ବ୍ୟବହୃତ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ ସହ ମିଠା ପ୍ରସ୍ତୁତ ସ୍ଥାନ ଓ ସଂରକ୍ଷଣ ପାଇଁ ବ୍ୟବହୃତ ଫ୍ରିଜ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଯାଞ୍ଚ କରାଯାଇଛି। ବହୁ ସ୍ଥାନରୁ ଏକ୍ସପାଏରି ଖୁଆ ମିଳିଥିବାବେଳେ ନିୟମ ଖିଲାପ କରୁଥିବା ଦୋକାନୀଙ୍କ ୬ହଜାର ଟଙ୍କା ଫାଇନ୍ ଆଦାୟ ହୋଇଛି। ଖାଦ୍ୟ ନିରାପତ୍ତା ନିୟମ ଅବମାନନା କରୁଥିବା ଦୋକାନୀଙ୍କୁ ଏହି ଭୁଲର ପୁନରାବୃତ୍ତି କଲେ ଦୋକାନ ସିଲ ନେଇ ମଧ୍ୟ ଚେତାବନୀ ଦିଆଯାଇଥିବା ବିଏମସି ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି। ଭାଇ-ଭଉଣୀଙ୍କ ସ୍ନେହ ଓ ସମ୍ପର୍କର ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ବାନ୍ଧିବା ସହ ଭାଇଙ୍କୁ ମିଠା ଖୁଆଇବାର ପରମ୍ପରା ରହିଛି। ତେଣୁ ରାକ୍ଷୀ ଆସିଲେ ମିଠା ଦୋକାନରେ ଚାହିଦା ସାଧାରଣତଃ ବଢିଥାଏ। ଚଳିତ ବର୍ଷ କିନ୍ତୁ ମିଠା ବ୍ୟବସାୟୀଙ୍କ ପାଇଁ ଚିନ୍ତା ୨ ଗୁଣା ହୋଇଛି। ଚିନି, ଛେନା ସମେତ ଅନ୍ୟାନ୍ୟ କଞ୍ଚାମାଲର ଦର ବୃଦ୍ଧି ସାଙ୍ଗକୁ ରନ୍ଧନ ଗ୍ୟାସ ଦର ବଢ଼ିବା ବ୍ୟବସାୟର ଖର୍ଚ୍ଚ ବଢ଼ାଇଛି। ଏହାସାଙ୍ଗକୁ ନକଲି ଛେନା ଓ ପନିର ବିରୋଧରେ ଚଢ଼ାଉ ଓ କଟକଣା ଯୋଗୁଁ ମଧ୍ୟ ମିଠା ଦୋକାନୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ରାକ୍ଷୀ ପୂର୍ଣ୍ଣିମାକୁ ନଜରରେ ରଖି ମିଠା ଦୋକାନଗୁଡ଼ିକରେ ଲଡ୍ଡୁ, ରସଗୋଲା, ଗୋଲାପ ଜାମୁନ, ଛେନାପୋଡ଼, ସନ୍ଦେଶ, ବର୍ଫି, ଚମ୍‌ଚମ୍, ଲବଙ୍ଗଲତା, ସେଓ ସନ୍ଦେଶ ଭଳି ବିଭିନ୍ନ ପ୍ରକାରର ମିଠା ସଜାଇ ରଖାଯାଇଛି ସତ କିନ୍ତୁ ଏହା ଖାଉଟିଙ୍କ ଆବଶ୍ୟକତାକୁ ପୂରଣ କରିପାରୁ ନଥିବା ମିଠା ଦୋକାନୀ କହିଛନ୍ତି। ସେପଟେ କଞ୍ଚାମାଲ ଦର ବଢ଼ିଥିବାରୁ ମିଠାର ଦର ବଢ଼ିଛି। ବିଭିନ୍ନ ପ୍ରକାର ମିଠାର ଦର ପ୍ରାୟ ୨୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଥିବା ଦୋକାନୀ କହିଛନ୍ତି। ଦର ବଢ଼ିବାରୁ ଗ୍ରାହକ ପୂର୍ବାପେକ୍ଷା କମ୍ ପରିମାଣର ମିଠା କିଣୁଥିବା ଦେଖିବାକୁ ମିଳୁଛି। ଛେନାରେ ପ୍ରସ୍ତୁତ ମିଠାର ଦର ଅଧିକ ଥିବାରୁ କିଛି ଗ୍ରାହକ ସୁଜି, ମଇଦା, ନଡ଼ିଆ ଓ ଅଟାରେ ପ୍ରସ୍ତୁତ ମିଠା ଆଡ଼କୁ ମୁହାଁଉଛନ୍ତି। ତଥାପି ରାକ୍ଷୀ ପୂର୍ଣ୍ଣିମାରେ ଛେନା ମିଠାର ଚାହିଦା କମିନାହିଁ। ଦର ବୃଦ୍ଧି ସହ ଖାଦ୍ୟ ସୁରକ୍ଷା ଟିମର ଘନଘନ ରେଡ୍ ସତ୍ତ୍ୱେ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିବା ପରେ ମୁହଁ ମିଠା କରାଇବା ପାଇଁ ଗାଁଠୁ ସହର ସବୁଠି ମିଠା ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଛି। ଦର ଯେତେ ବଢୁନା କାହିଁକି, ଭାଇ-ଭଉଣୀଙ୍କ ସମ୍ପର୍କକୁ ଆହୁରି ମିଠା କରିବା ପାଇଁ ମିଠା କିଣିବାରେ ଲୋକେ ପଛଘୁଞ୍ଚା ଦେଉ ନଥିବା ସାମ୍ନାମକୁ ଆସିଛି।

## ରାଜଧାନୀରେ ମାଓ ପୋଷ୍ଟର !

- ସରକାରୀ କାର୍ଯ୍ୟରେ ଲାଗିଥିବା ଜେସିବି ଜାଳିଦେଲେ
- ଚିଠିରେ ୫୦ ଲକ୍ଷ ଦାବି କଲେ, ନଦେଲେ ହତ୍ୟା ଧମକ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରେ ଦୁର୍ବୃତ୍ତମାନେ ଏକ ଜେସିବିକୁ ଜାଳିଦେଇଛନ୍ତି। ୟୁନିଟ୍ ୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ନିକଟରେ ଏକ ସରକାରୀ ପ୍ରକଳ୍ପ କାମରେ ଲାଗିଥିବା ଜେସିବିକୁ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ଗୁରୁବାର ସକାଳୁ ଏହି ଘଟଣା ସାମ୍ନାକୁ ଆସିଥିଲା। ଗାଡ଼ିଟି ୩୦%ରୁ ଅଧିକ ପୋଡ଼ି ଯାଇଛି। ଏନେଇ ଜେସିବି ମାଲିକ ଓ କାମ କରୁଥିବା ଠିକାଦାର କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। କ୍ୟାପିଟାଲ ଥାନା ପୋଲିସ୍ ଏନେଇ କେସ୍ ନମ୍ବର ୬୬୫/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଥାଉ କି, କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଉକ୍ତ ଅଞ୍ଚଳରେ ଏଭଳି କାଣ୍ଡକୁ ନେଇ ରାଜଧାନୀ ସାରା ଚର୍ଚ୍ଚା ଆରମ୍ଭ ହୋଇଛି। କେଉଁମାନେ ଏହି କାଣ୍ଡ ଘଟାଇଛନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ଏଥିସହ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଠାବ କରିବାକୁ ପୋଲିସ ଚେଷ୍ଟା କରୁଛି। କାମକୁ ନେଇ ଅସହିଷ୍ଣୁ ଥିବା କୌଣସି ବ୍ୟକ୍ତି ଏଭଳି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ଭାବେ ସନ୍ଦେହ କରୁଛି। କାମ କରୁଥିବା ରଞ୍ଜନ ଦାସ କହିଛନ୍ତି, ଏଠାରେ ଗତ ୩ମାସ ହେଲା ମୁଖ୍ୟମନ୍ତ୍ରୀଙ୍କ ଜନାଶ୍ରୟ ଭବନ ଯୋଜନାରେ ଘର ଭଙ୍ଗା କାର୍ଯ୍ୟ ଚାଲିଛି। ୨୧୭ଟି ସରକାରୀ ଘର ଭଙ୍ଗାଯାଉଛି। ଏଜେନ୍ସି ଭାବେ କାମ ଦିଆଯାଇଥିବା ବେଳେ ୩ ମାସ ହେଲା ଘର ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଗୁରୁବାର ରାତି ପ୍ରାୟ ୩ଟାରୁ ୫ଟା ମଧ୍ୟରେ କେହି ଦୁର୍ବୃତ୍ତ ଜେସିବିରେ ନିଆଁ ଲଗାଇ ଦେଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏପରିକି ଜେସିବିରେ ଏକ ଧମକପୂର୍ଣ୍ଣ ଚିଠି ମଧ୍ୟ ମରାଯାଇଥିଲା। ସେଥିରେ ୫୦ ଲକ୍ଷ ଟଙ୍କା ଦେବାକୁ ଧମକ ଦିଆଯାଇଛି। ଟଙ୍କା ନଦେଲେ ୨୮ ତାରିଖ ସୁଦ୍ଧା କାମ ବନ୍ଦ କରିବ ଏବଂ ହତ୍ୟା ଧମକ ମଧ୍ୟ ଦିଆଯାଇଛି। ଉକ୍ତ ଚିଠିରେ ମାଓବାଦୀ ବୋଲି ଉଲ୍ଲେଖ ରହିଛି। କ୍ୟାପିଟାଲ ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଏହି କାମକୁ କଣ୍ଟ୍ରାକ୍ଟରଙ୍କ ପକ୍ଷରୁ ଅନ୍ୟକୁ କାମ ଦିଆଯାଇ ଥିଲା। ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତ ଧରାପଡ଼ିବ।

## ୫୫୦ ଲିଟର ମଦ, ୫ ହଜାର ଲିଟର ପୋଚ ଜବତ



କାଳିଆପାଣି: ଜିଲ୍ଲା ଅବକାରୀ ସ୍କ୍ୱାଡ୍ ଓ ବିଭାଗୀୟ ପୁଲିସ ପକ୍ଷରୁ ଆଜି ସୁକିନ୍ଦା ଥାନା ବ୍ରାହ୍ମଣୀ ନଦୀ ଅବବାହିକାର ହରିପୁର ଓ ମଙ୍ଗରାଜ ନଦୀପଠାର ୧୦ ରୁ ଅଧିକ ଚୋରା ମଦଭାଟିରେ ଚଢ଼ଉ କରାଯାଇଥିଲା। ମୋଟ୍ ୫୫୦ ଲିଟର ରନ୍ଧା ଦେଶୀ ମହୁଲି ମଦ ଓ ୫ ହଜାର ଲିଟରରୁ ଅଧିକ ମହୁଲ ପୋଚ ଜବତ କରାଯାଇଥିବା ବିଭାଗୀୟ ସୂଚନା ମିଳିଛି। ସଡ଼କ ବ୍ୟବସ୍ଥା ନଥିବା ଜଙ୍ଗଲିଆ ପରିବେଶ ଓ ଆଖୁ କିଆରି ପାଖରେ ଜଳୁଥିଲା ବେଆଇନ ମଦ ଭାଟି। ହଜାର ଲିଟର କ୍ଷମତା ବିଶିଷ୍ଟ ବଡ଼ବଡ଼ ପ୍ଲାଷ୍ଟିକ୍ ଡ୍ରମ୍‌ରେ ମହୁଲ ପୋଚ ରଖାଯାଇଥିଲା। ୩୦ରୁ ଅଧିକ ବ୍ୟକ୍ତି ମଦରନ୍ଧା କାର୍ଯ୍ୟରେ ନିୟୋଜିତ ଥିଲେ। ଅଧୀକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ୍ ସୁକିନ୍ଦାର ଅତିରିକ୍ତ ତହସିଲଦାର ନିର୍ମଳ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମିଳିତ ପୁଲିସ ବାହିନୀ ୩ କିଲୋମିଟର ଚାଲିଚାଲି ଚଢ଼ଉ କରିଥିଲେ। ମାଫିଆ ଓ ସହଯୋଗୀ ସୂଚନାପାଇ ଘଟଣାସ୍ଥଳରୁ ଖସି ପଳାଇଥିଲେ। ବହୁ ପରିମାଣର ମଦ, ପୋଚ, ଆଲୁମିନିଅମ ଡେକ୍‌ଚି, ଭାଟି ସରଞ୍ଜାମ ଓ ଡ୍ରମ୍ ବୋହି ଆଣିବା କଷ୍ଟକର ଥିବାରୁ ବିଭାଗୀୟ ମୁଖ୍ୟଙ୍କ ନିର୍ଦ୍ଦେଶରେ ସେସବୁକୁ ସେହିଠାରେ ପୋଡ଼ାଯାଇ ଓ ଢଳାଯାଇ ନଷ୍ଟ କରାଯାଇଥିଲା। ଏସ୍‌ଆଇ ଅଜୟ ନାୟକ, ଡୋଲିପୁର ଥାନାର ଭାରପ୍ରାପ୍ତ ଅଧିକାରୀ ରାମେଶ୍ୱର ମହାନ୍ତି, ସୁକିନ୍ଦା ଅବକାରୀ ଓ ଏପିଆର ପୁଲିସ ବାହିନୀ ସାମିଲ ଥିଲେ।


### ଓସିଏ ନିର୍ବାଚନକୁ ନେଇ ହାଇକୋର୍ଟରେ ମାମଲା

## ଗ୍ରହଣୀୟତା ଉପରେ ଜାରି ରହିଲା ଶୁଣାଣି

କଟକ(ନିପ୍ର): ଓଡ଼ିଶା କ୍ରିକେଟ୍ ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ ମାମଲା ଉପରେ ଗୁରୁବାର ବି ପୂର୍ଣ୍ଣାଙ୍ଗ ଶୁଣାଣି ହୋଇପାରିଲା ନାହିଁ । ବରଂ ଦାୟର ମାମଲାର ଗ୍ରହଣୀୟତାକୁ ନେଇ ଶୁଣାଣି ଜାରି ରହିଛି । ଆବେଦନକାରୀ ତଥା ଖ୍ୟାତନାମା ରଣଜୀ ଖେଳାଳି ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ହାଇକୋର୍ଟରେ ଏଭଳି ଏକ ରିଟ୍ ଆବେଦନ କରିପାରିବେ କି ନାହିଁ, ତାକୁ ନେଇ ଆଜି ପ୍ରତିପକ୍ଷ ଯୁକ୍ତି ଉପସ୍ଥାପନ କରିଛନ୍ତି । ନିଜ ଯୁକ୍ତିରେ ସେ ଦର୍ଶାଇଛନ୍ତି କି ଆବେଦନକାରୀ ଲଲାଟେନ୍ଦୁ ମହାପାତ୍ର ଓସିଏ ସାଧାରଣ ପରିଷଦର ସଦସ୍ୟ ନୁହନ୍ତି । ଏପରିକି ସେ ଯେଉଁ କ୍ଲବକୁ ପ୍ରତିନିଧିତ୍ୱ କରୁଛନ୍ତି, ୧୦ ବର୍ଷ ହେଲା ସେହି କ୍ରିକେଟ କ୍ଲବର କର୍ମକର୍ତ୍ତା ନିର୍ବାଚନ ହୋଇନାହିଁ । ସେହିପରି ଓସିଏ ଭଳି ଏକ କ୍ରୀଡ଼ା ସଂଗଠନ ବିରୁଦ୍ଧରେ ରିଟ୍ ଆବେଦନ କରାଯାଇ ପାରିବନାହିଁ ବୋଲି ମଧ୍ୟ ପ୍ରତିପକ୍ଷ ଯୁକ୍ତି ଦର୍ଶାଇଛନ୍ତି । ମାମଲାର ଗ୍ରହଣୀୟତା ନେଇ ପ୍ରତିପକ୍ଷଙ୍କ ପକ୍ଷରୁ ପ୍ରମୁଖ ଆଇନଗତ ଯୁକ୍ତି ଉପସ୍ଥାପନ କରାଯାଇଛି । ଓସିଏ ଏକ ପଞ୍ଜୀକୃତ ସୋସାଇଟି ହୋଇଥିବାରୁ ଏବଂ ଏହି ବିବାଦ ସଂସ୍ଥାର ଆଭ୍ୟନ୍ତରୀଣ ପରିଚାଳନା ସମ୍ବନ୍ଧୀୟ ହୋଇଥିବାରୁ ଏହା ବିରୋଧରେ ରିଟ୍ ଆବେଦନ ଗ୍ରହଣୀୟ ନୁହେଁ ବୋଲି ପ୍ରତିପକ୍ଷ ଓକିଲ ଅଦାଲତରେ ଯୁକ୍ତି ଦର୍ଶାଇଛନ୍ତି। ଗତ ବର୍ଷ ସେପ୍ଟେମ୍ବର ମାସରେ ଓସିଏ ବା ଓଡ଼ିଶା କ୍ରିକେଟ୍ ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ ହେବାର ଥିଲା । ତେବେ ବିଭିନ୍ନ କାରଣ ବଶତଃ ନିର୍ବାଚନ ହୋଇ ପାରୁନାହିଁ । ଯାହାକୁ ଚ୍ୟାଲେଞ୍ଜ କରି ଲଳିତେନ୍ଦୁ ବିଦ୍ୟାଧର ହାଇକୋର୍ଟରେ ମାମଲା ଦାୟର କରିଛନ୍ତି । ଓସିଏ ପକ୍ଷରୁ ଦର୍ଶାଯାଇଛି ଯେ, ନିର୍ବାଚନ ସ୍ଥଗିତ ରଖିବା ଏବଂ ବର୍ତ୍ତମାନର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ବୃଦ୍ଧି ନିଷ୍ପତ୍ତି ସଂସ୍ଥାର ସାଧାରଣ ପରିଷଦ ବୈଠକରେ ବହୁମତ ଆଧାରରେ ଗ୍ରହଣ କରାଯାଇଛି। ଓସିଏ ଏକ ସ୍ୱୟଂଶାସିତ ସୋସାଇଟି ହୋଇଥିବାରୁ ଏହାର ଆଭ୍ୟନ୍ତରୀଣ ନିଷ୍ପତ୍ତି ବିରୋଧରେ ସିଧାସଳଖ ହାଇକୋର୍ଟରେ ରିଟ୍ ପିଟିସନ ମାଧ୍ୟମରେ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। କଟକସ୍ଥିତ ସନରାଇଜ୍ କ୍ଲବ୍ ଏବଂ ଓସିଏ କାଉନସିଲ ସଦସ୍ୟ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ପକ୍ଷରୁ ଦାୟର ଆବେଦନରେ ଓସିଏ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଛି। ସମୟସୀମା ଶେଷ ହେବା ସତ୍ତ୍ୱେ ନିର୍ବାଚନ ନ କରାଇ ପଦବୀ ବଜାୟ ରଖିବା ନିୟମ ବିରୁଦ୍ଧ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଏହି ମାମଲାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପୂର୍ବରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ସ୍ପଷ୍ଟ କରିସାରିଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ, ଲୋଧା କମିଟି ସୁପାରିସ ଏବଂ ନିଜସ୍ୱ ବାଇ-ଲ' ଅନୁଯାୟୀ ଓସିଏ ତୁରନ୍ତ ନିର୍ବାଚନ କରାଇବା ଆବଶ୍ୟକ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାରକୁ ଧାର୍ଯ୍ୟ କରିଛନ୍ତି।

## ୩ କାର୍ ଦୁର୍ଘଟଣା

ହିଞ୍ଜିଳିକାଟୁ(ନିପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ଚୈତନ୍ୟପଡା ଛକରେ ଗୁରୁବାର ରାତିରେ ୩ଟି କାର୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୪/୫ ଜଣ ଆହତ ହୋଇଥିବା ଜଣାପଡିଛି। ଖବର ଲେଖା ସୁଦ୍ଧା ଆହତଙ୍କ ପରିଚୟ ମିଳିପାରିନାହିଁ। ସେମାନଙ୍କ ମଧ୍ୟରୁ ଜଣେ ଆହତଙ୍କୁ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୩/୪ ଜଣ ଆହତ ବ୍ରହ୍ମପୁର ମେଡିକାଲକୁ ଯାଇଥିବା ଜଣାପଡିଛି। ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା



ଆହତ ଜଣଙ୍କ ହେଲେ ଆସିକା ଥାନା ଝଗଡେଇ ଗ୍ରାମର ଡି. କିଶାନ ପାତ୍ର ବୋଲି ଜଣାପଡିଛି। ସୂଚନା ପ୍ରକାରେ, ଗୁରୁବାର ରାତି ପ୍ରାୟ ୮ ଘଣ୍ଟା ସମୟରେ ଆସିକା ଠାରୁ ଛତ୍ରପୁର ଅଭିମୁଖେ ଯାଉଥିବା ଏକ କାର (ଓଡି୦୭ଏଟି ୧୦୦୮) ସହ ବ୍ରହ୍ମପୁର ଠାରୁ ଆସିକା ଅଭିମୁଖେ ଯାଉଥିବା ଏକ କାର (ଓଡି୦୨ଡିକେ ୬୮୪୮) ମଧ୍ୟରେ ହିଞ୍ଜିଳି ଥାନା ଚୈତନ୍ୟପଡା ଛକ ନିକଟରେ ମୁହାଁମୁହିଁ ଧକ୍କା ଘଟିଥିଲା। ସେହିପରି ବ୍ରହ୍ମପୁର ଠାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଅନ୍ୟ ଏକ କାର (ଓଡି୦୨ସିଏମ ୫୬୬୬) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ଉଭୟ କାରକୁ ଧକ୍କା ଦେଇଥିଲା । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ।

# ଭାରତ-ଶ୍ରୀଲଙ୍କା ୨ୟ ଟେଷ୍ଟ ଅମୀମାଂସିତ




ନୂଆଦିଲ୍ଲୀ, ୨୭/୮: ଶ୍ରୀଲଙ୍କାର ରାଜଧାନୀ କଲମ୍ବୋଠାରେ ଚାଲିଥିବା ଭାରତ-ଶ୍ରୀଲଙ୍କା ୨ୟ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଛି । ଶ୍ରୀଲଙ୍କା ୪୨୯/୯ ରନରେ ଦ୍ୱିତୀୟ ପାଳି ଘୋଷଣା କରିବା ପରେ ଉଭୟ ଦଳର ଅଧିନାୟକଙ୍କ ନିଷ୍ପତି କ୍ରମେ ମ୍ୟାଚ୍‌କୁ ଅମୀମାଂସିତ ଭାବେ ଶେଷ କରାଯାଇଥିଲା । ସୋନାଲ ଦିନୁଶା ୧୩୩ ରନ୍ କରି ଅପରାଜିତ ଥିଲେ । ତେବେ ପ୍ରଥମ ଟେଷ୍ଟ ଭାରତ ସପକ୍ଷରେ ଯାଇଥିବାରୁ ଭାରତ ଏହି ୨ ମାସ ବିଶିଷ୍ଟ ଶୃଙ୍ଖଳାକୁ ୧-୦ରେ ହାତେଇ ନେଇଛି । ସୁବ୍‌ମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଥମ ପାଳିରେ ୫୦୩/୯ ରନ୍ ସଂଗ୍ରହ କରି ପାଳି ଘୋଷଣା କରିଥିଲା । ୫୦୩ ରନ୍‌ର ଏହି ବିଶାଳ ସ୍କୋରକୁ ପିଛା କରି ଶ୍ରୀଲଙ୍କା ପ୍ରଥମ ପାଳିରେ ମାତ୍ର ୨୯୦ ରନ୍ କରି ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲା । ତେବେ ଦ୍ୱିତୀୟ ପାଳିରେ ସୋନାଲ ଦିନୁଶାଙ୍କ ଲଢୁଆ ୧୩୩ ରନ୍ ଯୋଗୁ ଶ୍ରୀଲଙ୍କା ନିଶ୍ଚିତ ପରାଜୟରୁ ବର୍ତି ଯାଇଥିଲା । ଶ୍ରୀଲଙ୍କାର ଦ୍ୱିତୀୟ ପାଳି ଘୋଷଣା ପରେ ଉଭୟ ଦଳର ଅଧିନାୟକଙ୍କ ନିଷ୍ପତି କ୍ରମେ ମ୍ୟାଚ୍‌କୁ ଅମୀମାଂସିତ ଘେଷଣା କରାଯାଇଥିଲା ।

## ଦୁବାଇରେ ଆରମ୍ଭ ହେବ ମହିଳା ଏସିଆ କପ୍ କ୍ରିକେଟ୍

ଦୁବାଇ, ୨୭/୮: ମହିଳା ଏସିଆ କପ୍ କ୍ରିକେଟ୍ ଆଜିଠାରୁ ଦୁବାଇରେ ଆରମ୍ଭ ହେବ। ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ୮ ଦଳ ଭାରତ ସହ ବିଜେତା ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ, ଥାଇଲାଣ୍ଡ, ହଂକଂ, ଚୀନ୍, ୟୁଏଇ ଓ ଇଣ୍ଡୋନେସିଆ ଅଂଶଗ୍ରହଣ କରୁଛନ୍ତି। ୨୦୨୪ ଫାଇନାଲ୍‌ରେ ଶ୍ରୀଲଙ୍କାଠୁ ହାରିଥିବା ଭାରତ ଏଥର ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ଚଳିତ ସଂସ୍କରଣରେ ଭାରତ ଗ୍ରୁପ୍-ଏ'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ହଂକଂ ଓ ଥାଇଲାଣ୍ଡ ସହ ରହିଛି। ଭାରତ ରବିବାର ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଶୁକ୍ରବାର ଉଦ୍‌ଘାଟନୀ ମୁକାବିଲାରେ ଥାଇଲାଣ୍ଡ ଓ ହଂକଂ ମୁହାଁମୁହିଁ ହେବେ।



ନବୀନ ନିବାସରେ ରକ୍ଷାବନ୍ଧନ (ଫଟୋ-ଦିନଲିପି)

## ବଳଦେବଜୀଉଙ୍କୁ ଲାଗି ହେଲା ଲକ୍ଷେ ତୁଳସୀ

**କେନ୍ଦ୍ରାପଡ଼ା, ୨୭/୮(ନିପ୍ର):** ପବିତ୍ର ବଳଭଦ୍ର ଜନ୍ମ ଓ ରାକ୍ଷୀ ପୂର୍ଣ୍ଣିମା ବସରରେ ତୁଳସୀକ୍ଷେତ୍ରର ଆରାଧ ମହାପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜିଉ ଗହ୍ମା ଅଭିଷେକ ଓ ଜନ୍ମ ଅଭିଷେକ ବେଶରେ ଦେଇଛନ୍ତି ଦର୍ଶନ। ଜନ୍ମାଭିଷେକ ଉତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ମନ୍ଦିରକୁ ବିଭିନ୍ନ ରଙ୍ଗୀନ ଆଲୋକମାଳା ଓ ପୁଷ୍ପବୃକ୍ଷରେ ସଜ୍ଜିତ କରାଯାଇଥିଲା ଓ ଆଖପାଖ ଅଞ୍ଚଳର ବନ୍ଧୁ ଭକ୍ତ ଓ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ । ପରମ୍ପରା ଅନୁସାରେ, ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପୂର୍ବ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇଥିଲା । ସକାଳ ସାଢ଼େ ୫ଟା ବେଳେ ଶ୍ରୀଜିଉଙ୍କର ପହୁଡ଼ ଫିଟାଯାଇ ପ୍ରଥମେ ମଙ୍ଗଳ ଆଳତି, ନାତିସ୍ନାନ ଏବଂ ଗୋପାଳବଲ୍ଲଭ ଧୂପ ବଢ଼ିଥିଲା। ସକାଳ ୧୦ଟା ସୁଦ୍ଧା ଖେଚୁଡ଼ି ଧୂପ ଅନୁଷ୍ଠିତ ଅନୁଷିତ ହୋଇଥିଲା। ପରେ ୩ ପଣ୍ଡାମାନେ ମହାପ୍ରଭୁଙ୍କୁ ବଡ଼ ଚିତାଲାଗି କରାଇ ନୂତନ ଅଙ୍ଗବସ୍ତ୍ର, ପୁଷ୍ପମାଳରେ ସଜ୍ଜିତ କରିଥିଲେ । ତା' ପରେ ମୋଡ଼ା ମଉଳି ବେଶରେ ସଜ୍ଜିତ କରଯାଇଥୁଲା। ଲକ୍ଷେ ତୁଳସୀରେ ସଜେଇ ହୋଇଥିଲେ ଶ୍ରୀଜିଉ । ପରେ ପରେ ୩ ଠାକୁରଙ୍କୁ କାଠିମୁକୁଟ ଲାଗି କରାଯାଇଥିଲା। ଗହ୍ମା ଅଭିଷେକ ଓ ଜନ୍ମ ଅଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ପୁରୀରୁ ଉଭଣୀ ସୁଭଦ୍ରାଙ୍କ ଦ୍ୱାରା ପ୍ରେରିତ ୨ଟି ପାଟରାକ୍ଷୀ ଶ୍ରୀଜିଉମାନଙ୍କୁ ଅର୍ପଣ କରାଯାଇଥୁଲା । ମହାପ୍ରଭୁଙ୍କ ଅଙ୍ଗଲାଗି ସେବାୟତମାନେ ଏକଲକ୍ଷ ତୁଳସୀ ଅର୍ପଣ କରିଥିଲେ।

## ନେପାଳରେ ନିଖୋଜ ଓଡ଼ିଆ ଦମ୍ପତି



**ଖୋର୍ଦ୍ଧା, ୨୭/୮(ନିପ୍ର):** ନେପାଳରେ ଘଟିଥିବା ବିଭୀଷିକାରେ ଖୋର୍ଦ୍ଧାର ଦମ୍ପତି ନିଖୋଜ । ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜେମାଦେଇ ନିବାସୀ ପ୍ରତାପ ମହାପାତ୍ରଙ୍କ ପୁଅ ସନ୍ଦୀପ ସାହୁ ଏବଂ ତାଙ୍କ ପତ୍ନୀ ଶିଧାର୍ଥୀ ସାହୁ । ସନ୍ଦୀପ ୨୦୧୮ ମସିହାରେ ଅଷ୍ଟ୍ରେଲିଆରେ ଚାକିରୀ କରୁଥିଲେ। ୩ ଦିନ ତଳେ ସେ ଏବଂ ତାଙ୍କ ପତ୍ନୀ ନେପାଳ ବୁଲିବାକୁ ଯାଇଥିଲେ । ନେପାଳର ବନ୍ୟା ଏବଂ ଭୂସ୍ଖଳନରେ ସନ୍ଦୀପ ଯାଉଥିବା ଏକ ବସଟି ଭାସି ଯାଇଥିବାର ଅନୁମାନ କରାଯାଉଛି । ଗୁରୁବାର ସକାଳୁ ବିଭିନ୍ନ ଗଣମାଧ୍ୟମରୁ ତାଙ୍କ ପରିବାର ଲୋକ ଖବର ପାଇବାପରେ ଭାଙ୍ଗି ପଡିଛନ୍ତି । ସନ୍ଦିପ ୨୫ ତାରିଖ ଦିନ ତାଙ୍କ ସାନ ଭାଇଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ହୋଇଥିଲେ । ନେପାଳରେ ବୁଲାବୁଲି କରୁଛନ୍ତି ବୋଲି ସୂଚନା ମଧ୍ୟ ଦେଇଥିଲେ । ସନ୍ଦୀପଙ୍କ ଏଭଳି ଖବର ପାଇବା ପରେ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି, ଶୁଭେଚ୍ଛୁ ସମସ୍ତେ ତାଙ୍କ ଜେମାଦେଇ ସ୍ଥିତ ବାସଭବନକୁ ଯାଇ ସନ୍ଦୀପଙ୍କ ସାନ ଭାଇଙ୍କ ସହ ତାଙ୍କ ପୈତୃକ ବାସଭବନରେ କଥା ହୋଇଥିଲେ । ଆମର ଭାଇକୁ କେନ୍ଦ୍ର ସରକାର ସୁରକ୍ଷିତ ଭାବରେ ଉଦ୍ଧାର କରି ଫେରାଇ ଆଣିବାକୁ ଆମେ ନିବେଦନ କରୁଛୁ ବୋଲି କୋହଭରା କଣ୍ଠରେ ସନ୍ଦୀପଙ୍କ ସାନଭାଇ କହିଛନ୍ତି ।

## ବିଜୁଜନତା ଦଳ ସଂଖ୍ୟା ଲଘୁ ସେଲର ସାଙ୍ଗଠନିକ ଉପସଭାପତି ଭାବେ ନିଯୁକ୍ତ ହେଲେ ଗୋଲବ୍ ଖାଁ

**ନୟାଗଡ, ୨୭/୮(ନିପ୍ର):** ନିକଟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ରାଜ୍ୟ ସଂଖ୍ୟା ଲଘୁ ସେଲର ସାଙ୍ଗଠନିକ ସଭାପତି, କାର୍ଯ୍ୟକାରୀ ସଭାପତି, ପରାମର୍ଶଦାତା, ବରିଷ୍ଠ ସାଧାରଣ ସମ୍ପାଦକ, ସାଧାରଣ ସମ୍ପାଦକ ଓ ସମ୍ପାଦକ ଆଦି କାର୍ଯ୍ୟକାରିଣୀ କମିଟି ନିଯୁକ୍ତ କରିଛନ୍ତି । ସଂଖ୍ୟାଲଘୁ ସେଲର ୨୦୦ରୁ ଉର୍ଦ୍ଧ୍ୱ ନେତା ନେତ୍ରୀମାନଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତ କରିଥିଲାବେଳେ ନୟାଗଡ ଜିଲ୍ଲା ସଂଖ୍ୟାଲଘୁ ସେଲ ପ୍ରାନ୍ତୀୟ ଶାଖା କର୍ମକର୍ତ୍ତା ଭାବେ ଗୋଲାବ ଖାଁ (ଟୁନା ବାବୁ)ଙ୍କୁ ଉପସଭାପତି ପଦ ଦାୟିତ୍ୱ ଦିଆଯାଇଛି । ସେ ନୟାଗଡ଼ ସଦର ଉପକଣ୍ଠ ସିନ୍ଧୁରିଆ ଗ୍ରାମର ଜଣେ ଅଭିଜ୍ଞ ରାଜନୈତିକ ମଙ୍ଗୁଆଳ ଓ ବିଜେଡି ସଂଖ୍ୟାଲଘୁ ସେଲର ଆଗଧାଡିର ନେତା ଭାବେ ଜଣାଶୁଣା ଅଟନ୍ତି । ପୂର୍ବରୁ ଜନତାଦଳ ଏବଂ ପରବର୍ତ୍ତୀ ବିଜୁ ଜନତା ଦଳର ଦୀର୍ଘ ୩୦ବର୍ଷ ଧରି ଜଣେ ସମର୍ପିତ ସଂଗଠକ ଭାବେ କାର୍ଯ୍ୟ କରିଥୁବାରୁ ବିଜେଡି ଦଳର ଆସ୍ଥା ଭାଜନ ହୋଇଛନ୍ତି । ବିଭିନ୍ନ ଅନୁଷ୍ଠାନରେ ସେ ଦକ୍ଷତାର ସହିତ କାର୍ଯ୍ୟଭାର ତୁଲାଇଛନ୍ତି ।

## ସୁବର୍ଣ୍ଣପୁର ସିନିୟର୍ ଫୁଟବଲ୍ ଲିଗ୍

# କୁଡ଼ାପଡା ଏଫ୍‌ସି ଦଳ ୪-୧ ଗୋଲରେ ବିଜୟୀ



**ସୋନପୁର,୨୭/୮(ନିପ୍ର):** ସୁବର୍ଣ୍ଣପୁର ସିନିଅର ଫୁଟବଲ୍ ଲିଗ୍‌ର ବୀର ମହାରାଜପୁର ବ୍ଲକ୍ ଚମ୍ପିଆନ ଦଳ କୁଡାପଡା ଏଫ୍‌ସି ଓ ଡୁଙ୍ଗୁରି ପାଲି ଜୋନ୍ ଚାମ୍ପିଅନ ବଡ଼ କର୍ଲେ ଏଫ୍‌ସି ଦଳ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସଂଘର୍ଷପୂର୍ଣ୍ଣ ଖେଳହୋଇ ଖେଳ ବରାବର ହୋଇଥିଲା । ଶେଷରେ ଟ୍ରାଇ ବ୍ରେକରରେ ବୀରମହାରାଜପୁର ଜୋନ୍ ଚାମ୍ପିଅନ କୁଡ଼ାପଡା ଏଫ୍‌ସି ଦଳ ୪-୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଆଜିର ଏହି ଜୋନ୍ ଚମ୍ପିଆନର ଉଦଘାଟନୀ ଖେଳରେ ମୁଖ୍ୟ ଅତିଥି ଭାବରେ ଭେଟରାନ ଖେଳାଳି ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ଅଇପିଇ ବିଶ୍ୱନାଥ ବାଲାଜୀ, କ୍ରୀଡ଼ା ସଂଘ ଉପଦେଷ୍ଟା ଦିଲ୍ଲୀପ ଗୁରୁ, ଦିଲୀପ ପାତ୍ର, ବଳରାମ ପଟ୍ଟନାୟକ, ଭେଟେରାନ ଖେଳାଳି ଦୁଃଖୀରାମ ନାଏକ୍, ରାକେଶ ନାଗ, ଆଖୁଜ୍ ବକ୍ସି, ନରସିଂହ ରାଓ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ବିଜୟୀ ଦଳ ୧୦ ନମ୍ବର୍ ଜର୍ସି ଗୋବିନ୍ଦ ବିଶ୍ୱାଳଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଞ୍ଜୀବ କୁମାର ସାହୁ ମୁଖ୍ୟ ରେଫରୀ ଭାବେ ଓ ରାଜେଶ୍ ଥନାପତି, ସୁଶାନ୍ତ ବାଗ, ପ୍ରଶାନ୍ତ ସେଠି ଖେଳ ପରିଚାଳନା କରିଥିଲେ । ମ୍ୟାଚ କମିସନର ଭାବେ ଭୁକୁଲୁ ବକ୍ସି ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡ଼ା ସଂଘ ବରିଷ୍ଠ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଦିଗାମ୍ବର ଶତପଥୀ, ସୁଭାଷ ବିଶ୍ୱାଳ, ସଂଜୟ ସାହୁ ସଭା ପରିଚାଳନା ଓ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ପୀୟୂଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମିଠାଜାତୀୟ ଖାଦ୍ୟରେ ବହୁଳ ପରିମାଣରେ ଅପମିଶ୍ରଣ !

**ଆସିକା, ୨୭/୮(ନିପ୍ର):** ରାଜ୍ୟରେ ମିଠା, ଖୁଆ, ଦହି, ପନିର, ଘିଅର ଅପମିଶ୍ରଣ ଏକ ପ୍ରମୁଖ ଘଟଣା ହୋଇଥିଲା ବେଳେ ଆସିକାରେ ମଧ୍ୟ ଏହାର ପ୍ରଭାବ କମ ନୁହଁ। ଆସିକା ମୁନ୍ସିପାଲଟିର ୨୨ଟି ୱାର୍ଡ, ଆସିକା ବ୍ଲକର ୨୨ଟି ପଞ୍ଚାୟତ ତଥା ଏହାର ପଡୋଶୀ ବ୍ଲକର ଜନସାଧାରଣ ଆସିକା ଉପରେ ନିର୍ଭର କରନ୍ତି। କୌଣସି ପର୍ବ ପର୍ବାଣୀରେ ଯେପରି ରାକ୍ଷୀ ପୂର୍ଣ୍ଣିମା, ଦୀପାବଳୀ, ଦଶହରା, କୁମାରପୂର୍ଣ୍ଣିମା ନୂଆବର୍ଷ, ଗଣେଷ ପୂଜା ଆଦି ବିଭିନ୍ନ ପର୍ବରେ ମିଠାର ଚାହିଦା ଅଧିକ ରହିଥାଏ। ଏହାର ଫାଇଦା ଉଠାଇଥାନ୍ତି କିଛି ଅସାଧୁ ବ୍ୟବସାୟୀ। ଆସିକାରେ ମିଠା, ଦହି, ପନିର, ଖୁଆ,ଘିଅର ବହୁଳ ବ୍ୟବହାର ହେଉଥିଲା ବେଳେ ଅସାଧୁ ମୁନାଫା ଖୋର ବ୍ୟବସାୟୀ ଏହି ସବୁ ଖାଦ୍ୟରେ ବହୁଳ ଅପମିଶ୍ରଣ କରୁଥିବା ଜଣାଯାଇଛି। ଆସିକାକୁ ନିକଟସ୍ଥ ଗ୍ରାମଗୁଡିକରୁ ଦୈନିକ ଅବାଧରେ ଶହଶହ କିଲୋ କ୍ଷୀର, ଛେନା ଖୁଆ, ପନିର, ଦହି ଆସୁଥିଲା ବେଳେ ପ୍ରଶାସନ ପକ୍ଷରୁ ଏହାର କୌଣସି ପ୍ରକାର ନମୁନା ପରୀକ୍ଷଣ କରାଯାଉନାହିଁ। ଆସିକା ନିକଟ ଗ୍ରାମ ଗୁଡିକରେ ନାମକୁ ମାତ୍ର ଅଳ୍ପ ସଂଖ୍ୟକ ଗାଇ ମଇଁଷି ରଖି ସେମାନେ ମଧ୍ୟ କ୍ଷୀର, ପନିର, ଦହିରେ ଅପମିଶ୍ରଣ କରି ଶହଶହ ଲିଟର କ୍ଷୀର ଦହି, ଶହ ଶହ କିଲୋ ପନିର, ଖୁଆ ଅବାଧରେ ଆସିକାର ବିଭିନ୍ନ ହୋଟେଲକୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଏହି ଅପମିଶ୍ରିତ କ୍ଷୀର, ପନିର, ଖୁଆରୁ ଶହ ଶହ କୁଇଣ୍ଟାଲ ମିଠା ତିଆର କରି ହୋଟେଲରେ ବିକ୍ରି କରାଯାଉଥିଲା ବେଳେ ଏହି ବାସି ଅପମିଶ୍ରିତ ମିଠାର ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କେବେବି ଯାଞ୍ଚ କରାଯାଉନାହିଁ। ଏହି ମିଠା ଦୋକାନରେ ବିଭିନ୍ନ ଫୁଡ କଲର, ବାସୀ ଖୁଆ, ଛେନା ବ୍ୟବହାର କରି ମିଠା ତିଆରି କରୁଥିଲା ବେଳେ ଏମାନଙ୍କ ଉପରେ କେବେବି ଯାଞ୍ଚ କରାଯାଉନାହିଁ। ଯାହାଫଳରେ ଏହି ଅସାଧୁ ବ୍ୟବସାୟୀ ଅଞ୍ଚଳବାସୀଙ୍କୁ ମିଠା ନାମରେ ଜହର ବିକ୍ରି କରୁଥିବା ଅଭିଯୋଗ ହୋଇଛି। ନୟାଗଡ଼, ଓଡଗାଁ, ମାଛିପଡ଼ା, ଶରଣକୁଳ, ଇଟାମାଟି, କଲ୍ୟାଣପୁର, ମହୀପୁର, ଗଞ୍ଜାମ ବାଲିଶିରା, ଇନ୍ଦନପୁର ଆଦି ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଆଇନକୁ ଖୋଲାଖୋଲି ଉଲଂଘନ କରି ଦୈନିକ ଶହଶହ କୁଇଣ୍ଟାଲ ମିଠା, ଖୁଆ, ଛେନା ମିଠା, ଛେନାପୋଡ଼ ତିଆରି କରି ଏହି ଅପମିଶ୍ରିତ ମିଠା ସରକାରଙ୍କୁ ହଜାର ହଜାର ଟଙ୍କା ଟ୍ୟାକ୍ସ ଫାଙ୍କି ବିଭିନ୍ନ ବସ, ଛୋଟଛୋଟ କଣ୍ଟେନର ଗାଡ଼ିରେ ଆଣି ଆସିକାର ବିଭିନ୍ନ ହୋଟେଲରେ କମ ଦରରେ ବିକ୍ରି କରିଥାନ୍ତି। ଏହି ଅପମିଶ୍ରିତ ମିଠାକୁ ଏହି ଅସାଧୁ ବ୍ୟବସାୟୀମାନେ ଦୁଇ ଗୁଣ ଚଢ଼ା ଦରରେ ଗ୍ରାହକଙ୍କୁ ମିଠା ଜହର ବିକ୍ରି କରୁଥିବା ଅଭିଯୋଗ ହୋଇଛି।



# ଯୁବ ଶକ୍ତିର ଉନ୍ମେଷ ହିଁ ବିକଶିତ ଭାରତର ପରିଚୟ: ସାଂସଦ ଡ. ତରାଇ

**ପୁରୀ,୨୭/୮(ନିପ୍ର):** ଯୁବବର୍ଗ ମଧ୍ୟରେ ଭରି ରହିଛି ଅଫୁରନ୍ତ ପ୍ରତିଭା। ସେହି ପ୍ରତିଭାର ଉନ୍ମେଷ ହେଲେ ବିକଶିତ ଭାରତ ଗଠନରେ ଏହା ସହାୟକ ହେବ ବୋଲି କହିଛନ୍ତି ଜଗତସିଂହପୁର ଲୋକସଭା ସାଂସଦ ଡ ବିଭୁ ପ୍ରସାଦ ତରାଇ। ପୂର୍ବାହ୍ନରେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରୀ ମେରା ଯୁବା ଭାରତ, ଏନଏସଏସ ଓ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ସହଯୋଗରେ ବିକଶିତ ଭାରତ ଯୁବା କନେକ୍ଟ ସ୍ପୋର୍ଟ୍ସ ଏଡିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଲକ୍ଷଲକ୍ଷ ଯୁବବର୍ଗ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଯୁକ୍ତ ହୋଇ ଯୁବ ଶକ୍ତିର ବିକାଶ ଓ କ୍ରୀଡାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଯୁବବର୍ଗ ଆମ ଦେଶର ମୁଖ୍ୟ ସମ୍ବଳ। ସେମାନଙ୍କ ମଧ୍ୟରେ ଯେଉଁ ପ୍ରତିଭାର ଉତ୍ସ ରହିଛି ତାହାର ବିକାଶ ଆମ ସମସ୍ତଙ୍କ ଉତ୍ତର ଦାୟିତ୍ୱ ବୋଲି କହିଥିଲେ। ନିମାପଡା ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଡ ତରାଇ କ୍ରୀଡାର ବିକାଶ, ଭିତ୍ତିଭୂମିର ବିକାଶ, ପ୍ରେରଣା ପାଇଁ ସରକାର ବଜେଟରେ ୩୬ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ। ଆଉ ଦୁଇଦିନ ପରେ ହକି ଯାଦୁକର ତଥା ଭାରତର ଶ୍ରେଷ୍ଠ କ୍ରୀଡାବିତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ। ସେ ଆମ ଦେଶର ସାମଗ୍ରିକ କ୍ରୀଡାର ମହାନାୟକ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ନେତୃତ୍ୱ ସୃଷ୍ଟି, ପ୍ରତିଭାର ବିକାଶ, କ୍ରୀଡାବିତ ସୃଷ୍ଟି,ସାମାଜିକ ପ୍ରଗତିରେ ଭାଗିଦାର, ଶୃଙ୍ଖଳା ଓ ଚରିତ୍ର ଗଠନ ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ବେଶ ପ୍ରେରଣାଦାୟୀ। ଆଜିର ଯୁବବର୍ଗ ବେଶ ଶିକ୍ଷିତ, ବୈଷୟିକ ଜ୍ଞାନରେ ସମୃଦ୍ଧ, ନୂଆ ନୂଆ ସମ୍ଭାବନାରେ ପରିପୂର୍ଣ୍ଣ। ସେମାନେ ଉପଯୁକ୍ତ ମାର୍ଗଦର୍ଶନ ଓ ପଥ ପ୍ରଦର୍ଶନ ପାଇପାରିଲେ ସମଗ୍ର ବିଶ୍ୱରେ ଆମ ଦେଶକୁ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିପାରିବେ ବୋଲି କହିବା ସହ ଆମେ ପ୍ରତ୍ୟେକଙ୍କ ସମ୍ମିଳିତ ଉଦ୍ୟମରେ ବିକାଶକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

ବୁଗୁଡ଼ା, ୨୭/୮(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥି ଅବସରରେ 'ରକ୍ଷା ବନ୍ଧନ ଉତ୍ସବ' ଅତ୍ୟନ୍ତ ଉତ୍ସାହ ଓ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଚଣ୍ଡୀ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ମଙ୍ଗଳା ମନ୍ଦିରରେ ଗହ୍ମାପର୍ବ

କାକଟପୁର,୨୭/୮(ନିପ୍ର): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରରେ ଗହ୍ମା ପୁର୍ଣିମା ଅବସରରେ ଗହ୍ମା ପର୍ବ ପାଳିତ ହୋଇଯାଇଅଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କର ମଙ୍ଗଳ ଆଳତି, ସ୍ନାନ ମାର୍ଜନା ପରେ ବଲ୍ଲବ ଓ ସକାଳ ଧୂପ ସରିବା ପରେ ଦୁଇ ପ୍ରହର ଧୂପରେ ମା'ଙ୍କୁ ପିଠା ଭୋଗ ଲାଗି କରାଯାଇଥିଲା। ଅପରାହ୍ନରେ ମନ୍ଦିର ଖୋଲାଯିବାପରେ ଉତ୍ତର ଦ୍ୱାର ନିକଟରେ ମାଟିରେ ନିର୍ମିତ ଗହ୍ମା ଅସୁରର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ସେବକ ଓ ଶ୍ରଦ୍ଧାଳୁ ମାନେ ଗହ୍ମାସୁରକୁ ଏଣ୍ଡୁରି ପିଠା ଭୋଗଲାଗି କରିଥାନ୍ତି। ଏଠାରେ ସୂଚନା ଯୋଗ୍ୟକି ଗହ୍ମାସୁରକୁ ଭୋଗଲାଗି କରାଯିବାପରେ ଗହ୍ମାସୁର ପ୍ରତିମୂର୍ତ୍ତିରୁ ମାଟି ନେଇ ବିଭିନ୍ନ ଫଳ ପନିପରିବା ଗଛମୂଳେ ଦେଲେ ଅଧିକ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ: ୨ ପାଇଲଟ ମୃତ



ନୂଆଦିଲ୍ଲୀ,୨୭/୮: କାନପୁର ନିକଟବର୍ତ୍ତୀ ଗଙ୍ଗାନଦୀ କୂଳରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧.୫୦ ମିନିଟ୍‌ରେ ଟ୍ରେନିଂ ପାଇଁ ଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ ଏବଂ କୋ-ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି । ମୃତ ପାଇଲଟ ହେଲେ ଗୁଜରାଟର ସଚ୍ଚିନ ଭାଟିଆ ଏବଂ କୋ ପାଇଲଟ ଜଣକ ହେଲେ କର୍ଣ୍ଣାଟକର ଅଭିଷେକ ପୂଜାରୀ । ଡିଜିସିଏରୁ ମିଳିଥିବା ତଥ୍ୟ ଅନୁଯାୟୀ ୨ ସିଟର୍ ବିଶିଷ୍ଟ ଏହି ବିମାନଟି କାନପୁର ସିଭିଲ ଏୟାରପୋର୍ଟରୁ ୧୧.୩୦ରେ ଉଡ଼ାଣ ଆରମ୍ଭ କରିଥିଲା । ତେବେ ତାଲିମ ସାରି ବେସ୍‌କୁ ଫେରୁଥିବା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ବିମାନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଘଟଣା ସମ୍ପର୍କରେ ସୂଚନା ଦେବାକୁ ଯାଇ କାନପୁର ନଗର ପୁଲିସ କମିଶନର ରଘୁବର ଲାଲ କହିଛନ୍ତି, 'ବିମାନ ଚଳାଉଥିବା ପାଇଲଟ୍‌ଙ୍କର ଦୀର୍ଘ ୩୦୦୦ ଘଂଟା ଏୟାରକ୍ରାଫ୍ଟ ଚଳାଇବାର ଅଭିଜ୍ଞତା ଥିଲା ।

# 'ଗଛ ନୁହେଁ ସେ ଆମ ଭାଇ'



ରେଢ଼ାଖୋଲ, ୨୭/୮(ନିପ୍ର): ଜଣେ ଭାଇ ଯେପରି ସାରା ଜୀବନ ନିଜ ଭଉଣୀକୁ ସବୁ ବିପଦରୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଗଛ ମଧ୍ୟ ମାନବ ସମାଜକୁ ଆଜୀବନ ଜୀବନଦାନ ଦେଇଥାଏ। ଏହି ଭାବନାକୁ ନେଇ ଗରଗଡବାହାଲ ପଞ୍ଚାୟତ ଅନ୍ତର୍ଗତ ଲେମଟିଦାଦର୍ ଗାଁରେ ଦେଖିବାକୁ ମିଳିଛି ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ଓ ପ୍ରେରଣାଦାୟୀ ଦୃଶ୍ୟ। ଏଠାରେ ଗଛକୁ କେବଳ ଏକ ଉଦ୍ଭିଦ ନୁହେଁ, ବରଂ ପରିବାରର ଜଣେ ସଦସ୍ୟ ତଥା ନିଜର ସାନ-ବଡ଼ ଭାଇ ଭାବେ ଗ୍ରହଣ କରି ରାକ୍ଷୀ ବାନ୍ଧିଛନ୍ତି ଗାଁର ମହିଳା ଓ ଭଉଣୀମାନେ। ଗଛ ଆମକୁ ଜୀବନଧାରଣ ପାଇଁ ଅମୂଲ୍ୟ ଅମ୍ଳଜାନ ଯୋଗାଇ ଦେଉଥିବା ବେଳେ ଆମଠାରୁ ଅଙ୍ଗାରକାମ୍ଳ ଗ୍ରହଣ କରି ପ୍ରକୃତିର ସୌନ୍ଦର୍ଯ୍ୟ ଓ ସନ୍ତୁଳନ ରକ୍ଷା କରିଥାଏ। ଖରା, ବର୍ଷା ଓ ଶୀତର ଦାଉରୁ ରକ୍ଷା କରିବା ସହ ଜାଳେଣି କାଠଠାରୁ ଆରମ୍ଭ କରି ନାନାଦି ଜଙ୍ଗଲଜାତ ଦ୍ରବ୍ୟ ଯୋଗାଇ ଆମ ପରିବାର ପ୍ରତିପୋଷଣରେ ସହାୟକ ହୋଇଥାଏ। ତେଣୁ ଏହି ସ୍ନେହୀ ଗଛଗୁଡ଼ିକୁ ଭାଇର ଆଖ୍ୟା ଦେଇ ସେମାନଙ୍କୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ବୋଲି ଗାଁର ମହିଳାମାନେ ପ୍ରକାଶ କରିଛନ୍ତି। ଲେମଟିଦାଦର ଗାଁର ମା' ଓ ଭଉଣୀମାନେ ଗତ ୩୦ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ଗାଁ ଜଙ୍ଗଲକୁ ଜଗିରଖି ସୁରକ୍ଷା ଦେଇ ଆସୁଛନ୍ତି। ପ୍ରତିବର୍ଷ ରକ୍ଷାବନ୍ଧନର ଶୁଭ ଅବସରରେ ଗାଁର ସମସ୍ତ ମହିଳା ମିଶି ଜଙ୍ଗଲକୁ ଯାଆନ୍ତି ଏବଂ ଗଛଗୁଡ଼ିକରେ ରାକ୍ଷୀ ବାନ୍ଧି ସେଗୁଡ଼ିକର ରକ୍ଷା କରିବାର ଅଙ୍ଗୀକାରବଦ୍ଧତାକୁ ଦୋହରାନ୍ତି। ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ଏହି ଆତ୍ମୀୟତା ଏବଂ ଗ୍ରାମବାସୀଙ୍କ ଏହି ଅନନ୍ୟ ପରମ୍ପରା ଆଜିର ସମାଜ ପାଇଁ ପରିବେଶ ସୁରକ୍ଷାର ଏକ ମହାନ ବାର୍ତ୍ତା ଦେଇଛନ୍ତି ଗ୍ରାମବାସୀ ମହିଳା ମାନେ ।

## ଏସ୍‌ସିବି ମେଡିକାଲ୍‌ରେ ବଡ଼ ଘୋଟାଲା...

# ୧ କୋଟି ୪୦ ଲକ୍ଷ ଟଙ୍କାର ଆର୍ଥିକ ହେରଫେର !



**କଟକ, ୨୭/୮(ନିପ୍ର):** ଏସ୍‌ସିବି ମେଡିକାଲରେ ବଡ଼ ଘୋଟାଲା। ଗତ ୧୦ ବର୍ଷ ଭିତରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଟିଏ, ଡିଏ, ଏରିଅର, ଷ୍ଟଡି ଟୁର ମାଟର୍ନିଟି ଲିଭ୍ ଇତ୍ୟାଦି ବାବାଦକୁ ୧ କୋଟି ୪୦ ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଅଡିଟ ବେଳେ ଜଣାପଡିଛି । ଏହି ଘଟଣାକୁ ଖୋଦ୍ ଏସ୍‌ସିବି ଅଧୀକ୍ଷକ ସ୍ୱୀକାର କରିଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଧୀକ୍ଷକ କହିଛନ୍ତି। କଟକ ବଡ଼ ମେଡିକାଲର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଗତ ୧୦ ବର୍ଷ ଭିତରେ ବଡ଼ ଧରଣର ଆର୍ଥିକ ହେରଫେର ହୋଇଛି। ଏହି ଟଙ୍କା ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବା ବଦଳରେ ଚଞ୍ଚକତା କରି ହଡ଼ପ କରାଯାଇଛି। କ୍ଷତିଗ୍ରସ୍ତ କର୍ମଚାରୀମାନେ ଏହାର ଟେର୍ ପାଇନଥିଲେ। ଆକାଉଣ୍ଟାଣ୍ଟ ଜେନେରାଲ (ଏଜି)ଙ୍କ ଅଡିଟ୍ ସମୟରେ ଏଭଳି ହେରଫେର ଧରାପଡ଼ିଥିଲା। ଏନେଇ ଏସ୍‌ସିବି ଅଧୀକ୍ଷକଙ୍କୁ ଗତ ସପ୍ତାହରେ ଚିଠି ଲେଖିଛନ୍ତି ଏଜି। ଏହି ଘଟଣା ପରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ନିୟମ ଅନୁଯାୟୀ ଏସ୍‌ସିବିର ସମସ୍ତ କର୍ମଚାରୀଙ୍କ ଦରମା ମିଳିବା ପୂର୍ବରୁ ଡାଟା ଏଣ୍ଟ୍ରି ଅପରେଟର ଏହାକୁ କମ୍ପ୍ୟୁଟରରେ ଏଣ୍ଟ୍ରି କରିବା ପରେ ଡିଲିଂ ଆସିଷ୍ଟାଣ୍ଟ ଯାଞ୍ଚ କରିଥାନ୍ତି। ଆକାଉଣ୍ଟାଣ୍ଟ ଓ କ୍ୟାସିଅରଙ୍କ ମାଧ୍ୟମରେ ଏହା ଡିଡିଓଙ୍କ ନିକଟରେ ପହଞ୍ଚିଥାଏ। ଡିଡିଓ ଏହାକୁ ଅନୁମୋଦନ କରିବା ପରେ ଟ୍ରେଜେରିକୁ ଯାଇଥାଏ। ଟ୍ରେଜେରି ପକ୍ଷରୁ ଏହାକୁ ଯାଞ୍ଚ କରିବା ପରେ ପବ୍ଲିକ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ ମାଧ୍ୟମରେ ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଟଙ୍କା ଯାଇଥାଏ। ଏତେ ସବୁ ବାଟ ଦେଇ ଟଙ୍କା ଯେତେବେଳେ କର୍ମଚାରୀମାନଙ୍କ ପାଖକୁ ଆସୁଛି ତା ଭିତରେ ଏଭଳି ଟଙ୍କା ହଡ଼ପ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଘଟଣାକୁ ଏସସିବି ଅଧୀକ୍ଷକ ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ସ୍ୱୀକାର କରିଛନ୍ତି।

## କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ରେଭେନ୍ସା ଶିକ୍ଷକ ସଂଘ

କଟକ, ୨୭/୮(ନିପ୍ର): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଇଷ୍ଟ ହଷ୍ଟେଲ ଛାତ୍ରଙ୍କ ଆନ୍ଦୋଳନକୁ ନେଇ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ହସ୍ତକ୍ଷେପ ଓ ମୁଖ୍ୟ ୱାର୍ଡେନଙ୍କୁ ଦୁର୍ବ୍ୟବହାର ପାଇଁ ସୃଷ୍ଟି ହୋଇଥିବା ଅଚଳାବସ୍ଥାରୁ ରେଭେନ୍ସା ଶିକ୍ଷକ ସଂଘରେ ସୃଷ୍ଟି ହୋଉଥିଲା ଫାଟ । ଏହାପରେ ରେଭେନ୍ସା ଶିକ୍ଷକ ସଙ୍ଘ ବା ରୁଟାରୁ ବାହାରି କେତେକ ଅଧ୍ୟାପକ ଏକ ନୂତନ ଶିକ୍ଷକ ପରିଷଦ ଗଠନ କରିଥିଲେ। ଏହା ଶିକ୍ଷକ ଏକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଗୁରୁବାର ରୁଟାର ବୈଠକ ବସି ଶୁକ୍ରବାର ରାକ୍ଷୀପୂର୍ଣ୍ଣିମା ଅବସରରେ ସମସ୍ତ ସଦସ୍ୟ ଅଧ୍ୟାପକ ସମୂହ ଛୁଟି ନେଇ କଳାବ୍ୟାଜ ପରିଧାନ କରି ସକାଳ ୧୦ଟାରୁ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ